

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-119 ♦SUNDAY ♦26 OCTOBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୧୯ ♦ରବିବାର ♦୨୬ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


# କାକିନାଡ଼ାରେ ମାଡ଼ହେବ ମୋନ୍ଥା!

## ୨୮ରେ ଲ୍ୟାଣ୍ଡଫଲ୍‌; ୯୦ରୁ ୧୦୦ କିମି ବେଗରେ ବହିବ ପବନ

■ **ଭୁବନେଶ୍ୱର, ୨୫।୧୦ (ସମିସ):** ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଶୁକ୍ରବାର ସୃଷ୍ଟ ଲଘୁଚାପ ଅବପାତର ରୂପ ନେଇ ଆନ୍ଧ୍ର ଉପକୂଳ ଆଡ଼କୁ ମାଡ଼ି ଆସୁଛି। ଆସନ୍ତା ୨୭ ତାରିଖ ସୋମବାର ସକାଳେ ଏହା ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'ର ରୂପ ନେବ ଏବଂ ୨୮ ତାରିଖ ସନ୍ଧ୍ୟା ସୁଦ୍ଧା ଆନ୍ଧ୍ର ପ୍ରଦେଶର ମଛଲିପଟ୍ଟନମ୍‌-କ କିଙ୍ଗ ପ ଟ୍ଟ ନ ମ୍‌ ମଧ୍ୟରେ କାକିନାଡ଼ା ନିକଟରେ ସ୍ଥଳଭାଗ ଛୁଇଁବ। (ଲ୍ୟାଣ୍ଡଫଲ୍‌) ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପାଣିପାଗ ବିଭାଗର ଏହି ପ୍ରାଥମିକ ଆକଳନ ପରେ ସମ୍ଭାବ୍ୟ ବାତ୍ୟାର ଗତିପଥକୁ ନେଇ ଆପାତତଃ ଦ୍ୱନ୍ଦ୍ୱ ଦୂର ହୋଇଛି।



### ୨୭ରୁ ୩୦ ତାରିଖ ଯାଏଁ ଓଡ଼ିଶାରେ ପ୍ରବଳ ବର୍ଷା

କେନ୍ଦ୍ରର ସୂଚନା ଅନୁଯାୟୀ, ଅବପାତଟି ଶନିବାର ସକାଳ ୧୧ଟା ୩୦ ମିନିଟ ସୁଦ୍ଧା ପୋର୍ଟ ବ୍ଲେୟରଠାରୁ ୪୬୦ କିମି ପଶ୍ଚିମ-ଦକ୍ଷିଣ ଦିଗରେ, କାକିନାଡ଼ାଠାରୁ ୯୭୦ କିମି ଦକ୍ଷିଣ-ପୂର୍ବ ଦିଗରେ ଏବଂ ଗୋପାଳପୁରଠାରୁ ୧୦୩୦ କିମି ଦକ୍ଷିଣ-ପୂର୍ବ ଦିଗରେ ରହିଛି। ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ କ୍ରମଶଃ ପଶ୍ଚିମକୁ ଘଣ୍ଟାପ୍ରତି ୭ କିଲୋମିଟର ଦିଗରେ ଗତି କରୁଛି। ଆସନ୍ତାକାଲି ୨୬ ତାରିଖ ସୁଦ୍ଧା ଏହା ଗଭୀର ଅବପାତ ଓ ୨୭ ତାରିଖ ସକାଳ ସୁଦ୍ଧା ଦକ୍ଷିଣ-ପଶ୍ଚିମ ଓସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସାମୁଦ୍ରିକ ଝଡ଼ରେ ପରିଣତ ହେବାର ସମ୍ଭାବନା ରହିଛି। ପରେ ଏହା ଉତ୍ତର-ପଶ୍ଚିମ ଓ ଉତ୍ତର-ଉତ୍ତର-ପଶ୍ଚିମ ଦିଗରେ ଗତି କରି ୨୮ ତାରିଖ ସକାଳ ସୁଦ୍ଧା ଏକ ଭୀଷଣ ସାମୁଦ୍ରିକ ଝଡ଼ରେ ପରିଣତ ହୋଇ ରାତି ସୁଦ୍ଧା କାକିନାଡ଼ା ନିକଟରେ ସ୍ଥଳଭାଗ ଛୁଇଁପାରେ ବୋଲି ପୂର୍ବାନୁମାନ କରାଯାଇଛି। ସମ୍ଭାବ୍ୟ ବାତ୍ୟା ସ୍ଥଳଭାଗ ଛୁଇଁବା ବେଳେ ପବନର ବେଗ ୯୦ରୁ ୧୦୦ କିଲୋମିଟର ମଧ୍ୟରେ ରହିବ। ସ୍ଥଳବିଶେଷରେ ଝଟ୍‌କା ପବନର ବେଗ ୧୧୦ କିମି ବେଗରେ ପବନ ବହିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି।

ବାତ୍ୟା ପ୍ରଭାବରେ ଆନ୍ଧ୍ର-ଓଡ଼ିଶା ଉପକୂଳ ଓ ଏହା ସଂଲଗ୍ନ କେତେକ ଜିଲ୍ଲା ସହ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ପ୍ରବଳ ବର୍ଷା ହେବ। ଏପରିକି କେତେକ ଜିଲ୍ଲାରେ ପବନ ସହ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ତେବେ ୨୮ ଓ ୨୯ ▶ପୃଷ୍ଠା-୭

## ପ୍ରଭାବିତ ହେବ ଓଡ଼ିଶାର ୧୫ ଜିଲ୍ଲା

■ **ଭୁବନେଶ୍ୱର, ୨୫।୧୦ (ସମିସ):** ସମ୍ଭାବ୍ୟ ବାତ୍ୟା ମୋନ୍ଥା ଦ୍ୱାରା ରାଜ୍ୟର ୧୫ଟି ଜିଲ୍ଲା ପ୍ରଭାବିତ ହେବାର ଆଶଙ୍କା ରହିଛି। ଅତୀତର ଅନୁଭବ ଓ ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ସରକାର ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ବାତ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

**ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ରାଜସ୍ୱ ମନ୍ତ୍ରୀ**

**୯ ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍‌**

ଶନିବାର ସ୍ଥାନୀୟ ରାଜୀବ ଭବନଠାରେ ସମ୍ଭାବ୍ୟ ବାତ୍ୟାର ପୂର୍ବ ପ୍ରସ୍ତୁତି ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମନ୍ତ୍ରୀ ଶ୍ରୀ ପୂଜାରୀ, ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂ ସମ୍ଭାବ୍ୟ ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କ ସହ ବାତ୍ୟା ପୂର୍ବ ପ୍ରସ୍ତୁତି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ବୈଠକ ପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ ସମ୍ଭାବ୍ୟ ବାତ୍ୟାର ପ୍ରଭାବରେ ୨୭, ୨୮ ଓ ୨୯ ତାରିଖ ବେଳକୁ ଦକ୍ଷିଣ ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ। ଏଥିରେ ରାଜ୍ୟର ୧୫ଟି ଜିଲ୍ଲା ପ୍ରଭାବିତ ହେବାର ଆଶଙ୍କା ରହିଛି। ମୁକାବିଲା ସ୍ୱରୂପ, ଏନ୍‌ଡିଆର୍‌ଏଫ୍‌, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀକୁ ସଜାଗ ରଖାଯାଇଛି। ସରକାର କୃଷି, ଜଳସମ୍ପଦ, ଶକ୍ତି, ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ, ସମବାୟ, ▶ପୃଷ୍ଠା-୭



# ଇନ୍ଦୋରରେ ଲଜ୍ଜା

## ଅଷ୍ଟ୍ରେଲିଆ ମହିଳା କ୍ରିକେଟର୍‌ଙ୍କୁ ଅସଦାଚରଣ

■ **ଇନ୍ଦୋର, ୨୫।୧୦ (ଏଜେନ୍ସି):** ଭାରତରେ ବିଶ୍ୱକପ୍ କ୍ରିକେଟ ଖେଳିବାକୁ ଆସିଥିବା ଅଷ୍ଟ୍ରେଲିଆ ଦଳର ଦୁଇ ଜଣ ମହିଳା ଖେଳାଳି ଅସାଦଚରଣର ଶିକାର ହୋଇଛନ୍ତି। ଇନ୍ଦୋରରେ ଗତ ଗୁରୁବାର ହୋଇଥିବା ଏହି ଘଟଣାରେ ସଂପୃକ୍ତ ଯୁବକକୁ ଗିରଫ କରାଯାଇଛି। ତେବେ ଏହାକୁ ନେଇ ଲଜ୍ଜାଜନକ ପରିସ୍ଥିତି ପରିସ୍ଥିତି ସୃଷ୍ଟି ହୋଇଛି। ବିସିସିଆଇ ଏହାର ଘୋର ନିନ୍ଦା କରିଥିଲା ବେଳେ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟପ୍ରଦେଶ ସରକାରଙ୍କ ନିକଟରେ ଦାବି କରିଛି।


ମିଳିଥିବା ରିପୋର୍ଟ ଅନୁଯାୟୀ ଅଷ୍ଟ୍ରେଲୀୟ ଖେଳାଳି ହୋଟେଲ ବାହାରକୁ ଗୁରୁବାର ବୁଲିବାକୁ ଯାଇଥିଲେ। ଦିନ ୧୧ଟା ବେଳେ ଖେଳାଳିମାନେ ହୋଟେଲ ନିକଟରୁ ୩ କିଲୋମିଟର ଦୂର ଖଜରାନା ରୋଡ୍‌ରେ ଥିବା ଏକ କାଫେକୁ ଚାଲିଚାଲି ଯାଉଥିଲେ। ଏହି ସମୟରେ ମୋଟର ସାଇକଲରେ ଜଣେ ଯୁବକ ଦୁଇ ଜଣ ଖେଳାଳିଙ୍କ ନିକଟକୁ ଆସି ସେମାନଙ୍କୁ ସ୍ପର୍ଶ କରିବାକୁ ଉଦ୍ୟମ କରିଥିଲା। ଅନ୍ୟ ଖେଳାଳି ଓ ସୁରକ୍ଷା କର୍ମୀ ଏହାର ବିରୋଧ କରିବାରୁ ଯୁବକ ଜଣକ ସେଠାରୁ ପଳାଇଥିଲା।

ଏହି ଘଟଣା ପରେ ଖେଳାଳିମାନେ ଅଷ୍ଟ୍ରେଲିଆ ଟିମ୍‌ର ସିକ୍ୟୁରିଟି ମ୍ୟାନେଜର ଡାନି ସିମନ୍ସଙ୍କୁ ଜଣାଇଥିଲେ। ସିମନ୍ସ ସ୍ଥାନୀୟ ଏମ୍‌ଆଇଜି ପୁଲିସ ଥାନାରେ ଏଫଆଇଆର୍‌ ଦେଇଥିଲେ। ଏଫଆଇଆର ପାଇବା ପରେ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତ ଆକିଲ ଖାନ୍‌କୁ ଗିରଫ କରିଛି। ତା ବିରୋଧରେ ଭାରତୀୟ ▶ପୃଷ୍ଠା-୭

**ଟ୍ରମ୍ପଙ୍କୁ ସଟ୍‌ଡାଉନ୍ ଅଡୁଆ**

## ବନ୍ଧୁଙ୍କ ଅର୍ଥରେ ସେନାକୁ ଦେଲେ ଦରମା

■ **ୱାସିଂଟନ, ୨୫।୧୦ (ଏଜେନ୍ସି):** ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜଣେ ବନ୍ଧୁଙ୍କ ସହାୟତାରେ ଆମେରିକା ସେନାବାହିନୀକୁ ଦରମା ଦିଆଯାଇଛି। ଆମେରିକାର ଚାଲିଥିବା ସଟ୍‌ଡାଉନ୍ କାରଣରୁ ଏବେ ସରକାରଙ୍କ ପାଖରେ ଅର୍ଥ ନାହିଁ। ସେନାବାହିନୀକୁ ଦରମା ଦେବା ପାଇଁ ଟ୍ରମ୍ପଙ୍କ ବନ୍ଧୁଙ୍କ ସହାୟତାରେ 'ଗୁପ୍ତଦାନ' କରାଯାଇଛି ବୋଲି ଆମେରିକା ପ୍ରତିରକ୍ଷା ମନ୍ତ୍ରଣାଳୟ ପେଣ୍ଟାଗନ୍ ତରଫରୁ ଶୁକ୍ରବାର କୁହାଯାଇଛି। ୧୩୦ ନିୟୁତ ଆମେରିକୀୟ



ଡଲାର (ପାଖାପାଖି ୧ ୧୧୦ କୋଟି ଟଙ୍କା) ଗୁପ୍ତଦାନ ମାଧ୍ୟମରେ ମିଳିଛି ବୋଲି ପେଣ୍ଟାଗନ ସ୍ପଷ୍ଟ କରିଛି। ଟ୍ରମ୍ପଙ୍କ ଜଣେ ଅଜଣା ବନ୍ଧୁ ଏହି ଦାନ ଦେଇଛନ୍ତି। ସଟ୍‌ଡାଉନ କାରଣରୁ ସରକାର ସେନାକୁ ଦରମା ଦେଇପାରୁ ନଥିବାରୁ ଏହି ଗୁପ୍ତ ଦାନ ଗ୍ରହଣ କରାଯାଇଛି। ଗୁରୁବାର ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ଏ ନେଇ ସମସ୍ତଙ୍କୁ ଅବଗତ କରାଇଥିଲେ ଓ ଦାନ ଦେଇଥିବା ବ୍ୟକ୍ତିଙ୍କୁ ଦେଶଭକ୍ତ ବୋଲି କହିଥିଲେ। ତେବେ ସେ ତାଙ୍କର ଏହି ବନ୍ଧୁଙ୍କ ▶ପୃଷ୍ଠା-୭

## କାମ କରୁନି ଆର୍‌ବିଆଇର ନୂଆ ନିୟମ

# ଦିନକରେ ହୋଇପାରୁନି ଚେକ୍ କ୍ଲିୟରିଂ

■ **ଭୁବନେଶ୍ୱର, ୨୫।୧୦ (ସମିସ):** ଅକ୍ଟୋବର ୪ ତାରିଖରୁ ସାରା ଦେଶରେ ଆରମ୍ଭ ହୋଇଛି ଗୋଟିଏ ଦିନରେ 'ବ୍ୟାଙ୍କ ଚେକ୍ କ୍ଲିଅରିଂ' ବ୍ୟବସ୍ଥା। ଅର୍ଥାତ ଗୋଟିଏ ଦିନରେ ସକାଳ ୧୦ଟାରୁ ୪ଟା ମଧ୍ୟରେ ବ୍ୟାଙ୍କରେ ଜମା ହୋଇଥିବା ଚେକ୍ ସେହିଦିନ ସନ୍ଧ୍ୟା ୭ଟା ମଧ୍ୟରେ କ୍ଲିଅର ହୋଇପାରିବ। ପ୍ରଥମ ପର୍ଯ୍ୟାୟରେ ୨୦୨୫ ଅକ୍ଟୋବର ୪ରୁ ୨୦୨୬ ଜାନୁଆରୀ ୨ ତାରିଖ ପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରାଯାଉଛି ଓ ପରବର୍ତ୍ତୀ ପର୍ଯ୍ୟାୟ ୨୦୨୬ ଜାନୁଆରୀ ୩ରୁ କାର୍ଯ୍ୟକାରୀ ହେବ ବୋଲି ରିଜର୍ଭ ବ୍ୟାଙ୍କ ଘୋଷଣା କରିଛି। ମାତ୍ର ବ୍ୟାଙ୍କ୍‌ଗୁଡ଼ିକରେ ବ୍ୟବସ୍ଥାର ସୁଦୃଢ଼ୀକରଣ କରାନଯାଇ ତରବରିଆ ଭାବେ ଏହାକୁ କାର୍ଯ୍ୟକାରୀ



**ବ୍ୟାଙ୍କରେ ନାହାନ୍ତି ଉଚ୍ଚ ଦକ୍ଷତା ସମ୍ପନ୍ନ କର୍ମଚାରୀ**

**ହଇରାଣ ହେଉଛନ୍ତି ଗ୍ରାହକ**

କରାଯାଇଥିବାରୁ ଏପରି ସମସ୍ୟା ଉପୁଜୁଛି ବୋଲି ଗ୍ରାହକମାନେ ଅଭିଯୋଗ କରୁଛନ୍ତି। ପାରମ୍ପରିକ ଚେକ୍ କ୍ଲିୟରିଂ ବ୍ୟବସ୍ଥାରେ ସୃଷ୍ଟି ହେଉଥିବା ସମସ୍ୟା ଦୂର ପାଇଁ କାର୍ଯ୍ୟକାରୀ ଏହି ବ୍ୟବସ୍ଥା କେବଳ ଶ୍ରୁତିମଧୁର ଘୋଷଣା ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି।

ଅଧିକାଂଶ ବ୍ୟାଙ୍କରେ ଏବେ ବି ପୂର୍ବ ଧାରା ଅବ୍ୟାହତ ରହିଛି ଓ ଚେକ୍ କ୍ଲିୟର ହେବା ପାଇଁ ପୂର୍ବପରି ତିନି ଚାରିଦିନ ଓ ସ୍ଥଳ ବିଶେଷରେ ସପ୍ତାହଟିଏ ବି ଲାଗୁଥିବା ଦେଖାଯାଉଛି। ଫଳରେ ପୁରୁଣା ଧାରାବନ୍ଧା ବିଳମ୍ବକୁ ହ୍ରାସ କରିବା ଓ ଦେୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ସାଧନ ହୋଇ ପାରୁନାହିଁ। ନୂତନ ବ୍ୟବସ୍ଥାରେ ଜମା ହୋଇଥିବା ଚେକ୍‌କୁ ସ୍କାନ କରି ମୂଳ ବ୍ୟାଙ୍କକୁ ପଠାଯିବା ପରେ ସେହିଦିନ ଦେୟ କ୍ଲିୟର କରାଯିବାର ବ୍ୟବସ୍ଥା ରହିଛି। ମାତ୍ର ତାହା ବାସ୍ତବରେ କାର୍ଯ୍ୟକାରୀ ▶ପୃଷ୍ଠା-୭

## ୫ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ

# ଆରମ୍ଭ ହେବ 'ବି-ମାନ' ଏକୀକୃତ ଯୋଜନା

■ **ଭୁବନେଶ୍ୱର, ୨୫।୧୦ (ସମିସ):** ରାଜ୍ୟରେ ବିମାନ ଚଳାଚଳର ସମସ୍ତ ଦିଗକୁ ଏକ ବ୍ୟାପକ ଢାଞ୍ଚା ଅଧୀନରେ ଆଣିବା ପାଇଁ ରାଜ୍ୟ ସରକାର 'ବି-ମାନ' ଏକୀକୃତ ଯୋଜନା ଆଣିବାକୁ ଯାଉଛନ୍ତି। ଏହି ଯୋଜନାକୁ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି। ଯୋଜନା ପାଇଁ ୨୦୨୫ରୁ ୨୦୩୦ ଯାଏଁ ମୋଟ ୪୧୮୨ କୋଟି ଟଙ୍କା ଖର୍ଚ୍ଚ ହେବ। ଶନିବାର ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୪ଟି ବିଭାଗର ମୋଟ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି ଯେ, 'ବି-ମାନ' ଏକୀକୃତ ଯୋଜନା ଅଧୀନରେ ପୂର୍ବ ଭାରତରେ ଓଡ଼ିଶାକୁ ଏକ ଅଗ୍ରଣୀ ବିମାନ ଚଳାଚଳ କେନ୍ଦ୍ର ଭାବେ ସ୍ଥାନ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସରକାର ମୋଟ ୪୧୮୨ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହା

**୫ ବର୍ଷରେ ଖର୍ଚ୍ଚହେବ ୪୧୨୮ କୋଟି**

ଅଧୀନରେ ଆଞ୍ଚଳିକ ପ୍ରବେଶ ଏବଂ କାର୍ଯ୍ୟକ୍ଷମ ଦକ୍ଷତାକୁ ଉନ୍ନତ କରିବା ପାଇଁ ଅନୁନ୍ନତ ଅଞ୍ଚଳରେ ଗ୍ରୀନଫିଲ୍ଡ ଏବଂ ବ୍ରାଉନଫିଲ୍ଡ ବିମାନବନ୍ଦର ସମେତ ରାଜ୍ୟବ୍ୟାପୀ ବିମାନବନ୍ଦର ଏବଂ ହେଲିପୋର୍ଟଗୁଡ଼ିକର ବିକାଶ ଓ ରକ୍ଷଣାବେକ୍ଷଣ କରାଯିବ। 'ଉଡାନ' ଏବଂ ଅନ୍ୟାନ୍ୟ ଯୋଜନା ଅଧୀନରେ ପ୍ରମୁଖ ସହରଗୁଡ଼ିକ ସହିତ ଟାୟାର-୨ ଏବଂ ଟାୟାର-୩ ସହରଗୁଡ଼ିକୁ ସଂଯୋଗ କରି ଆଞ୍ଚଳିକ ବିମାନ ସଂଯୋଗକୁ ବୃଦ୍ଧି କରିବା ସକାଶେ ବିମାନ କମ୍ପାନୀଗୁଡ଼ିକୁ 'ଭାଇବିଲିଟି ଗ୍ୟାପ୍ ଫଣ୍ଡିଂ' ଏବଂ ଅନ୍ୟାନ୍ୟ ପ୍ରୋତ୍ସାହନ ପ୍ରଦାନ କରାଯିବ। ସେହିପରି ବିଜୁ ପଟ୍ଟନାୟକ ବିମାନବନ୍ଦର ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିଶ୍ୱସ୍ତରୀୟ ଏମଆରଓ ସୁବିଧା ପ୍ରତିଷ୍ଠା ଏବଂ କାର୍ଯ୍ୟକ୍ଷମ କରାଯିବ। ଏତଦ୍ ବ୍ୟତୀତ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ଭାବନ, କାର୍ଗୋ ଏବଂ ଲଜିଷ୍ଟିକ ବିକାଶ, ସାମର୍ଥ୍ୟ ବୃଦ୍ଧି ଓ ଦକ୍ଷତା ବିକାଶ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ସେହିପରି ଅନ୍ୟ ଏକ ପ୍ରସ୍ତାବକ୍ରମେ କ୍ୟାବିନେଟ ୫୧୨ କୋଟି ଟଙ୍କା ବ୍ୟୟରେ ନୂତନ ଯୋଜନା ଆହାରକୁ ଅନୁମୋଦନ ଦେଇଛନ୍ତି। ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ଏହି ଯୋଜନା ▶ପୃଷ୍ଠା-୭

## ମୟୂରଭଞ୍ଜରେ ଲଜ୍ଜା!

# ୨ ନାବାଳିକାଙ୍କୁ ଗଣଦୁଷ୍କର୍ମ

■ **ମୋରଡ଼ା/ରାସଗୋବିନ୍ଦପୁର, ୨୫।୧୦ (ସମିସ):** ମୟୂରଭଞ୍ଜରେ ପୁଣି ଲଜ୍ଜା। ଯାତ୍ରା ଦେଖି ଫେରୁଥିବା ଦୁଇ ନାବାଳିକାଙ୍କୁ ୫ଜଣ ଯୁବକ ବାଟ ଅଧରୁ ଟେକିନେଇ ଏକ କେନାଲ ନିକଟରେ ଗଣଦୁଷ୍କର୍ମ କରିଛନ୍ତି। ଅଭିଯୋଗ ମିଳିବା ପରେ ପୁଲିସ ତିନି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଜଣ ଫେରାର ହୋଇଯାଇଛନ୍ତି। ପୁରୀ ଜିଲ୍ଲା ଚନ୍ଦନପୁର ଅଞ୍ଚଳରେ ଜଣେ ଯୁବତୀଙ୍କୁ ଘରେ ପଶି ଗଣଦୁଷ୍କର୍ମ କରାଯିବା ଘଟଣା ଗତକାଲି ପଦାକୁ ଆସିଥିବା ବେଳେ ଆଜି ମୟୂରଭଞ୍ଜ ଜିଲ୍ଲାରେ ଏଭଳି ଏକ ପାଶବିକ ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ନାରୀ ବିରୋଧୀ ଅପରାଧ ବୃଦ୍ଧି ପାଇବାରେ ଲାଗିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।




**୫ଜଣଙ୍କ ନାଁରେ ଏତଲା; ୩ ଗିରଫ**

ଗଣଦୁଷ୍କର୍ମର ଶିକାର ହୋଇଥିବା ନାବାଳିକା ଦ୍ୱୟଙ୍କ ଘର ରାସଗୋବିନ୍ଦପୁର ଥାନା ଅଞ୍ଚଳରେ। ଗତ ୨୨ତାରିଖ ବୁଧବାର ରାତିରେ ନଳଗଜା ଗ୍ରାମରେ ପଡ଼ିଥିବା ଯାତ୍ରା ଦେଖିବାକୁ ଦୁହେଁ ନିଜର ଦୁଇ ପୁରୁଷ ବନ୍ଧୁଙ୍କ ସହ ଯାଇଥିଲେ। ସେମାନେ ଯାତ୍ରା ଦେଖି ସ୍କୁଟିରେ ଘରକୁ ଫେରୁଥିବା ବେଳେ ବାଟ ମଝିରେ ୫ଜଣ ଯୁବକ ସେମାନଙ୍କ ବାଟ ଓଗାଳିଥିଲେ। କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତମାନେ ▶ପୃଷ୍ଠା-୭




## ହାସ୍ୟାଭିନେତା ସତୀଶ ଶାହାଙ୍କ ପରଲୋକ

ମୁମ୍ବଇ, ୨୫ ।୧୦(ଏଜେନ୍ସି): କିମ୍ବଦନ୍ତୀ ହାସ୍ୟ ଅଭିନେତା ଆସାରାନୀଙ୍କ ପରେ ଆଉ ଜଣେ ବଲିଉଡ୍ ଓ ଟିଭି କଳାକାର ପରଲୋକ ଗମନ କରିଛନ୍ତି। ବର୍ଷୀୟାନ ହାସ୍ୟ ଅଭିନେତା ସତୀଶ ଶାହା ଶନିବାର ଅପରାହ୍ଣ ୨.୩୦ରେ ମୁମ୍ବଇର ହିନ୍ଦୁଜା ହସ୍ପିଟାଲରେ ପରଲୋକଗମନ କରିଛନ୍ତି। ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ ବଲିଉଡ୍ ଓ



ଟେଲିଭିଜନ ଦୁନିଆରେ ଜଣେ ଜଣାଶୁଣା ଅଭିନେତା ଥିଲେ। 'ସାରାଭାଇ ଭର୍ସେସ ସାରାଭାଇ', 'ଜାନେଭି ଦୋ ୟାରୋ' ଓ 'ମେ ହୁ ନା'ରେ ନିଜର ନିଖୁଣ ଅଭିନୟ ପାଇଁ ସେ ପ୍ରସିଦ୍ଧି ଲାଭ କରିଥିଲେ।

ସେ କିଡନୀ ଜନିତ ରୋଗରେ ପୀଡିତ ଥିଲେ। କିଛିଦିନ ତଳେ ତାଙ୍କ କିଡନୀ ପ୍ରତିରୋପଣ ହୋଇଥିଲା। ରବିବାର ଅ।।ନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ କରାଯିବ ବୋଲି ତାଙ୍କ ମ୍ୟାନେଜର ସୂଚନା ଦେଇଛନ୍ତି। ତାଙ୍କ ଦେହାନ୍ତରେ ବହୁ ବଲିଉଡ୍, ଟିଭି ତାରକା ଶୋକ ପ୍ରକାଶ କରିଛନ୍ତି। ଦୀର୍ଘ ୪ ଦଶନ୍ଧିର କ୍ୟାରିଅରରେ ମୋଟ ଉପରେ ୨୫୦ଟି ସିନେମାରେ ଅଭିନୟ କରିଥିଲେ। ସେ ହମ ସାଥ ସାଥ ହେଁ, ମେ ହୁ ନା, କଲ ହୋ ନା ହୋ, କଭି ହାଁ କଭି ନା, ଦିଲବାଲେ ଦୁଲ୍ହନିଆ ଲେ ଯାଏଙ୍ଗେ, ଫନା ଓ ଓମ୍ ଶାନ୍ତି ଓମ୍ ଭଳି ସୁପର ହିଟ୍ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତିଥିଲେ। ୧୯୮୪ରେ ସେ ଟିଭି ସିରିଏଲ ୟେ ଜୋ ହେ ଜିନ୍ଦେଗୀରେ ଅଭିନୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ପରଲୋକରେ ବଲିଉଡ ତଥା ଟେଲିଭିଜନ ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ସେ ଗୁଜରାଟର ମାଣ୍ଡବୀରେ ଜନ୍ମ ଗ୍ରହଣ କରିଥିଲେ। ୧୯୭୨ରେ ସେ ଡିଜାଇନର ମଧୁ ଶାହାଙ୍କୁ ବିବାହ କରିଥିଲେ। ୧୯୭୦ରୁ ୨୦୨୫ ପର୍ଯ୍ୟନ୍ତ ସେ ଅଭିନୟ ପ୍ରତି ସମର୍ପିତ ଥିଲେ। ଗତ ଜୁଲାଇ ୨୦୨୦ରେ କରୋନା ସଂକ୍ରମଣ କାରଣରୁ ତାଙ୍କୁ ମୁମ୍ବଇର ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ଭାରତର ସମରାଭ୍ୟାସ, ଦୁଇଦିନ ପାଇଁ ପାକ୍ ବାୟୁସୀମା ବନ୍ଦ

ନୂଆଦିଲ୍ଲୀ, ୨୫ ।୧୦(ଏଜେନ୍ସି): ଭାରତର ସମରାଭ୍ୟାସ ପୂର୍ବରୁ ପାକିସ୍ତାନ ଦୁଇଦିନ ପାଇଁ ତା'ର ବାୟୁସୀମାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ରାଜସ୍ଥାନ ଓ ଗୁଜରାଟ ସୀମାରେ ଭାରତୀୟ ସେନା ତା'ର ଯୁଦ୍ଧାଭାସ 'ତ୍ରିଶୂଳ' ଆରମ୍ଭ କରିବା ପୂର୍ବରୁ ପାକିସ୍ତାନ ଅକ୍ଟୋବର ୨୮ ଓ ୨୯ ରେ ତା'ର ବାୟୁସୀମାକୁ ବନ୍ଦ କରିବ। ଶନିବାର ଏଥିପାଇଁ ନୋଟିସ ଟୁ ଏୟାରମ୍ୟାନ (ଏନ୍ଓଟିଏମ୍) ଜାରି କରାଯାଇଛି। ଫଳରେ ଦୁଇଦିନ ପାକ୍ ବାୟୁସୀମା ଉପଲବ୍ଧ ହେବ ନାହିଁ ବୋଲି କୁହାଯାଇଛି। ଏହି ନିଷ୍ପତ୍ତି ନେବା ନେଇ ପାକିସ୍ତାନ କୌଣସି କାରଣ ଦର୍ଶାଇନାହିଁ। ତେବେ ଏହା କୌଣସି ସମରାଭ୍ୟାସ କିମ୍ବା ଅସ୍ତ୍ରଶସ୍ତ୍ର ପରୀକ୍ଷଣ ସହିତ ଜଡିତ ଥାଇପାରେ ବୋଲି ରକ୍ଷା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏହି ସମରାଭ୍ୟାସ ତ୍ରିଶୂଳ ସର କ୍ରିକ୍ ନିକଟରେ ହେବ। ସର କ୍ରିକ୍ ପାକିସ୍ତାନ ସୀମା ନିକଟରେ ଅବସ୍ଥିତ। ଭାରତର ଏହି ସମରାଭ୍ୟାସ ୨୮ ହଜାର ଫୁଟ୍ ଉଚ୍ଚ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେବ ବୋଲି କୁହାଯାଇଛି। ଗତକିଛି ବର୍ଷ ମଧ୍ୟରେ ହୋଇଥିବା ଯୁଦ୍ଧାଭ୍ୟାସଗୁଡିକ ମଧ୍ୟରୁ ଏହା ସର୍ବବୃହତ ହେବ ବୋଲି ଅନୁମାନ କରାଯାଉଛି। ୧୨ ଦିନଧରି ଚାଲିବାକୁ ଥିବା ଏହି ଯୁଦ୍ଧାଭ୍ୟାସରେ ସେନାବାହିନୀ, ବାୟୁସେନା ଓ ନୌସେନାର ୩୦ ହଜାର ସୈନିକ ଯୋଗଦେବେ। ଅକ୍ଟୋବର ୩୦ରୁ ଆରମ୍ଭ ହୋଇ ଏହି ଯୁଦ୍ଧାଭ୍ୟାସ ନଭେମ୍ବର ୧୦ ପର୍ଯ୍ୟନ୍ତ ଚାଲିବ। ଏହି ସମରାଭ୍ୟାସ ରାଜସ୍ଥାନର ଜୈସାଲମେରଠାରୁ ଆରମ୍ଭ କରି ଗୁଜରାଟର ସର କ୍ରିକ୍ ପର୍ଯ୍ୟନ୍ତ ଚାଲିବ। ଭାରତୀୟ ସେନା ୩ ବିଭାଗ ନୂଆ ଟେକନିକ୍ ଓ ଯୁଦ୍ଧ ପ୍ରଣାଳୀର ପରୀକ୍ଷା କରିବେ।

## ଭେନେଜୁଏଲା ଉପରେ ଆକ୍ରମଣ କରିପାରେ ଆମେରିକା

ୱାଶିଂଟନ, ୨୫ ।୧୦(ଏଜେନ୍ସି): ଖୁବ୍‌ଶୀଘ୍ର ଆମେରିକା ଭେନେଜୁଏଲା ଉପରେ ଆକ୍ରମଣ କରିପାରେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭେନେଜୁଏଲାରେ ଥିବା ଡ୍ରଗ୍ସ ଠିକଣା ଓ ଏହାର ଚାଲାଣ ହେଉଥିବା ରୁଟ୍‌ଗୁଡିକ ଉପରେ ଆକ୍ରମଣ କରିବାକୁ ବିଚାର କରୁଛନ୍ତି ବୋଲି ଆମେରିକା ନ୍ୟୁଜ ଚ୍ୟାନେଲ ସିଏନ୍ଏନ୍ କହିଛି। ହ୍ୱାଇଟ ହାଉସ୍‌ର ୩ ଜଣ ବରିଷ୍ଠ ଅଧିକାରୀଙ୍କଠାରୁ ମିଳିଥିବା ସୂଚନାକୁ ଆଧାର କରି ସିଏନ୍ଏନ୍ ଏନେଇ ଖବର ପରିବେଶଣ କରିଛି। ଆମେରିକା ବଡ଼ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ। ଏହି ସମ୍ଭାବ୍ୟ ଆକ୍ରମଣ ପାଇଁ ସ୍ଥାନ ସ୍ଥିର କରିବାକୁ ଟ୍ରମ୍ପ ଆଲୋଚନା କରିଛନ୍ତି ବୋଲି ଆମେରିକୀୟ ଅଧିକାରୀମାନେ କହିଛନ୍ତି। ଇତିମଧ୍ୟରେ ଆମେରିକା ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ ଆମେରିକା ନୌସେନାର ଅତ୍ୟାଧୁନିକ ଓ ସବୁଠାରୁ ବଡ଼ ଏୟାରକ୍ରାଫ୍ଟ କ୍ୟାରିଅର ଷ୍ଟ୍ରାଇକ ଗ୍ରୁପ୍ ୟୁଏସ୍ଏସ୍ ଜେରାଲ୍ଡ ଆର ଫୋର୍ଡକୁ ୟୁରୋପରୁ କ୍ୟାରିବିୟାନ ଅଞ୍ଚଳକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭେନେଜୁଏଲାରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଟ୍ରମ୍ପ ସିଆଇଏକୁ ଔପଚାରିକ ଭାବେ ଦାୟିତ୍ୱ ପ୍ରଦାନ କରିଛି। ତେବେ ଆମେରିକାର ଡ୍ରଗ୍ସର ଗତିବିଧିକୁ ରୋକିବା ପାଇଁ ଭେନେଜୁଏଲା ସହ କୂଟନୈତିକ ଆଲୋଚନାର ବିକଳ୍ପ ରହିଛି ବୋଲି ଟ୍ରମ୍ପ କହିଛନ୍ତି। ଅପରପକ୍ଷରେ ଆମେରିକା ଆକ୍ରମଣ କଲେ ଭେନେଜୁଏଲା ଏହାର କଡ଼ା ଜବାବ ଦେବ ବୋଲି ରାଷ୍ଟ୍ରପତି ନିକୋଲାସ ମାଦୁରୋ କହିଥିଲେ। ଏଥିପାଇଁ ଭେନେଜୁଏଲା ୫, ୦୦୦ ଇଗଲା- ଏସ୍ ମିସାଇଲ୍ ନିୟୋଜିତ କରିଛି ବୋଲି ସେ କହିଥିଲେ।

## ଦିଲ୍ଲୀରେ ସୁଧୁରୁନି ପ୍ରଦୂଷଣ, ଏକ୍ୟୁଆଇ ୪୦୦ ପାର୍



ନୂଆଦିଲ୍ଲୀ, ୨୫ ।୧୦(ଏଜେନ୍ସି): ଦୀପାବଳି ପରେ ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ କ୍ରମାଗତ ଭାବେ ବଢ଼ି ଚାଲିଛି। ଶନିବାର ପୂର୍ବ ଦିଲ୍ଲୀର ଆନନ୍ଦ ବିହାରରେ ଏକ୍ୟୁଆଇ ସ୍ତର ୪୧୨ରେ ପହଞ୍ଚିଛି। ଫଳରେ ପ୍ରଦୂଷଣ ଏବେ ଗମ୍ଭୀର ରୂପ ଧାରଣ କରିଛି। ଦିଲ୍ଲୀରେ ବହୁ ଅଞ୍ଚଳରେ ବାୟୁର ମାନ ଖରାପ ରହିଛି। ଏଥିପାଇଁ ଜନପଥ ରୋଡ୍‌ରେ ପାର୍ଟିକୁଲେଟ୍ ମ୍ୟାଟର ଉଚ୍ଚସ୍ତରରେ ପହଞ୍ଚିଥିବାରୁ ଏହାକୁ ମୁକାବିଲା କରିବାକୁ ସଡ଼କରେ ପାଣି ଛିଞ୍ଚା ଯାଉଛି। ଦୀପାବଳି ପରେ ମାତ୍ର କେତେଦିନ ମଧ୍ୟରେ ଦିଲ୍ଲୀରେ ନିଃଶ୍ୱାସ ନେବା କଷ୍ଟକର ହୋଇ ପଡ଼ିଛି। ଶ୍ୱାସ ଓ ଏଲର୍ଜିକ ବ୍ରୋଙ୍କାଇଟିସ୍ ରୋଗୀଙ୍କ ସଂଖ୍ୟାରେ ପାଖାପାଖି ୩୦ ପ୍ରତିଶତ ବୃଦ୍ଧି ହୋଇଛି। ମାସ୍କ ବ୍ୟବହାର କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ଉତ୍ତର ଭାରତରେ ତାପମାତ୍ରରେ ଅବନତୀ ପରିଲକ୍ଷିତ ହୋଇଛି। ଟାବୁ, ଲାହାଉଲ- ସ୍ପିତି, ହିମାଚଳରେ ତାପମାତ୍ରା ମାଇନ୍‌ସ ୨ ଡିଗ୍ରୀରେ ପହଞ୍ଚିଛି। ସେହିପରି ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଭଳି ସମତଳ ଅଞ୍ଚଳରେ ମଧ୍ୟ ତାପମାତ୍ରାରେ ମଧ୍ୟ ଅବନତୀ ହୋଇଛି। ଶନିବାର ସକାଳେ ବାରଣାସୀର ଗଙ୍ଗା ଘାଟରେ ଘନ କୁହୁଡି ଦେଖିବାକୁ ମିଳିଥିଲା।

## ୮ ଜଣଙ୍କ ଉପରେ ଚଢ଼ିଗଲା କାର୍, ୫ ମୃତ



ଆଗ୍ରା, ୨୫ ।୧୦(ଏଜେନ୍ସି): ଆଗ୍ରାରେ ଶୁକ୍ରବାର ଦ୍ରୁତଗତିରେ ଯାଉଥିବା ଏକ କାର ଜଣେ ବାଇକ୍ ଚାଳକଙ୍କ ସମେତ ୮ ଜଣ ଲୋକଙ୍କ ଉପରେ ଚଢ଼ିଯାଇଥିଲା। ଏଥିରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସମସ୍ତଙ୍କୁ ସରୋଜିନୀ ନାଇଡୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ୫ ଜଣଙ୍କୁ ମୃତ ଘୋଷିତ କରିଥିଲେ। ନାଗଲା ବୁଢ଼ୀ ନିକଟସ୍ଥ ନ୍ୟୁ ଆଗ୍ରା ଥାନା ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା। ଦ୍ରୁତଗତିରେ ଆସୁଥିବା ଟାଟା ନେକ୍ସନ କାର୍ ପ୍ରଥମେ ରୋଡ ଡିଭାଡରକୁ ଧକ୍କା ଦେବା ପରେ ରାସ୍ତା କଡ଼ରେ ଥିବା ଲୋକଙ୍କ ଉପରେ ଚଢ଼ିଯାଇଥିଲା। ପୁଲିସ କାର୍ ଚାଳକଙ୍କୁ ଗିରଫ କରାଯିବା ସହ କାର୍‌କୁ ଜବତ କରିଛି। କାର ଚାଳକ ମଦ୍ୟପାନ କରିଛନ୍ତି କି ନା ସେ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଃଖ ପ୍ରକାଶ କରିଛନ୍ତି। ଆହତଙ୍କର ଉନ୍ନତ ଚିକିତ୍ସା ପାଇଁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣା ପରେ କାର୍ ଚାଳକଙ୍କୁ ସ୍ଥାନୀୟ ଲୋକ ଧରି ପିଟିବାକୁ ଆରମ୍ଭ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚାଳକଙ୍କୁ ଗିରଫ କରି ନେଇଯାଇଥିଲା।



# ସ୍ମାର୍ଟ ଫୋନ୍ ଯୋଗୁଁ ଭୟଙ୍କର ହୋଇଥିଲା ବିସ୍ଫୋରଣ

### ବସରେ ଯାଉଥିଲା ୨୩୪ଟି ସ୍ମାର୍ଟ ଫୋନ୍

କୁର୍ଣ୍ଣୁଲ, ୨୫ ।୧୦(ଏଜେନ୍ସି): ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲରେ ହୋଇଥିବା ଏସି ସ୍ଲିପର ବସ୍ ଦୁର୍ଘଟଣାରେ ଏକ ନୂଆ କଥା ସାମ୍ନାକୁ ଆସିଛି। ଶୁକ୍ରବାର ରାତିରେ ଯେଉଁ ବସ୍‌ରେ ନିଆଁ ଲାଗି ୨୦ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିଲେ, ସେହି ବସ୍‌ରେ ୨୩୪ଟି ସ୍ମାର୍ଟ ଫୋନ୍ ଥିଲା। ନିଆଁ ଲାଗିବା ପରେ ଏହି ସ୍ମାର୍ଟ ଫୋନ୍‌ଗୁଡିକର ବ୍ୟାଟେରୀ ଯୋଗୁଁ ଭୟଙ୍କର ବିସ୍ଫୋରଣ ହୋଇଥିଲା ବୋଲି ଫରେନସିକ୍ ଟିମ୍ କହିଛି। ଫଳରେ ଯାତ୍ରୀମାନଙ୍କ ଜୀବନ ବଞ୍ଚାଇବା ପାଇଁ କୌଣସି ସୁଯୋଗ ମିଳି ନଥିଲା। ଏହି ୨୩୪ଟି ମୋବାଇଲ ଫୋନ୍ ଗୁଡିକୁ ହାଇଦରାବାଦ୍‌ର ଜଣେ ବ୍ୟବସାୟୀ ପାର୍ସଲ ଜରିଆରେ ବେଙ୍ଗାଲୁରୁ ପଠାଉଥିଲେ। ନିଆଁ ଲାଗିବା ପରେ ହିଁ ଫୋନ୍‌ଗୁଡିକର ବ୍ୟାଟେରୀରେ ବିସ୍ଫୋରଣ ହୋଇଥିଲା। ଫଳରେ ନିଆଁ ଦ୍ରୁତଗତିରେ ବ୍ୟାପୀଯାଇଥିଲା। ବସ୍‌ର ଏୟାର କଣ୍ଡିସନିଂ ସିଷ୍ଟମରେ ବ୍ୟବହାର ହେଉଥିବା ଇଲେକଟ୍ରିକ ବ୍ୟାଟେରୀଗୁଡକ ମଧ୍ୟ ଫାଟି ଯାଇଥିଲା ବୋଲି ଫାୟାର ବ୍ରିଗେଡ଼ ଡିଆଇଜି କହିଛନ୍ତି। ନିଆଁ ଲାଗିବା ଯୋଗୁଁ ତାପ ଏତେ ମାତ୍ରାରେ ବଢ଼ିଥିଲା ଯେ, ବସ୍‌ର ଫ୍ଲୋରରେ ଥିବା ଆଲମୁନିୟମ ସିଟ୍ ମଧ୍ୟ ତରଳି ଯାଇଥିଲା।

ସେ କହିଛନ୍ତି ଯେ ଫୁଏଲ ଲିକେଜ ହେବା କାରଣରୁ ପ୍ରଥମେ ନିଆଁ ଲାଗିଥିଲା। ବାଇକ୍‌କୁ ବସ୍ ଧକ୍କା ଦେବା ପରେ ତୈଳ କ୍ଷରଣ ହୋଇଥିଲା। ବାଇକ୍ କିଛିବାଟ ବସ ସହ ଘସି ହେବା କାରଣରୁ ପେଟ୍ରୋଲରେ ନିଆଁ ଲାଗିଥିଲା। ଫଳରେ ନିଆଁ ପୂରା ବସ୍‌କୁ ବ୍ୟାପୀଯାଇଥିଲା। ବସର ଓଜନ କମାଇବାକୁ ଓ ଗତି ବଢ଼ାଇବା ପାଇଁ ଲୁହା ବଦଳରେ ହାଲକା ଆଲମୁନିୟମର ବହୁଳ ବ୍ୟବହାର କରାଯାଇଥିଲା। କିନ୍ତୁ ଜରୁରୀକାଳୀନ ସ୍ଥିତିରେ ଏହା ବିପଜ୍ଜନକ ସାବ୍ୟସ୍ତ ହେଲା ବୋଲି ସେ କହିଛନ୍ତି।

ସେପଟେ କୁର୍ଣ୍ଣୁଲ ପୁଲିସ ଦୁର୍ଘଟଣା ପରେ ଫେରାର୍ ଥିବା ବସ୍ ଡ୍ରାଇଭର ଓ କ୍ଲିନରଙ୍କୁ ଗିରଫ କରିଛି। ନିଆଁ ଲାଗିବା ପରେ ବସ୍ ଅଟକି ଥିଲା ଓ ଦୁହେଁ ପ୍ୟାସେଞ୍ଜର ଡୋର ଦେଇ ବାହାରକୁ ଡେଇଁ ପଡ଼ିଥିଲେ। ଦୁର୍ଘଟଣାର ଗମ୍ଭୀରତା ବିଷୟରେ ଦୁଇଜଣ ଅଜ୍ଞ ଥିଲେ। ଏହି ବସ୍‌ର ତୈଳ ଟାଙ୍କିଙ୍କୁ ଏକ ବାଇକ୍ ଧକ୍କା ଦେବା ଫଳରେ ଦୁର୍ଘଟଣା ଘଟିଥିଲା। ବାଇକ ଚାଳକ ଶିବଶଙ୍କର ନିଶାରେ ଚୁର୍ ଥିଲେ। ଘଟଣାସ୍ଥଳ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପର ସିସିଟିଭି ଫୁଟେଜ୍‌ରୁ ଶିବଶଙ୍କର ନିଶାରେ ଥିଲେ ବୋଲି ଜଣାପଡ଼ିଛି। ୪୪ ନଂ ଜାତୀୟ ରାଜପଥରେ ହୋଇଥିବା ଏହି ଦୁର୍ଘଟଣାରେ ୨୦ଜଣ ଲୋକ ଜିଅନ୍ତା ଜଳିଯାଇ ମୃତ୍ୟୁବରଣ କରିଥିଲେ। ସେହିପରି ୧୯ ଜଣ ବସ୍‌ରୁ ଡେଇଁ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ। ମୃତମାନଙ୍କ ମଧ୍ୟରେ ଓଡ଼ିଶାର ଜଣେ ସଫ୍ଟଓୟାର ଇଞ୍ଜିନିୟର ଥିଲେ ବୋଲି ଜଣାପଡ଼ିଛି। ସେ ହେଉଛନ୍ତି ରାୟଗଡ଼ା ଜିଲ୍ଲାର ଦୀପକ କୁମାର।

### ନିବେଶ ଲୋଭ ଦେଖାଇ ଲୁଟୁଛନ୍ତି ସାଇବର ଠକ

# ୬ ମାସରେ ଠକିନେଲେ ୧୫୦୦ କୋଟି

ବେଙ୍ଗାଲୁରୁ, ୨୫।୧୦ (ଏଜେନ୍ସି): ଲୋଭ ସବୁଠାରୁ ବଡ଼ ଶତ୍ରୁ। ଏହି ଲୋଭ ପାଇଁ ମଣିଷ ରାତାରାତି ବଡ଼ ଲୋକ ହେବାକୁ ଚାହିଁଥାଏ। ଏହି ସ୍ୱପ୍ନ ସାକାର କରିବା ପାଇଁ କୁକର୍ମ କରିବାକୁ ବି ପଛାଇ ନ ଥାଏ। ଆଉ ଏହି ଲୋଭର ଲାଭ ଉଠାଉଛନ୍ତି ସାଇବର ଠକ। ଜ୍ଞାନକୌଶଳ ଏବଂ ପ୍ରଯୁକ୍ତିବିଦ୍ୟାକୁ ଭିତ୍ତି କରି ଲୁଟିଛନ୍ତି ଲୋକଙ୍କ ପରିଶ୍ରମ ଉପାର୍ଜିତ ଧନ। ଗତ ଛଅ ମାସରେ ଦେଶର ପ୍ରାୟ ୩୦ ହଜାର ଲୋକ ଏଭଳି ଠକାମିର ଶିକାର ହୋଇଛନ୍ତି। ଏମାନଙ୍କଠାରୁ ସାଇବର ଠକ ପ୍ରାୟ ୧୫୦୦ କୋଟି ଟଙ୍କା ଲୁଟି ନେଇଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ କୌଣସି ଗ୍ରାମାଞ୍ଚଳରେ ନୁହେଁ, ବରଂ ଦେଶର ପ୍ରମୁଖ ସହର ଗୁଡିକରେ ଏହି ଲୁଟ୍ ହୋଇଛି। ଲୋକଙ୍କୁ ନିବେଶ ଆଳରେ ଭଲ ରିଟର୍ଣ୍ଣ ଦେବାର ଲୋଭ ଦେଖାଇ ଏହି ହରିଲୁଟ୍ ଚାଲିଛି। ସ୍ୱରାଷ୍ଟ୍ର ମନ୍ତ୍ରାଳୟର ସାଇବର ଶାଖା ପକ୍ଷରୁ ଏହି ସୂଚନା ଦିଆଯାଇଛି।

ଇଣ୍ଡିଆନ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର (ଆଇ୪ସି)ର ରିପୋର୍ଟ ଅନୁଯାୟୀ, ସାଇବର ଠକମାନେ ୩୦ରୁ ୬୦ ବର୍ଷ ବୟସ୍କଙ୍କୁ ସର୍ବାଧିକ ନିଶାଣ କରୁଛନ୍ତି। ସିଲିକନ ସିଟି, ଦିଲ୍ଲୀ-ଏନ୍‌ସିଆର ଏବଂ ହାଇଦରାବାଦରୁ ଏଭଳି ଠକେଇର ୬୫ ପ୍ରତିଶତ ମାମଲା ସାମ୍ନାକୁ ଆସିଛି। ଏହି ଠକାମିରେ ବେଙ୍ଗାଲୁରୁ ସର୍ବାଧିକ ପ୍ରଭାବିତ ହୋଇଛି। ଗତ ୬ ମାସରେ ଲୋକେ ହରାଇଥିବା ଅର୍ଥର ୨୬.୩୮ ପ୍ରତିଶତ ଲୁଟ୍ ବେଙ୍ଗାଲୁରୁରେ ହୋଇଛି। ଏହି ସବୁ ସହର ସାଇବର ଠକଙ୍କ ନଜରରେ ରହିଛି। ଟଙ୍କା ଚାହୁଁଥିବା ଲୋକଙ୍କୁ ସାଇବର ଠକ ନିଜର ଶିକାର ବନାଉଛନ୍ତି।

**ବେଙ୍ଗାଲୁରୁର ସର୍ବାଧିକ ବ୍ୟକ୍ତି ଠକାମିର ଶିକାର**

**ମୁଣ୍ଡପିଛା ଠକେଇରେ ଦିଲ୍ଲୀ ଆଗରେ**

ଗତ କିଛି ବର୍ଷ ହେଲା ଏଭଳି ଠକେଇ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ବରିଷ୍ଠ ନାଗରିକ ମଧ୍ୟ ଏଥିରୁ ବାଦ୍ ପଡୁନାହାନ୍ତି। ଏହି ବୟସର ୨୮୨୯ ଜଣ ଠକାମିର ଶିକାର ହୋଇଛନ୍ତି।

ନିବେଶ ଠକେଇ ଏକ ବଡ଼ ସମସ୍ୟା ପାଲଟି ଗଲାଣି। ସାଇବର ଠକମାନେ ଜଣଙ୍କଠାରୁ ହାରାହାରି ପ୍ରାୟ ୫୧.୩୮ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏହା ଲୋକଙ୍କ ଆର୍ଥିକ ସ୍ଥିତି ଉପରେ ଗଭୀର ପ୍ରଭାବ ପକାଉଛି। ତେବେ ମୁଣ୍ଡ ପିଛା ଠକେଇରେ ଦିଲ୍ଲୀ ଆଗରେ ରହିଛି। ଏଠାରେ ଜଣେ ପିଛା ପ୍ରାୟ ୮ ଲକ୍ଷ ଟଙ୍କା ହରାଇଛନ୍ତି। ଏଭଳି ଠକେଇ ପାଇଁ ସାଇବରଠକ ଯୋଜନାବଦ୍ଧ ପ୍ରୟାସ କରୁଛନ୍ତି। ମେସେଜିଂ ଆପ୍, ଡିଜିଟାଲ ଚ୍ୟାନେଲ, ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏଥିରେ ପ୍ରମୁଖ ଭୂମିକା ନେଉଛି। ଟେଲିଗ୍ରାମ ଏବଂ ହ୍ୱାଟସଆପ ଆକାଉଣ୍ଟ ମାଧ୍ୟମରେ ପ୍ରାୟ ୨୦ ପ୍ରତିଶତ ଠକେଇ ହେଉଛି। ସୁବିଧାରେ ଗ୍ରୁପ ତିଆରି କରି ବନେଇଚୁନେଇ କହିପାରିଲେ ଲୋକେ ଭରସାକୁ ନେଇ ଯାଉଛନ୍ତି।

ରିପୋର୍ଟ ଅନୁଯାୟୀ ଏହି ଠକେଇ ପାଇଁ ଲିଙ୍କଡଇନ ଏବଂ ଟ୍ୱିଟର ଭଳି ପ୍ଲାଟଫର୍ମକୁ ସବୁଠୁ କମ୍ ବ୍ୟବହାର କରାଯାଉଛି। ମୋଟ ଠକେଇରେ ଏହାର ଯୋଗଦାନ ମାତ୍ର ୦.୩୩ ପ୍ରତିଶତ ରହିଛି। ଅନ୍ୟ ଶ୍ରେଣୀର ଲେବୁଲ ପାଇଥିବା ପ୍ଲାଟଫର୍ମ ମାଧ୍ୟମରେ ପ୍ରାୟ ୪୧.୮୭ ପ୍ରତିଶତ ଠକେଇ ହେଉଛି। ଅର୍ଥାତ୍ ଯାଞ୍ଚ କରାଯାଇ ନ ଥିବା ପ୍ଲାଟଫର୍ମକୁ ବ୍ୟବହାର କରି ସାଇବର ଲୋକଙ୍କୁ ଲୁଟିବାରେ ଲାଗିଛନ୍ତି।

## ଦିଲ୍ଲୀ ବିମାନକୁ ଧକ୍କା ଦେଲା ପକ୍ଷୀ


ନୂଆଦିଲ୍ଲୀ, ୨୫ ।୧୦(ଏଜେନ୍ସି): ନାଗପୁରରୁ ରାଜଧାନୀ ଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ- ୪୬୬କୁ ଏକ ପକ୍ଷୀ ଧକ୍କା ଦେଇଥିଲା। ନାଗପୁର ରନୱେରେ ଶୁକ୍ରବାର ବିମାନ ଟେକ୍ ଅଫ୍ କରିବାର କିଛି ମିନିଟ୍ ମଧ୍ୟରେ ଏହି ଘଟଣା ଘଟିଥିଲା। ଫଳରେ ବିମାନ ପ୍ରତ୍ୟାବର୍ତ୍ତନ କରି ପୁଣି ଥରେ ନାଗପୁର ବିମାନବନ୍ଦରରେ ଅବତରଣ କରିଥିଲା। ଏଥିରେ କୌଣସି କ୍ଷୟକ୍ଷତି ହୋଇନାହିଁ ଓ ସବୁ ୧୬୦ ଜଣ ଯାତ୍ରୀ ସୁରକ୍ଷିତ ଅଛନ୍ତି ବୋଲି ବିମାନ ବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବିମାନ ଉପରକୁ ଉଠିବା ପରେ ପକ୍ଷୀଟି ଇଞ୍ଜିନ କିମ୍ବା ଡେଣା ପାଖରେ ଧକ୍କା ଦେଇଥିଲା। ଏଭଳି ଘଟଣା ବିମାନର ଟେକ୍ ଅଫ୍ କିମ୍ବା ଲ୍ୟାଣ୍ଡିଂ ବେଳେ ଘଟିଥାଏ। ପକ୍ଷୀ ମାଡ ହେବା ପରେ ପାଇଲଟ ତୁରନ୍ତ ମାନୁଆଲ ରିଟର୍ଣ୍ଣ ଟୁ ଅରିଜିନାଲ (ଆରଟିଓ)ର ନିଷ୍ପତ୍ତି ନେଇଥିଲେ। ଏହାପରେ ପାଇଲଟ୍ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)କୁ ସୂଚନା ଦେଇଥିଲେ ଓ ସୁରକ୍ଷିତ ଭାବେ ବିମାନକୁ ଅବତରଣ କରାଇବାକୁ ପ୍ରସ୍ତୁତି କରିଥିଲେ। ଏହାପରେ ବିନା କୌଣସି ସମସ୍ୟାରେ ବିମାନକୁ ସୁରକ୍ଷିତ ଭାବେ ଅବତରଣ କରାଯାଇଥିଲା।

## କ୍ୟାମେରା ସାମ୍ନାରେ ଦୁଇଭାଇଙ୍କୁ ହତ୍ୟା

ଶାହଦୋଲ, ୨୫ ।୧୦(ଏଜେନ୍ସି): ମଧ୍ୟପ୍ରଦେଶର ଶାହଦୋଲର କେଶଭି ଥାନା ଅଞ୍ଚଳରେ ଥିବା ବଲବାହାର ଗାଁରେ ଏକ ବିଚଳିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। କ୍ୟାମେରା ସାମ୍ନାରେ ଦୁଇ ଭାଇଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ଖଣ୍ଡା, ଟାଙ୍ଗିଆ ଓ ବାଡ଼ି ସାହାଯ୍ୟରେ ଦୁଇ ଭାଇଙ୍କୁ ଆକ୍ରମଣ କରି ଏହି କାଣ୍ଡ ଘଟାଯାଇଛି। ଘଟଣା ସ୍ଥଳରେ ହିଁ ଦୁଇ ଭାଇ ମୃତ୍ୟୁବରଣ କରିଥିଲେ ଓ ଆଉ ଜଣେ ଆହତ ହୋଇଥିଲେ। ଆହତ ଜଣକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜମିବାଡ଼ି ବିବାଦ କାରଣରୁ ଏହି ଡବଲ ମର୍ଡର ହୋଇଛି ବୋଲି ପୁଲିସ ଅନୁମାନ କରିଛି। ଦୁଇଭାଇ ନିଜର ଅଟୋପାର୍ଟସ୍ ଦୋକାନରେ ଦୀପ ଜାଳିବାକୁ ଯାଇଥିଲେ। ଏତିକି ବେଳେ ୧୦ରୁ ଊର୍ଦ୍ଧ୍ୱ ଲୋକ ଆକ୍ରମଣ କରିଥିଲେ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ପୁଲିସ ଏହି ଘଟଣାରେ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ବାକି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୁଲିସ ଖୋଜା ଜାରି ରଖିଛି।

# ୟୁକ୍ରେନରେ ପୁଣି ରୁଷ ଆକ୍ରମଣ: ୪ ମୃତ

କିଭ, ୨୫।୧୦ (ଏଜେନ୍ସି): ରୁଷ-ୟୁକ୍ରେନ ଯୁଦ୍ଧ ଥମିବା ପରିବର୍ତ୍ତେ ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି। ଆମେରିକା ପ୍ରୟାସ ସତ୍ତ୍ୱେ ଏହି ଯୁଦ୍ଧରେ ବ୍ରେକ୍ ଲାଗିପାରୁନାହିଁ। ତେଣୁ ରୁଷ୍ କମ୍ପାନୀ ଉପରେ ଆମେରିକା କଟକଣା ଲଗାଇବାର ଦୁଇ ଦିନ ପରେ ଭ୍ଲାଦିମିର ପୁଟିନଙ୍କ ସେନା ଶୁକ୍ରବାର ରାତିରେ ୟୁକ୍ରେନ ରାଜଧାନୀ କିଭରେ ଭୟଙ୍କର ଆକ୍ରମଣ କରିଛି। ଏଥିରେ ଇସ୍କନ୍ଦର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବ୍ୟବହାର କରାଯାଇଛି। ଏହା ୟୁକ୍ରେନର ଶକ୍ତି ଭିତ୍ତିଭୂମି ଏବଂ ରେଳ ବ୍ୟବସ୍ଥାକୁ ଧ୍ୱଂସ କରିଦେଇଛି। ଏହି ଆକ୍ରମଣରେ ଚାରି ଜଣ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି ଏବଂ ୧୩ ଜଣ ଆହତ ହୋଇଛନ୍ତି। ୟୁକ୍ରେନ ସରକାର ଏହାକୁ



"ଯୁଦ୍ଧ ଅପରାଧ" କହିଛନ୍ତି। ତୁରନ୍ତ ଅନ୍ତର୍ଜାତୀୟ ସମୁଦାୟର ହସ୍ତକ୍ଷେପ କରିବାକୁ ୟୁକ୍ରେନ ଦାବି କରିଛି।

ରାତି ପ୍ରାୟ ୧୧ଟାରେ ରୁଷ ଏହି ଆକ୍ରମଣ କରିଥିଲା। କିଭ୍ ଉପକଣ୍ଠରେ ଥିବା ପ୍ରମୁଖ ବିଦ୍ୟୁତ୍ କେନ୍ଦ୍ର, ରେଳ ଜଙ୍କସନ୍ ଏବଂ କୋଇଲା ଖଣିକୁ ନିଶାଣ କରାଯାଇଥିଲା। ୫୦୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା ଏବଂ ୭୦୦ କେଜି ବିସ୍ଫୋରକ ବହନ କରିପାରୁଥିବା ଇସ୍କନ୍ଦର୍ କ୍ଷେପଣାସ୍ତ୍ରଗୁଡ଼ିକ ସହରର ବିଦ୍ୟୁତ୍ ଗ୍ରୀଡ୍‌କୁ ଅଚଳ କରିଦେଇଥିଲା। ଏଥିଯୋଗୁଁ ବିଦ୍ୟୁତ ଯୋଗାଣ ପ୍ରଭାବିତ ହୋଇଛି। ସେହିପରି ଦିପ୍ରୋପେଟ୍ରୋଭାସ୍କ ଓବ୍ଲାଷ୍ଟ ଅଞ୍ଚଳରେ ଥିବା କୋଇଲା ଖଣି ଉପରେ ରୁଷ ଆକ୍ରମଣ କରିଛି। ଏହି ସମୟରେ ଭୂତଳ ଖଣିରେ ୪୯୬ ଜଣ ଶ୍ରମିକ କାମ କରୁଥିଲେ। ତେବେ ଶ୍ରମିକଙ୍କ କୌଣସି କ୍ଷତି ହୋଇ ନ ଥିବା ଜଣାପଡିଛି। ଗତ ଦୁଇ ସପ୍ତାହ ମଧ୍ୟରେ ସପ୍ତମ ଥର ପାଇଁ କୋଇଲା ଖଣି ଉପରେ ଏପରି ଆକ୍ରମଣ କରାଯାଇଛି।

# ପାକିସ୍ତାନର ପରମାଣୁ ନିୟନ୍ତ୍ରଣ ବ୍ୟବସ୍ଥାକୁ ଆମେରିକା ହାତରେ ଟେକିଦେଇଥିଲେ ମୁଶାରଫ୍!

ୱାଶିଂଟନ, ୨୫।୧୦ (ଏଜେନ୍ସି): ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ପରଭେଜ ମୁଶାରଫ ଆମେରିକା ପାଖରେ ନିଜକୁ ବିକ୍ରି କରିଦେଇଥିଲେ। ସେ ଦେଶର ପରମାଣୁ ଅସ୍ତ୍ରଶସ୍ତ୍ରକୁ ଆମେରିକାକୁ ପ୍ରଦାନ କରିଦେଇଥିଲେ। ୧୫ ବର୍ଷ ପର୍ଯ୍ୟନ୍ତ ପାକିସ୍ତାନରେ କାମ କରିଥିବା ଆମେରିକାର ପୂର୍ବତନ ଗୁଇନ୍ଦା ଅଧିକାରୀ ଜନ୍ କିରାକାଉ ଏହି ଗୁମର ଖୋଲିଛନ୍ତି। ପାକିସ୍ତାନରେ ଆତଙ୍କବାଦୀ ନିରୋଧି ଅଭିଯାନର ମୁଖ୍ୟ ଭାବେ କାର୍ଯ୍ୟ କରିଥିବା କିରିକାଉ ଅନେକ ବଡ଼ ବଡ଼ ଦାବି କରିଛନ୍ତି। ପାକିସ୍ତାନ ସହ ଆମେରିକାର ଡିଲ୍, ପରମାଣୁ କୂଟନୀତିରେ ସାଉଦି ଆରବର ପ୍ରଭାବ ଏବଂ କ୍ଷମତା କେନ୍ଦ୍ର ଦକ୍ଷିଣ ଏସିଆକୁ ସ୍ଥାନାନ୍ତର ହେବାକୁ ନେଇ ଅନେକ ସୂଚନା ଦେଇଛନ୍ତି। ସେ ଏକ ସାକ୍ଷାତକାରରେ ଦାବି କରିଛନ୍ତି ଯେ ଲକ୍ଷ ଲକ୍ଷ ଡଲାରର ସାମରିକ ଏବଂ ଆର୍ଥିକ ସହାୟତା ଦେଇ ପରଭେଜ ମୁଶାରଫଙ୍କୁ ଆମେରିକା କିଣି ନେଇଥିଲା। ଏହା ବଦଳରେ ମୁଶାରଫ ଆମେରିକାକୁ ସବୁ କିଛି କରିବାକୁ ଦେଇଥିଲେ। ତାଙ୍କ ଶାସନକାଳରେ ପାକିସ୍ତାନର ସୁରକ୍ଷା ଏବଂ ସାମରିକ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବେ ଆମେରିକା ନିୟନ୍ତ୍ରଣରେ ଥିଲା। ତେବେ ମୁଶାରଫ ଦୋମୁହାଁ ନୀତି ଅବଲମ୍ବନ କରିଥିଲେ। ଗୋଟିଏ ପଟେ ଆମେରିକା ସହ ଦେଖେଇ ହେଉଥିଲେ ଏବଂ ଅନ୍ୟପଟେ ପାକ୍ ସେନା ଓ ଆତଙ୍କବାଦୀଙ୍କୁ ଭାରତ ବିରୋଧୀ କାର୍ଯ୍ୟକଳାପ ଜାରି ରଖିବାକୁ ଅନୁମତି ଦେଇଥିଲେ।

କିରାକାଉ ଦାବି କରିଛନ୍ତି ଯେ ୨୦୦୨ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେବାର ଥିଲା। ଇସଲାମାବାଦରୁ ଆମେରିକୀୟ ଅଧିକାରୀଙ୍କ ପରିବାରକୁ ବାହାର କରିଦିଆଯାଇଥିଲା। ତେଣୁ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହେବାର ଆଶଙ୍କା ରହିଥିଲା। ସେହିପରି ୨୦୦୧ର ସଂସଦ ଆକ୍ରମଣ ପରେ ଭାରତ 'ଅପରେସନ ପରାକ୍ରମ' ଆରମ୍ଭ କରିଥିଲା। ତେବେ ଆମେରିକା ଉପବିଦେଶ ମନ୍ତ୍ରୀ ଦିଲ୍ଲୀ ଏବଂ ଇସଲାମାବାଦ ଗସ୍ତ କରି ଦୁଇ ଦେଶ ମଧ୍ୟରେ ଚୁକ୍ତି କରାଇ ଥିଲେ। ୨୦୦୮ ମୁମ୍ବଇ ଆକ୍ରମଣକୁ ନେଇ କିରାକାଉ କହିଥିଲେ ଯେ ପାକିସ୍ତାନକୁ ଅଲକାଏଦାର ଚିନ୍ତା ନ ଥିଲା। ଏହି ଆକ୍ରମଣ ଅଲକାଏଦା ନୁହେଁ, ପାକିସ୍ତାନ କରିଥିଲା। ଏହି ଦେଶ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପ ବଢାଉ ଥିଲା। ଏହାକୁ ବନ୍ଦ କରିବାକୁ କିଛି କରି ନ ଥିଲା। ସେହିପରି ପାକିସ୍ତାନ ପରମାଣୁ ବୈଜ୍ଞାନିକ ଅବଦୁଲ କାଦିର ଖାନଙ୍କୁ ସାଉଦି ଆରବ ସୁରକ୍ଷା ଦେଇଥିବା ସେ ଦାବି କରିଛନ୍ତି। କାଦିରଙ୍କୁ କିଛି ନ କରିବା ପାଇଁ ସାଉଦି ଆମେରିକାକୁ କହିଥିଲା। ତେଣୁ ତାଙ୍କୁ ଛାଡ଼ି ଦିଆଯାଇଥିଲା। କିରାକାଉ ଆମେରିକା ବିଦେଶୀ ନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି। ଆମେରିକା କେବଳ ଗଣତନ୍ତ୍ରକୁ ନେଇ ଦେଖେଇ ହେଉଛି ତଥା ଛଳ କରୁଛି। କିନ୍ତୁ ପ୍ରକୃତରେ ଆମେରିକା ନିଜ ସ୍ୱାର୍ଥ ଅନୁଯାୟୀ କାମ କରୁଛି। ସାଉଦି ଏବଂ ଆମେରିକାର ସମ୍ପର୍କ ମଧ୍ୟ କାରବାର ଉପରେ ଆଧାରିତ। ଏବେ ବିଶ୍ୱରେ ଶକ୍ତି ସନ୍ତୁଳନ ବଦଳିବାରେ ଲାଗିଛି। ସାଉଦି, ଚୀନ୍ ଏବଂ ଭାରତ ନିଜ ରଣନୈତିକ ଭୂମିକାକୁ ନୂଆ ରୂପ ଦେଉଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ

ବିଷମ କଟକ, ୨୫।୧୦(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ବୁରୁଜୁଗୁଡ଼ା ଗ୍ରାମ ନିକଟସ୍ଥ ୩୨୬ ନମ୍ବର ରାଜ୍ୟ ରାଜପଥରେ ଆଜି ଏକ ଦୁର୍ଘଟଣାରେ ୨ଜଣଙ୍କ ଜୀବନ ଯାଇଛି। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ମୁନିଗୁଡ଼ା ଥାନା ଗୋବର୍ଦ୍ଧନ ସାହିର ଦେବାଶିଷ ସାହୁ ଓ ବାଙ୍କିଲି ଗ୍ରାମର ଅର୍ଜୁନ ଶିକକା। ପୁଲିସ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି ବୋଲି ଥାନା ଅଧିକାରୀ ସୌଦାମିନୀ ବେହେରା କହିଛନ୍ତି।

ସୂଚନା ଅନୁଯାୟୀ, ଗୋବର୍ଦ୍ଧନ ଗ୍ରାମର ଦେବାଶିଷ ସାହଙ୍କ ମା'ଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କୁ ଅଟୋ ଯୋଗେ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲ ପଠାଇ ନିଜେ ବାଇକ୍‌ରେ ବିଷମକଟକ ଅଭିମୁଖେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ଅର୍ଜୁନଙ୍କ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ଉଭୟଙ୍କ ଶବକୁ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ମୁନିଗୁଡା ଥାନା ଅଧିକରୀ ସୌଦାମିନୀ ବେହେରା ସୂଚନା ଦେଇଛନ୍ତି।

## ଖୋଲିଲା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ୍

### ସପ୍ତାହେ ବଢ଼ିବ ଆବେଦନ ଅବଧି

ଭୁବନେଶ୍ୱର, ୨୫।୧୦(ସମିସ): ଷ୍ଟେଟ୍ ସ୍କଲାର୍‌ସିପ୍ ପୋର୍ଟାଲ୍ ପୁଣିଥରେ ସଚଳ ହୋଇଛି। ଗତକାଲି ୱେବ୍‌ସାଇଟ୍ ସମ୍ପୂର୍ଣ୍ଣ କ୍ରାସ୍ ହୋଇଯିବା ଫଳରେ ଛାତ୍ରଛାତ୍ରୀମାନେ ବୃତ୍ତି ପାଇଁ ଆବେଦନ କରିପାରି ନ ଥିଲେ। ଏପରିକି ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା, ବ୍ୟାସକବି ଫକୀର ମୋହନ ସ୍କଲାରସିପ୍ ଏବଂ ଇ-ମେଧାବୃତ୍ତି ସ୍କଲାରସିପ୍ ପାଇଁ ଗତକାଲି ଅର୍ଥାତ୍ ଶୁକ୍ରବାର ଶେଷ ତାରିଖ ହୋଇଥିବାରୁ ବହୁ ଛାତ୍ରଛାତ୍ରୀ ଛାତ୍ରବୃତ୍ତି ଆବେଦନରୁ ବଞ୍ଚିତ ହୋଇଥିଲେ। ଅଚଳ ୱେବସାଇଟ୍‌ର ସ୍କ୍ରିନ୍‌ସଟ୍ ନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଅନେକ ପିଲା ପୋଷ୍ଟ କରିବା ସହ ଆବେଦନ ଅବଧି ବଢ଼ାଇବାକୁ ଦାବି କରିଥିଲେ। ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗର ସ୍କୋଲାର୍‌ସିପ୍ ଦାୟିତ୍ୱରେ ଥିବା ଯୁଗ୍ମ ସଚିବ ଅଶୋକ କୁମାର ଗୌଡ଼ କହିଛନ୍ତି ଯେ ପିଲାଙ୍କ ଅଭିଯୋଗ ଓ ଅନୁରୋଧକୁ ବିଚାର କରି ଆବେଦନ ଅବଧି ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି। ରବିବାର ବା ସୋମବାର ୫ରୁ ୭ ଦିନ ପର୍ଯ୍ୟନ୍ତ ଆବେଦନ ଅବଧି ବଢ଼ାଇବାକୁ ବିଜ୍ଞପ୍ତି ପ୍ରକାଶ ପାଇବ। ହେଲେ ଛାତ୍ରଛାତ୍ରୀମାନେ ଯଥାଶିଘ୍ର ଆବେଦନ କରିବାକୁ ପରାମର୍ଶ ଦେବା ସହ ଅଧିକରୁ ଅଧିକ ପିଲା ଆବେଦନ କରିବାକୁ ଆହ୍ୱାନ ଦେଇଛନ୍ତି।

■ ହାଇକୋର୍ଟରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ନିର୍ବାଚନୀ ମାମଲା

## ୭ ସୁଦ୍ଧା ଜରିମାନା ରାଶି ପଇଠ ନ କଲେ ଆବେଦନକାରୀଙ୍କ ବିରୋଧରେ ଓପିଡିଆର୍ ପ୍ରୋସିଡିଂ

କଟକ, ୨୫।୧୦ (ସମିସ): ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ନିର୍ବାଚିତ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦାଖଲ ଅଭିଯୋଗ ଆଣି ନିର୍ବାଚନୀ ମକଦ୍ଦମା ଦାୟର କରିଥିବା ଆବେଦନକାରୀ ଡ. ସୁବାସ ମହାପାତ୍ରଙ୍କୁ ହାଇକୋର୍ଟ ବାର୍ କଲ୍ୟାଣ ପାଣ୍ଠିରେ ୧୦ହଜାର ଟଙ୍କା ଦଣ୍ଡ ରାଶି ପଇଠ ପାଇଁ ହାଇକୋର୍ଟ ଗତ ଅକ୍ଟୋବର ୧୦ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହା ପଇଠ ହୋଇନଥିବା ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆସନ୍ତା ନଭେମ୍ବର ୭ ତାରିଖ ସୁଦ୍ଧା ଯଦି ଆବେଦନକାରୀ ଉକ୍ତ ଜରିମାନା ରାଶି ଜମା ନ କରନ୍ତି, ତାହେଲେ ତାଙ୍କ ବିରୋଧରେ ଓପିଡିଆର (ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକଭରି) ଆକ୍ଟ-୧୯୬୨ଅନୁସାରେ ସାର୍ଟିଫିକେଟ୍ ପ୍ରୋସିଡିଂ କରାଯାଇ ଅର୍ଥ ଅସୁଲ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ୍ ସଂଜୟ କୁମାର ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ପ୍ରକାଶଥାଉକି ପ୍ରତିପକ୍ଷ ଶ୍ରୀ ପ୍ରଧାନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲଙ୍କ ଯୋଗ୍ୟତା ଉପରେ ଆପତ୍ତି ଉଠାଇ ଆବେଦନକାରୀ ଡ. ମହାପାତ୍ର ଦାଖଲ କରିଥିବା ଅନ୍ତରୀଣ ଆବେଦନକୁ ଅଦାଲତ ଖାରଜ କରି ଗତ ଅକ୍ଟୋବର ୧୦ତାରିଖରେ ୧୦ହଜାର ଜରିମାନା ରାଶି ଧାର୍ଯ୍ୟ କରିଥିଲେ। ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅନ୍ତରୀଣ ଆବେଦନଗୁଡ଼ିକ ଅଯଥା ଏବଂ ଅଦାଲତଙ୍କ ମୂଲ୍ୟବାନ ନ୍ୟାୟିକ ସମୟର ଅପଚୟ ବୋଲି ହାଇକୋର୍ଟ କହିଥିଲେ। ଏହି ଅର୍ଥ ରାଶି ପଇଠ ନକରି ଆବେଦନକରୀ ଅଧିକ ସମୟ ଲୋଡ଼ିବା ସହ ଏକ ଅନ୍ତରୀଣ ଆବେଦନ ରୁଜୁ କରିଥିଲେ। ଏହି ଅନ୍ତରୀଣ ଆବେଦନର ଶୁଣାଣି ଆଉ ନ ଘୁଞ୍ଚାଇ ଆବେଦନକାରୀଙ୍କୁ ଆସନ୍ତା ନଭେମ୍ବର ୭ ପର୍ଯ୍ୟନ୍ତ ସମୟ ପ୍ରଦାନ କରିଛନ୍ତି ଅଦାଲତ।

### ରାଜ୍ୟରେ ସାଇବର୍ ଠକେଇର ଭୟାବହତା

# ୯ ମାସରେ ଉଡ଼ାଇନେଲେ ୩୨୪ କୋଟି

ଭୁବନେଶ୍ୱର, ୨୫।୧୦ (ସମିସ): ବ୍ୟାଙ୍କରେ ଜମା ଅପେକ୍ଷା ପୁଞ୍ଜି ବଜାରରେ ଲାଭର ପରିମାଣ ଅଧିକ ଥିବାରୁ ଅନେକ ଲୋକ ସେଥିରେ ନିବେଶ କରୁଛନ୍ତି। ହେଲେ ସାଇବର୍ ଠକମାନେ ଏହାର ଭରପୂର୍ ଫାଇଦା ଉଠାଇ ଲୋକଙ୍କ ଆକାଉଣ୍ଟ ଖାଲି କରିଦେଉଛନ୍ତି। ଫେସବୁକ୍, ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ୍ ଭଳି ସାମାଜିକ ଗଣମାଧ୍ୟମରେ ମିଥ୍ୟା ଲୋଭନୀୟ ବିଜ୍ଞାପନ ଦେଇ ଲୋକଙ୍କୁ ଫସାଉଛନ୍ତି।

■ ଫସିଲେଣି ୩୭ ହଜାର ଲୋକ
■ ଦିନକୁ କୋଟିଏ ଠକୁଛନ୍ତି ଠକ

ଖାଲି ସେତିକି ନୁହେଁ, ଲୋକଙ୍କ ମୋବାଇଲ ନମ୍ବରକୁ ଲିଙ୍କ୍ ପଠାଇ ଅଧିକ ଲାଭର ପ୍ରତିଶ୍ରୁତି ଦେଉଛନ୍ତି। ଆଉ ଯିଏ ଏମାନଙ୍କ ଜାଲରେ ଫସିଲା ତା'ର ସର୍ବସ୍ୱ ଲୁଟି ନେଉଛନ୍ତି। ଦେଶ ବିଦେଶରେ ବସି ଏହ ଅଦୃଶ୍ୟ ଠକମାନେ ଆଖି ପିଛୁଳାକେ ପୂରା ଆକାଉଣ୍ଟ ଖାଲି କରିଦେଉଛନ୍ତି। ଗତ ୯ ମାସ ମଧ୍ୟରେ ସାଇବର୍ ଠକମାନେ ରାଜ୍ୟରୁ ୩୨୪ କୋଟି ଟଙ୍କା ଠକି ନେଇଛନ୍ତି। ଉଦ୍‌ବେଗଜନକ କଥା ହେଲା, ଅଗଷ୍ଟ ଓ ସେପ୍ଟେମ୍ବର ମାତ୍ର ଦୁଇ ମାସରେ ୧୧୦ କୋଟି ଟଙ୍କା ଉଡ଼ାଇ ନେଇଛନ୍ତି ଅଦୃଶ୍ୟ ଠକ। ଏଥିରୁ ସାଇବର୍ ଠକେଇର ଭୟାବହତା ଜଳଜଳ ହୋଇ ଦିଶୁଛି।

ଏହି କ୍ରମରେ ସାଇବର୍ ଠକମାନେ ପୁଣି ଏକ ବଡ଼ ହାତ ମାରିଛନ୍ତି। ଭଦ୍ରକର ଜଣେ ବ୍ୟବସାୟୀଙ୍କୁ ଜାଲରେ ଫସାଇ ତାଙ୍କଠାରୁ ୧କୋଟି ୬୧ ଲକ୍ଷ ୧୦ ହଜାର ଟଙ୍କା ଠକି ନେଇଛନ୍ତି। ସୂଚନାନୁଯାୟୀ, ପୁଞ୍ଜିବଜାରରେ ନିବେଶ ଲାଗି ଉକ୍ତ ବ୍ୟବସାୟୀଙ୍କ ନିକଟକୁ ଏକ ହ୍ୱାଟ୍ସଆପ ଲିଙ୍କ୍ ଆସିଥିଲା। ଲିଙ୍କରେ କ୍ଲିକ୍ କରିବା ପରେ ସେ ଏକ



ଅଜଣା ଗ୍ରୁପ୍‌ରେ ଯୋଡ଼ି ହୋଇଯାଇଥିଲେ। ଗ୍ରୁପରେ ଥିବା ଅନ୍ୟ ସଦସ୍ୟମାନେ ଏକ ନିର୍ଦ୍ଦିଷ୍ଟ ଟ୍ରେଡିଂ ଆପରେ ଟଙ୍କା ବିନିଯୋଗ କରି ଲାଭବାନ ହୋଇଥିବା ନେଇ ଚର୍ଚ୍ଚା କରୁଥିଲେ। ଏଥିରେ ଭଳି ଯାଇ ବ୍ୟବସାୟୀଜଣଙ୍କ ଠକଙ୍କ କହିବାନୁଯାୟୀ ଗତ ଅଗଷ୍ଟରେ ୪୪ହଜାର ଟଙ୍କାରୁ ନିବେଶ ଆରମ୍ଭ କରିଥିଲେ। ପରେ ଠକମାନେ ତାଙ୍କୁ ଏତେ ଲାଭାଂଶ ଦେଖାଇଥିଲେ ଯେ ସେ ୧କୋଟି ୪୦ଲକ୍ଷ ଟଙ୍କା ନିବେଶ କରିଦେଇଥିଲେ। ହେଲେ ନିକଟରେ ସେ ଟଙ୍କା ଉଠାଇବାକୁ ଚେଷ୍ଟା କରିବା ବେଳକୁ ସାଇବର ଠକ ତାଙ୍କୁ ବିଭିନ୍ନ ଆଳ ଦେଖାଇବା

| ମାସ | ଅଭିଯୋଗର ସଂଖ୍ୟା | ଅଭିଯୋଗର ପରିମାଣ |
|---|---|---|
| ଜାନୁୟାରୀ | ୪୨୯୯ | ୪୧ କୋଟି |
| ଫେବୃୟାରୀ | ୩୬୬୨ | ୨୨କୋଟି |
| ମାର୍ଚ୍ଚ | ୪୦୪୯ | ୨୫ କୋଟି |
| ଏପ୍ରିଲ | ୩୯୪୭ | ୩୩କୋଟି |
| ମେ | ୩୮୭୮ | ୨୩ କୋଟି |
| ଜୁନ୍ | ୩୮୬୭ | ୨୮ କୋଟି |
| ଜୁଲାଇ | ୩୯୯୮ | ୪୨ କୋଟି |
| ଅଗଷ୍ଟ | ୪୩୦୭ | ୨୯ କୋଟି |
| ସେପ୍ଟେମ୍ବର | ୪୮୨୩ | ୮୧ କୋଟି |

ସହ ଆକାଉଣ୍ଟ ଅଚଳ କରି ଦେଇଥିଲେ। ଆକାଉଣ୍ଟକୁ ସଚଳ କରିବାକୁ ଠକ ତାଙ୍କୁ ଆହୁରି ଟଙ୍କା ମାଗିଥିଲେ। ମୂଳଧନ ଫେରିପାଇବା ଆଶାରେ ବ୍ୟବସାୟୀଜଣଙ୍କ ଆହୁରି ଦୁଇଟି ପର୍ଯ୍ୟାୟରେ ୨୦ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ବ୍ୟବସାୟୀଙ୍କୁ ଟଙ୍କା ଫେରାଇବା ପରିବର୍ତ୍ତେ ତାଙ୍କ ଆପ୍‌କୁ ସ୍ଥାୟୀ ଭାବେ ଅଚଳ କରି ଦିଆଯାଇଥିଲା। ଏନେଇ ସେ ପ୍ରଥମେ ସାଇବର୍ ହେଲ୍ପଡେସ୍କ୍ ଓ ପରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

ପୁଲିସ ବିଭାଗର କନେଷ୍ଟବଲଠାରୁ ଆରମ୍ଭ କରି ଉଚ୍ଚ ଅଧିକାରୀଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କୁ ବିଭିନ୍ନ ସମୟରେ ସାଇବର ତାଲିମ୍ ଦିଆଯାଉଛି। ସାଇବର ଠକେଇରେ କିପରି ରୋକ୍ ଲାଗିବ, ସେନେଇ ମଧ୍ୟ ଓଡ଼ିଶା ପୁଲିସ ରଣକୌଶଳ ପ୍ରସ୍ତୁତ କରିବା ସହ ସଚେତନତା ମଧ୍ୟ କରୁଛି। ହେଲେ ସାଇବର ଠକଙ୍କ ଗୋଟି ଚାଳନା ଆଗରେ ସେସବୁ ଏକପ୍ରକାର ଫେଲ୍ ହୋଇଯାଉଛି। ଗତ ଜାନୁୟାରୀଠାରୁ ସେପ୍ଟେମ୍ବର ମଧ୍ୟରେ ଅର୍ଥାତ୍ ୯ ମାସ ମଧ୍ୟରେ ରାଜ୍ୟରୁ ପ୍ରାୟ ୩୨୪କୋଟି ଟଙ୍କା ଠକେଇ ହୋଇଛି। ସେହି ୯ ମାସ ମଧ୍ୟରେ ରାଜ୍ୟର ପ୍ରାୟ ୩୭ ହଜାର ଲୋକ ସାଇବର ଠକଙ୍କ ଦ୍ୱାରା ଠକେଇର ଶିକାର ହୋଇଛନ୍ତି। ଯଦି ଏଇ ତଥ୍ୟକୁ ହିସାବକୁ ନିଆଯାଏ, ତେବେ ପ୍ରତିଦିନ ହାରାହାରି ୧୪୦ ଓ ମାସକୁ ୪୨୦୦ ଲୋକ ସାଇବର ଠକେଇର ଶିକାର ହେଉଥିବା ବେଳେ ଅଦୃଶ୍ୟ ଠକମାନେ ଦିନକୁ କୋଟିଏ ୨୦ଲକ୍ଷ ଟଙ୍କା ଲୁଟୁଛନ୍ତି। କେତୋଟି ହାତଗଣତି ମାମଲାରେ ପୁଲିସ ସାଇବର ଠକଙ୍କୁ ଧରିବାରେ ସକ୍ଷମ ହେଉଥିବା ବେଳେ ବାକି ମାମଲାରେ ସଫଳତା ହାର ଏକଦମ୍ ନଗଣ୍ୟ।

## ଜମି ଦଲାଲ ସହ ମିଶି ପୁଲିସର ଥାର୍ଡ ଡିଗ୍ରୀ

କଟକ, ୨୫।୧୦ (ସମିସ): ଟାଙ୍ଗୀ ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ। ଟାଙ୍ଗୀ ପୁଲିସ ଜଣେ ଯୁବକଙ୍କୁ ୨ ଦିନ ଧରି ଥାନାରେ ନିର୍ଯାତନା ଦେବା, ଅତ୍ୟଧିକ ନିର୍ଯାତନା ଯୋଗୁଁ ଯୁବକଙ୍କ ବ୍ରେନ୍‌ଷ୍ଟ୍ରୋକ୍ ହେବା ଏବଂ ପୁଲିସ ତାଙ୍କୁ ତରବରିଆ ଭାବେ ଏସ୍‌ସିବିରେ ଭର୍ତ୍ତି କରିବା ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ନିର୍ଯାତନାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ପୁଲିସ ପାଇଁ ଅଡୁଆ ବଢ଼ିଛି। ନିର୍ଯାତିତ ଯୁବକଜଣଙ୍କ ହେଲେ, ଶାଳଗାଁ ପଞ୍ଚାୟତ ନାଣ୍ଡୁଆ ଗ୍ରାମର କୃପାସିନ୍ଧୁ ପ୍ରଧାନ। ସ୍ଥାନୀୟ ଜଣେ ଲୋକପ୍ରତିନିଧି ଏବଂ ୨ଜଣ ଜମି ଦଲାଲଙ୍କ ସହ ମିଶି ପୁଲିସ ଏପରି ଅମାନୁଷିକ କାଣ୍ଡ ଭିଆଇଥିବା କୃପାସିନ୍ଧୁଙ୍କ ପରିବାରଲୋକ ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣାକୁ ପୁଲିସ ଅସ୍ୱୀକାର କରୁଛି। ଅପରପକ୍ଷେ, ଏଭଳି ପରିସ୍ଥିତିରେ କୃପାସିନ୍ଧୁଙ୍କ ପରିବାର ଭୟରେ ରହିଛନ୍ତି।

କୃପାସିନ୍ଧୁଙ୍କ ପରିବାର ସଦସ୍ୟଙ୍କ କହିବା ଅନୁଯାୟୀ, ଥାନାରେ ପୁଲିସ ତାଙ୍କୁ ମାନସିକ ନିର୍ଯାତନା ଦେଇଥିଲା। ଏଥିରେ ସେ ବ୍ରେନ୍ ଷ୍ଟ୍ରୋକ୍‌ର ଶିକାର ହୋଇଥିଲେ। ଏବେ ତାଙ୍କର ଏସ୍‌ସିବି ମେଡିସିନ୍ ୱାର୍ଡରେ ଚିକିତ୍ସା ଜାରି ରହିଛି। ତାଙ୍କର ବ୍ରେନ୍‌ଷ୍ଟ୍ରୋକ୍ ଜନିତ ଚିକିତ୍ସା ଚାଲିଥିବା ବେଳେ ମେଡିକାଲ୍ ରିପୋର୍ଟ ନର୍ମାଲ୍ ରହିଥିବା ଡାକ୍ତର କହିଛନ୍ତି। ତାଙ୍କର ମାନସିକ ଅବସ୍ଥା ଠିକ୍ ନଥିବା ଚିକିତ୍ସା କରୁଥିବା ଡାକ୍ତର ସ୍ପଷ୍ଟ କରିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ନାଣ୍ଡୁଆ ଗ୍ରାମର କୃପାସିନ୍ଧୁ, ମାଧପୁର ଗ୍ରାମର ଅଜୟ ଜେନା ଓ ଖାଇପଡ଼ିଆ ଗ୍ରାମର ବିଦ୍ୟାଧର ବେହେରା ସାଙ୍ଗ ହୋଇ କିଛି ବର୍ଷ ହେଲା ଜମି କିଣାବିକା କାରବାର କରୁଥିଲେ।

■ ଟାଙ୍ଗୀ ଥାନାରେ ପୁଲିସର ବର୍ବରତା
■ ଥାନାରେ ବ୍ରେନଷ୍ଟ୍ରୋକ୍ ପରେ ଏସ୍‌ସିବିରେ ଭର୍ତ୍ତି
■ ଥାନା ଭିତରେ ଜମି ଦଲାଲ ଦେଇଥିଲେ ହତ୍ୟା ଧମକ

ଉକ୍ତ ସମୟ ମଧ୍ୟରେ ଲାଭାଂଶରୁ କୃପାସିନ୍ଧୁ ୨୦ ଗୁଣ୍ଠ ଜମି ନିଜ ନାମରେ କିଣିବାକୁ ସମର୍ଥ ହୋଇଥିଲେ। ରେଜିଷ୍ଟ୍ରେସନ୍ ସମୟରେ ଅଜୟ ଓ ବିଦ୍ୟାଧର ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ। ପ୍ରାୟ ୧ବର୍ଷ ତଳେ କିଣାଯାଇଥିବା ଉକ୍ତ ଜମିର ମୂଲ୍ୟ ଦିନକୁ ଦିନ ବୃଦ୍ଧି ପାଇବା ଫଳରେ ଅଜୟ ଓ ବିଦ୍ୟାଧର ଉକ୍ତ ଜମିରେ ନିଜର ଭାଗ ଦାବି କରିଥିଲେ। ଏଥିରେ ଅରାଜି ହେବାରୁ ଥାନାରେ ନକଲି ଚୁକ୍ତିନାମା ବଳରେ ମାମଲା ଦାୟର କରିଥିଲେ। ଫଳରେ ଟାଙ୍ଗୀ ପୁଲିସ୍ ଗତ ମଙ୍ଗଳବାର କୃପାସିନ୍ଧୁଙ୍କୁ ଘରୁ ଉଠାଇ ଆଣି ଜେରା ଆରମ୍ଭ କରିଥିଲା।

କିଛି କ୍ଷମତାଶାଳୀ ରାଜନୈତିକ ବ୍ୟକ୍ତିବିଶେଷ ଥାନାରେ ପହଞ୍ଚି ଏହି ଘଟଣାରେ ଚାପ ସୃଷ୍ଟି କରିଥିଲ। ୨ ଦିନ ଥାନାରେ ଅଟକ ରହିବା ପରେ ନିଜ ଭାଗ ପାଇଁ ଅଜୟ ଓ ବିଦ୍ୟାଧର ଚାପ ସୃଷ୍ଟି କରିବାରୁ କୃପାସିନ୍ଧୁ ଅଚେତ ହୋଇ ପଡ଼ିଯାଇଥିଲେ। ପରିବାରଲୋକ ଥାନାରେ ପହଞ୍ଚି ଥାନା କର୍ମଚାରୀ ଥାର୍ଡ ଡିଗ୍ରୀ ଦେଇଥିବା ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ। ପରେ ତାଙ୍କୁ ଥାନା କର୍ମଚାରୀ କଟକ ବଡ଼ ମେଡ଼ିକାଲକୁ ନେଇଥିଲେ। ଡାକ୍ତର ତାଙ୍କୁ ବ୍ରେନ୍‌ଷ୍ଟ୍ରୋକ୍ ହୋଇଛି ବୋଲି କହିଥିଲେ। ପୀଡ଼ିତ କୃପାସିନ୍ଧୁ କ୍ରମଶଃ ସୁସ୍ଥ ହେଉଥିବା ବେଳେ ତାଙ୍କୁ ଥାନାରେ ନିର୍ଯାତନା ଦିଆଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସଂକ୍ରାନ୍ତରେ ଟାଙ୍ଗୀ ଥାନା ଅଧିକାରୀଙ୍କୁ ପଚାରିବାରୁ ଥାର୍ଡ ଡିଗ୍ରୀ ଏବଂ ମାନସିକ ନିର୍ଯାତନା ଦିଆଯାଇନଥିବା ଆଇଆଇସି ଶିବପ୍ରସାଦ ଭଦ୍ର ଜଣାଇଛନ୍ତି।

■ କାଳହେଲା ବାର୍‌ହା ଫାଶ

## ପ୍ରେମିକା ଆଖି ଆଗରେ ଚାଲିଗଲା ପ୍ରେମିକର ଜୀବନ

ସେମିଳିଗୁଡ଼ା, ୨୫।୧୦(ସମିସ): କାଳ ହେଲା ବାର୍‌ହା ଫାଶ। ବିଦ୍ୟୁତ୍ ଆଘାତରେ ପ୍ରେମିକା ଆଖି ଆଗରେ ଚାଲିଗଲା ପ୍ରେମିକର ଜୀବନ। କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ୍ ପାକଝୋଲା ପଞ୍ଚାୟତର ଅଲିଗାଁରେ ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ମୃତ ଯୁବକଜଣଙ୍କ ହେଲେ, ଘାଟଗୁଡ଼ା ଗ୍ରାମର ସଞ୍ଜୟ ବଡ଼ନାୟକ। ସେ ଦୁଧାରୀ କଲେଜରେ ଯୁକ୍ତ ୨ରେ ପଢୁଥିଲେ। ସେହିପରି ଏହି ଅଘଟଣରେ ସଞ୍ଜୟଙ୍କ ବାନ୍ଧବୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



ସୂଚନା ମୁତାବକ, ସଞ୍ଜୟ ଓ ତାଙ୍କ ବାନ୍ଧବୀ ଅଲିଗାଁ ସ୍କୁଲ ନିକଟ ପାହାଡ଼ ପାଖକୁ ଯାଇଥିଲେ। ସେଠାରେ ସେମାନେ ଚାଲିଚାଲି ଯାଉଥିବା ବେଳେ ବାର୍‌ହା ଶିକାର ଉଦ୍ଦେଶ୍ୟରେ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ସଞ୍ଜୟଙ୍କ ଗୋଡ଼ ବିଦ୍ୟୁତ୍ ତାରରେ ଲାଗିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏଥିରେ ତାଙ୍କ ବାନ୍ଧବୀ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୁଲିସ ଦୁଇଜଣଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା କରୁଛି।

## ନୂଆପଡ଼ା ଉପନିର୍ବାଚନରେ ସରକାରୀ ସମ୍ପତ୍ତିର ଦୁରୁପଯୋଗ କରୁଛି ବିଜେପି

ଭୁବନେଶ୍ୱର,୨୫।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ ବିଜେପି ସରକାରୀ ସମ୍ପତ୍ତିର ଦୁରୁପଯୋଗ କରୁଛି। ଆଦର୍ଶ ଆଚରଣ ବିଧିକୁ ବେଖାତିର କରି ଶାସକ ଦଳ ଲଗାଉଥିବା ପୋଷ୍ଟର ପ୍ରତି ପ୍ରଶାସନ ଆଖି ବୁଜି ଦେଇଛି। ଅନ୍ୟପକ୍ଷରେ ନ୍ୟାୟସଙ୍ଗତ ଭାବେ ଲାଗିଥିବା ବିଜେଡିର ପୋଷ୍ଟର, ବ୍ୟାନରକୁ କାଢ଼ି ଫିଙ୍ଗି ଦିଆଯାଉଛି। ଏପରି ସମ୍ବେଦନଶୀଳ ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବା ଲାଗି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ଦାବି କରିଛି।

ବିଜେଡିର ବରିଷ୍ଠ ନେତୃବୃନ୍ଦ ଶନିବାର ସିଇଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ବିଜେଡି



ପକ୍ଷରୁ ଅଭିଯୋଗ କରାଯାଇଛି ଯେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ନିଜର ପ୍ରଚାର ପାଇଁ ସରକାରୀ ସମ୍ପତ୍ତିର ବ୍ୟବହାର କରୁଛନ୍ତି। ବିଦ୍ୟୁତ୍ ଖୁଣ୍ଟ, ସାଇନ୍ ବୋର୍ଡ ଏବଂ ନୂଆପଡ଼ା ଓ ଖରିଆର ଏନ୍‌ଏସି ମଧ୍ୟରେ ଯାଇଥିବା ଜାତୀୟ ରାଜପଥ ନମ୍ବର ୩୫୩ରେ ବିଜେପି ପ୍ରଚାର ପୋଷ୍ଟର ଏବଂ

### ତୁରନ୍ତ ହସ୍ତକ୍ଷେପ ପାଇଁ ସିଇଓଙ୍କୁ ଫେରାଦ ହେଲା ବିଜେଡି

ବ୍ୟାନର ଲଗାଇଛନ୍ତି। ଏହି ବ୍ୟାନର ଓ ହୋର୍ଡିଂଗୁଡ଼ିକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ବିଜେପିର ଅନ୍ୟାନ୍ୟ ନେତାଙ୍କ ଛବି ରହିଛି। ବିଜୁ ଜନତା ଦଳ ଏହାକୁ ସରକାରୀ ସମ୍ପତ୍ତିର ସ୍ପଷ୍ଟ ଦୁରୁପଯୋଗ ଏବଂ ନିର୍ବାଚନ ଆଚରଣ ବିଧିର ତୀବ୍ର ଉଲ୍ଲଙ୍ଘନ ବୋଲି ଅଭିଯୋଗ କରିଛି। ବିଜେପି ପକ୍ଷରୁ ଲଗାଯାଇଥିବା ସମସ୍ତ ଅବୈଧ ବ୍ୟାନର ଏବଂ ହୋର୍ଡିଂ ତୁରନ୍ତ ହଟାଇବା ପାଇଁ ବିଜେଡି ଦାବି କରିଛି। ଏଥିସହିତ ବିଜେଡି ଆଇନଗତ ଭାବେ ଲଗାଇଥିବା ପୋଷ୍ଟର ବ୍ୟାନର ଆଦି କେଉଁ ପରିସ୍ଥିତିରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ହଟାଇଲେ ତାହାର ନିରପେକ୍ଷ ତଦନ୍ତ କରିବା ପାଇଁ ମଧ୍ୟ ବିଜେଡି ସିଇଓଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିଛି। ବିଜେଡି ସର୍ବଦା ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ।

### ସରି ଆସୁଛି ଆଉ ଏକ କାର୍ତ୍ତିକ

## ଭକ୍ତଙ୍କୁ ବଣ୍ଟାହେଲାନି ମାଗଣା ମହାପ୍ରସାଦ

ପୁରୀ, ୨୫।୧୦ (ସମିସ): ଗୋଟିଏ କାର୍ତ୍ତିକ ବିତିସାରିଛି; ଆଉ ଗୋଟାକୁ ସରିବାକୁ ମାତ୍ର ୧୦ଦିନ ବାକି। ହେଲେ ଏଯାଏ ଭକ୍ତଙ୍କୁ ବଣ୍ଟାଗଲାନି ମାଗଣା ମହାପ୍ରସାଦ। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଘୋଷଣା ସେମିତି ଘୋଷଣାରେ ରହିଗଲା।

ଶ୍ରୀମନ୍ଦିରକୁ ଦୈନିକ ହଜାରହଜାର ଶ୍ରଦ୍ଧାଳୁ ଆସିଥା'ନ୍ତି। ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିସାରିବା ପରେ ପ୍ରାୟ ପ୍ରତ୍ୟେକଙ୍କର ମହାପ୍ରସାଦ ପାଇବାକୁ ଇଚ୍ଛାଥାଏ। ହେଲେ ସମସ୍ତେ ଆନନ୍ଦବଜାରରୁ ଅବଢ଼ା କିଣି ଖାଇବାକୁ ସମର୍ଥ ହୋଇ ନଥା'ନ୍ତି। କିଏ ଆର୍ଥିକ ଦୃଷ୍ଟିକୋଣରୁ ତ ଆଉ କେହି ସମୟ ଅଭାବରୁ ଦର୍ଶନ ସାରି ଫେରିଯାଆନ୍ତି। ତେଣୁ ମହାପ୍ରସାଦ ପାଇବା ପାଇଁ ଆଶା ରଖିଥିବା ଶ୍ରଦ୍ଧାଳୁଙ୍କୁ ମାଗଣାରେ କଣିକାଏ ଅବଢ଼ା ଦେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିଥିଲା। ୨୦୧୬ ମସିହା ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିଲା ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ମିଳିତ ସହଯୋଗରେ ବାଇଶି ପାହାଚରେ ଦୁଇ ବଡ଼ ଆଟିକାରେ ପ୍ରତ୍ୟହ ଏହି ମହାପ୍ରସାଦ ବଣ୍ଟନ କରାଯାଉଥିଲା। ଆନନ୍ଦ ବଜାରରୁ ଅବଢ଼ା କିଣି ନପାରିଲେ ମଧ୍ୟ ଭକ୍ତମାନେ କଣିକାଏ ଲେଖାଏଁ ମହାପ୍ରସାଦ ପାଇ ଆନନ୍ଦ ମନରେ ଫେରୁଥିଲେ। କିନ୍ତୁ ପ୍ରାୟ ୭ ବର୍ଷ ହେବ ବନ୍ଦ ରହିଛି ଏହି ମାଗଣା



ମହାପ୍ରସାଦ ବଣ୍ଟନ। ଏବେ ପୁଣି ଏହି ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ଘୋଷଣା କରିଥିଲେ ଆଇନ ମନ୍ତ୍ରୀ।

ଗତବର୍ଷ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ, ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ସଂଖ୍ୟାଦୃଷ୍ଟିରୁ ବର୍ଷକୁ ଏ ବାବଦରେ ପ୍ରାୟ ୧୪ରୁ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ଭକ୍ତ ସମାଜକୁ ଅନୁରୋଧ କରିଛୁ। ଅନେକ ଭକ୍ତ ଆସି ସହଯୋଗର ହାତ ବି ବଢ଼ାଇଛନ୍ତି। ଯେଉଁ ବଦାନ୍ୟ ଭକ୍ତମାନେ ଅଛନ୍ତି, ସେମାନଙ୍କ ସହଯୋଗରେ ଏହା ହେବ। ସେମାନେ ମଧ୍ୟ ପୁଣ୍ୟ ଅର୍ଜନ କରିବେ। କାର୍ତ୍ତିକ ମାସ ପରେ ଏହାର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଥିଲା। କିନ୍ତୁ ୨୦୨୪ର କାର୍ତ୍ତିକ ସରି ଏବର୍ଷର କାର୍ତ୍ତିକ ମାସକୁ ଆଉ ୧୦ ଦିନ ବାକିଥିବା ବେଳେ, ଏପର୍ଯ୍ୟନ୍ତ ମାଗଣା ମହାପ୍ରସାଦ ବଣ୍ଟନର ରୂପରେଖ କିଛି ସ୍ପଷ୍ଟ ହୋଇନି। ଭକ୍ତଙ୍କୁ କେତେ ପରିମାଣରେ ଓ କେମିତି ମହାପ୍ରସାଦ ବଣ୍ଟାଯିବ, ତାହା ସ୍ଥିର ହୋଇନି। କୁଡୁଆରେ ଦେବା ପାଇଁ ମଝିରେ କଥା ଉଠିଥିଲା। ତାହା ବି କିଛି ସ୍ପଷ୍ଟ କରାଯାଇ ନାହିଁ।

ବଡ଼ କଥା ହେଉଛି, ମନ୍ତ୍ରୀ ସିନା ଘୋଷଣା କରିଦେଲେ, ହେଲେ ଏହା କାର୍ଯ୍ୟକାରୀ ହେବ କେମିତି? ଏଥିପାଇଁ ଆବଶ୍ୟକ ଅର୍ଥ ଭରଣା ହେବ କେଉଁଠୁ? ସରକାର ଦେବେ ନା ଶ୍ରୀମନ୍ଦିର ପ୍ରଶାସନ ଏ ବାବଦ ଅର୍ଥ କିଏ ଖର୍ଚ୍ଚ କରିବ? ଏମିତି ଅନେକ ପ୍ରଶ୍ନ ଏବେ ଛିଡ଼ା ହୋଇଛି। ସେପଟେ, ଗତବର୍ଷ ମନ୍ତ୍ରୀଙ୍କ ଘୋଷଣା ବେଳେ ମାଗଣା ମହାପ୍ରସାଦ ବଣ୍ଟନକୁ ନେଇ ଭକ୍ତ ଯେତିକି ଉତ୍ସାହିତ ଥିଲେ, ଏବେ ସେତିକି ହତୋତ୍ସାହିତ ହୋଇପଡ଼ିଛନ୍ତି।

### କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର-୨୦୨୪ ପ୍ରଦାନ ସମାରୋହ

## ପୁରସ୍କାର ଗ୍ରହଣ କଲେ ୨୨ ଭାଷାର ଅନୁବାଦକ, ଓଡ଼ିଶାରୁ ତିନି ଜଣ

ଭୁବନେଶ୍ୱର,୨୫।୧୦(ସମିସ): କେନ୍ଦ୍ର ସାହିତ୍ୟ ଏକାଡେମୀର ଅନୁବାଦ ପୁରସ୍କାର-୨୦୨୪ ପ୍ରଦାନ ସମାରୋହ କୋଲକାତାର ଜାତୀୟ ଗ୍ରନ୍ଥାଗାରସ୍ଥିତ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାଷା ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୨ଟି ଭାଷାର ଅନୁବାଦକଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ବରିଷ୍ଠ ଲେଖକ ଓ ଅନୁବାଦକ

### ଓଡ଼ିଆ ଭାଷା ପାଇଁ ସୁଭାଷ ଶତପଥୀ ପୁରସ୍କୃତ

ସୁଭାଷ ଚନ୍ଦ୍ର ଶତପଥୀଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ପ୍ରଦାନ କରାଯାଇଛି। ଇଂରାଜୀ ଭାଷାରେ ରଚିତ ବିଶିଷ୍ଟ ଲେଖକ ରସ୍କିନ୍ ବଣ୍ଡଙ୍କ ଆତ୍ମଜୀବନୀ 'ଲୋନ୍ ଫକ୍ସ ଡ୍ୟାନ୍ସିଂ'ର ଓଡ଼ିଆ ଅନୁବାଦ 'କୋକିଶିଆଳିର ଏକକ ନୃତ୍ୟ' ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଓଡ଼ିଶାରୁ ସଂସ୍କୃତ ପାଇଁ ସୋମନାଥ ଦାଶ, ତେଲୁଗୁ ପାଇଁ ବ୍ରହ୍ମପୁରର ତୁର୍ଲାପାଟୀ ରାଜେଶ୍ୱରରୀଙ୍କୁ ପୁରସ୍କୃତ କରାଯାଇଛି।

ସମାରୋହରେ ଏକାଡେମୀର ସଭାପତି ଡକ୍ଟର ମାଧବ କୌଶିକ ଅଧ୍ୟକ୍ଷତା କରିବା କରିବା ସହ ବିଜେତାମାନଙ୍କୁ







ପୁରସ୍କାର ପ୍ରଦାନ କରି ଭାରତୀୟ ସାହିତ୍ୟରେ ଅନୁବାଦ ବିଭାଗ ଖୁବ୍ ସମୃଦ୍ଧ ବୋଲି କହିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ସୁକାନ୍ତ ଚୌଧୁରୀ ଯୋଗଦେଇ ଭାଷା ଓ ସାହିତ୍ୟର ସମୃଦ୍ଧିରେ ଅନୁବାଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଗୋଟିଏ ଭାଷା ସହିତ ଆଉ ଗୋଟିଏ ଭାଷା ମଧ୍ୟରେ ଅନୁବାଦ ଏକ ସେତୁ ଭଳି କାମ କରିଥାଏ। ତେଣୁ ଅନୁବାଦ କାର୍ଯ୍ୟ ସମ୍ପାଦନ କଲାବେଳେ ଅନୁବାଦକମାନେ ଖୁବ୍ ସତର୍କ ଓ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଡ. କେ ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ମାନପତ୍ର ପାଠ କରିଥିଲେ ଏବଂ ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୋବନ୍ତି ବନ୍ଦୋପାଧ୍ୟାୟ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସାହିତ୍ୟ ଏକାଡେମୀର ଉପାଧ୍ୟକ୍ଷ ପ୍ରଫେସର କୁମୁଦ ଶର୍ମା ସମାପନୀ ଭାଷଣ ପ୍ରଦାନ କରିଥିଲେ। ଏହି ପୁରସ୍କାର ସମାରୋହରେ ବିଭିନ୍ନ ଭାରତୀୟ ଭାଷାର ଲେଖକ ଲେଖିକା ଯୋଗ ଦେଇଥିଲେ। ଏହି ଅବସରରେ ଆଜି ସାହିତ୍ୟ ଏକାଡେମୀ କାର୍ଯ୍ୟାଳୟସ୍ଥିତ ପ୍ରେକ୍ଷାଳୟରେ ଏକାଡେମୀର ଉପାଧ୍ୟକ୍ଷ ପ୍ରଫେସର କୁମୁଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁବାଦକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରସ୍କାର ବିଜେତାମାନେ ଅନୁବାଦକ ଭାବରେ ସେମାନଙ୍କର ଯାତ୍ରା ଏବଂ ଅନୁବାଦର ସୃଜନଶୀଳ ପ୍ରକ୍ରିୟା ବିଷୟରେ ଆଲୋକପାତ କରିଥିଲେ।

## ବରେଇପାଲିରେ ଉଚ୍ଛେଦ ହେଲା, ବ୍ୟବସ୍ଥା ହେଲାନି

# ଡ୍ରେନ୍ ପାଣି ଘେରରେ ୧୦ ଘର

**ସମ୍ବଲପୁର, ୨୫।୧୦(ସମିସ)**

ବରେଇପାଲିରୁ ଡେଙ୍ଗସର୍ଗି ଆଡ଼କୁ ରାସ୍ତା ଚଉଡ଼ା ହେବ। ଏଥିପାଇଁ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଗତ ଶୁକ୍ରବାର ଦିନ ଜବରଦଖଲ ହଟାଯାଇଛି। ରାସ୍ତାକୁ ମାଡ଼ି ଆସିଥିବା ଦୋକାନ, ଘର ସବୁ ଭଙ୍ଗା ଯାଇଛି। ବରେଇପାଲି ପୁଲିସ ଟିମ୍ ଓ ଏସଏମ୍‌ସି ପକ୍ଷରୁ ଅଧିକାରୀଙ୍କ ଉପସ୍ଥିତିରେ ଜବରଦଖଲକାରୀଙ୍କୁ ଉଠାଯାଇଛି। କାହାର ଦୋକାନ ଭଙ୍ଗାଯାଇଛି ତ, କାହାର ଦୁଇମହଲା ଘରର କିଛି ଅଂଶ କଟାଯାଇଛି।କିନ୍ତୁ ଉଚ୍ଛେଦ ପରେ ସେମାନଙ୍କ ଦୁଃଖ ବଢ଼ିଯାଇଛି।ଭଙ୍ଗା କିଛି ଅଂଶ ଡ୍ରେନରେ ପଡ଼ି ଜାମ ହୋଇଯାଇଛି। ଯାହାଫଳରେ ଡ୍ରେନର ଅପରିଷ୍କାର ପାଣି ବର୍ତ୍ତମାନ ରାସ୍ତା ଉପରେ। ପ୍ରାୟ ୧୦ ଘର ସମ୍ମୁଖରେ ଡ୍ରେନ ପାଣି ଲହଡି ମାରୁଛି। ମହାନଗର ନିଗମ ଉଚ୍ଛେଦ ପକ୍ରିୟାରୁ ତ୍ୱରାନ୍ୱିତ କରିଲା, କିନ୍ତୁ ଲୋକଙ୍କ ପାଇଁ କୌଣସି ସୁବିଧା କରିନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ସହରରେ ଜବରଦଖଲ ଉଚ୍ଛେଦ ପକ୍ରିୟା ଜାରି ରହିଛି।ଜବରଦଖଲକାରୀଙ୍କୁ ନୋଟିସ ଦେଇ ଉଚ୍ଛେଦ ପାଇଁ ଆଗୁଆ ସୂଚନା ମଧ୍ୟ ଦିଆଯାଉଛି।ସହରର ବିଭିନ୍ନ ସ୍ଥାନରେ ରାସ୍ତା ସମ୍ପ୍ରସାରଣ ହେବା ସହ ମାଷ୍ଟର ଡ୍ରେନ ପ୍ଲାନ ରହିବ।ବର୍ଷା ହେଲେ ଡ୍ରେନ ପାଣି କିମ୍ବା ବର୍ଷା ପାଣି ଲୋକଙ୍କ ଘରେ ପଶିବ ନାହି ଏହାକୁ ନଜରରେ ରଖି ଏସ୍ଏମ୍‌ସି ପକ୍ଷରୁ ପକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ବରେଇପାଲିରୁ ଡେଙ୍ଗସର୍ଗି ଆଡ଼କୁ ଯାଇଥିବା ରାସ୍ତା ମଧ୍ୟ ସମ୍ପ୍ରସାରଣ ହେବ। ରାସ୍ତାକୁ ଲାଗି ଡ୍ରେନ ବ୍ୟବସ୍ଥା ରହିବ। ବରେଇପାଲି ଛକରୁ ଡେଙ୍ଗସର୍ଗି ଆଡ଼କୁ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲ ରହିଥିଲା। ସ୍ଥାନୀୟ ଲୋକେ ରାସ୍ତାକୁ ମାଡି ବସିଥିଲେ। ଘର, ଦୋକାନ କରି ରାସ୍ତାକୁ ଏକ ପ୍ରକାରର ସଂକିର୍ଣ୍ଣ କରିଥିଲେ। କିଛିମାସ ପୂର୍ବରୁ ଉଚ୍ଛେଦ ପାଇଁ ଜବରଦଖଲକାରୀଙ୍କୁ ନୋଟିସ ମଧ୍ୟ କରାଯାଇଥିଲା। ରାସ୍ତାକୁ ମାପି କେତେ ଜାଗା ଛାଡ଼ିବାକୁ ମଧ୍ୟ କୁହାଯାଇଥିଲା। ନିଜେ ନିଜର ଜାଗା ଛାଡ଼ିବାରୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ଲୋକେ ଜବରଦଖଲରୁ ହଟିନଥିଲେ। ଗତ ଶୁକ୍ରବାର ଦିନ ପୁଲିସ ଉପସ୍ଥିତିରେ ଏହା ହୋଇଥିଲା। ରାସ୍ତା ସମ୍ପ୍ରସାରଣକୁ ସ୍ଥାନୀୟ ମହଲରେ ସ୍ୱାଗତ କରାଯାଇଛି। କିନ୍ତୁ ବର୍ତ୍ତମାନ ଡ୍ରେନର ଦୁର୍ଗନ୍ଧପାଣିରେ ୧୦ ଘର ବସବାସ କରୁଛନ୍ତି। ଡେଙ୍ଗସର୍ଗୀ ଆଡ଼କୁ ପ୍ରତିଦିନ ବହୁଳ ମାତ୍ରାରେ ଟ୍ରକ ଯିବା ଆସିବା କରିଥାଏ। ଛକରେ ଡ୍ରେନ ପାଣି ଜମା ହୋଇଥିବାରୁ ରାସ୍ତାରେ ଗାଡ଼ି ଗଲାବେଳେ ଘରକୁ ଛିଟିକି ପଡୁଛି। ଉଚ୍ଛେଦ ପରେ ଡ୍ରେନ ପାଣି ସମସ୍ୟାକୁ ଏସଏମ୍‌ସି ଗୁରୁତ୍ୱ ଦେଇନଥିବା ଅଭିଯୋଗ ହୋଇଛି।ଯାହା ଫଳରେ ସ୍ଥାନୟ ଲୋକ ଯନ୍ତ୍ରଣା ଭୋଗୁଥିବା କହିଛନ୍ତି। ତେଣୁ ମାଷ୍ଟର ଡ୍ରେନ ନିର୍ମାଣ ହେବା ପୂର୍ବରୁ ବର୍ତ୍ତମାନ ଅସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

**ଦୁର୍ଗନ୍ଧରେ ଫାଟି ପଡୁଛି ରାସ୍ତା**

## ଶିକ୍ଷକ ଦାବିରେ ସ୍କୁଲରେ ତାଲାପକାଇ ଧାରଣା



**ଜମନକିରା, ୨୫।୧୦(ସମିସ):** ଜମନକିରା ବ୍ଲକ କୁତବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଦାବିରେ ଆଜି ସ୍କୁଲ ଗେଟରେ ତାଲା ପକାଇ ବାହାରେ ଧାରଣାରେ ବସିଛନ୍ତି ଅଭିଭାବକ ଓ ଛାତ୍ରଛାତ୍ରୀ। କୁତବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ମୋଟ ୪୫ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ହେଲେ ଏବେ ୨ ଜଣ ଶିକ୍ଷକ ଶିକ୍ଷା ଦାନ କରୁଛନ୍ତି। ଫଳରେ ଛାତ୍ରଛାତ୍ରୀମାନେ ପାଠ ପଢ଼ିବା ପାଇଁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏନେଇ କୁତବ ଗ୍ରାମବାସୀ ବାରମ୍ବାର ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦେଇଥିବା ବେଳେ ଜମନକିରା ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ କରିଥିଲେ।ହେଲେ ଦାବି ଜଣାଇବା ଦୀର୍ଘ ଦିନ ପରେ ମଧ୍ୟ ଶିକ୍ଷକ ନିଯୁକ୍ତି ହୋଇପାରିନାହିଁ। ଏହାକୁ ନେଇ ଗତ ସପ୍ତାହରେ ବିଇଓଙ୍କୁ ପୁନଃ ଦାବିପତ୍ର ଦେବା ସହିତ ଏକ ସପ୍ତାହର ସମୟ ଦେଇଥିଲେ। ସମୟସୀମା ମଧ୍ୟରେ କୌଣସି ସମାଧାନ ନହେବା ଫଳରେ ବାଧ୍ୟ ହୋଇ ଆଜି ସ୍କୁଲରେ ତାଲା ପକାଇ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସ୍କୁଲ ବାହାରେ ଧାରଣାରେ ବସିଥିଲେ। ଖବର ପାଇ ଜମନକିରା ଏବିଇଓ ଦେବକୀ ନାଏକ ପହଞ୍ଚି ଅନ୍ୟ ଏକ ସ୍କୁଲରୁ ଜଣେ ଶିକ୍ଷକଙ୍କୁ ଡେପୁଟେସନ ବଦଳି କରି ଦେବା ସହିତ ଖୁବ ଶୀଘ୍ର ଆଉ ଜଣେ ଶିକ୍ଷକ ଦେବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବାପରେ ଅଭିଭାବକମାନେ ତାଲା ଖୋଲିବା ସହିତ ଧାରଣାରୁ ଉଠିଥିଲେ।

## ବ୍ଲାକ୍‌ମେଲିଂ ଓ ଦୁଷ୍କର୍ମ ଉଦ୍ୟମ କରି ଯୁବକ ଗିରଫ

**କୁଚିଣ୍ଡା, ୨୫।୧୦ (ସମିସ):** କୁଚିଣ୍ଡା ବ୍ଲକ ଅର୍ଡାବାହାଲ ଗ୍ରାମର ସମୀର ନାୟକ ନିଜକୁ ସୂଚନା କର୍ମୀ କହି ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟାଳୟରେ ସୂଚନା ଅଧିକାରରେ ତଥ୍ୟ ମାଗି ଅଧିକାରୀ ଓ କର୍ମଚାରୀଙ୍କୁ ବ୍ଲାକ ମେଲିଂ କରି ଅର୍ଥ ଉପାର୍ଜନର ସହଜ ବାଟ ବାଛି ନେଇ ଟଙ୍କା ଉପାର୍ଜନ କରୁଥିଲା। ହେଲେବେଶୀ ଦିନ ତିଷ୍ଠ ପରିଲା ନାହିଁ। ଗତ କିଛି ଦିନ ତଳେ ସେହି ଗ୍ରାମର ଜଣେ ୪୬ ବର୍ଷୀୟା



ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରିବା ଅଭିଯୋଗରେ ନିଜକୁ ସୂଚନା ଅଧିକାର କର୍ମୀ ବୋଲାଉଥିବା ସମୀର ନାୟକଙ୍କ ବିରୋଧରେ ମହୁଲପାଲୀ ଥାନାରେ ଗତ ୨୦ ତାରିଖରେ ମାମଲା ରୁଜୁ ହୋଇଥିଲା। ପୁଲିସ ଶୁକ୍ରବାର ରାତ୍ରିରେ ଗିରଫ କରି ଶନିବାର ଦିନ କୋର୍ଟ ଚାଲାଣ କରିଛି। ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ଅର୍ଡାବାହାଲ ଗ୍ରାମର ଜଣେ ମହିଳା ଘରେ ଏକୁଟିଆ ଥିବା ବେଳେ ସୁଯୋଗ ଦେଖି ଗତ ୨୦ ତାରିଖ ଦିନ ସମୀର ତାଙ୍କ ଘରେ ପଶି ତାଙ୍କ ସହିତ ଜୋରଜବରଦସ୍ତି ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା। ତେବେ ମହିଳାଙ୍କ ଜୋରଦାର ପ୍ରତିରୋଧ ଯୋଗୁଁ ସେ ସଫଳ ହୋଇ ନ ପାରିବାରୁ ରାଗିଯାଇ ସମ୍ପୃକ୍ତ ମହିଳାଙ୍କୁ ଲୁହା ଛଡ଼ରେ ନିସ୍ଠୁକ ମାଡ ମାରିଥିଲେ। ମାଡ ଖାଇ ମହିଳା ଜଣକ ଜୀବନ ବିକଳରେ ଚିତ୍କାର କରିବାରୁ ପାଟି ଶୁଣି ତାଙ୍କର ଭାଇ ବୋହୂ ଘଟଣାସ୍ଥଳରେ ପହଞ୍ଚି ସମୀରର କବଳରୁ ମହିଳାଙ୍କୁ ରକ୍ଷା କରିବାକୁ ଚେଷ୍ଟାବା ବେଳେ ସମୀର ତାଙ୍କୁ ମଧ୍ୟ ମାଡ ମାରିଥିବା ଅଭିଯୋଗ ହୋଇଛି।ଏ ବାବଦରେ ପିଡୀତା ମହିଳା ଜଣକ ଗତ ୨୦ ତାରିଖ ଦିନ ମହୁଲପାଲୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ ନଂ ୧୩୬/ ୨୦୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅନ୍ୟ ପକ୍ଷରେ ମାଡ ଖାଇ ଗୁରୁତର ଆହତ ହୋଇଥିବା ମହିଳା ଜଣକ କୁଚିଣ୍ଡା ଡାକ୍ତରଖାନାରେ ତିନି ଦିନ ଧରି ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ପୁଲିସ ଗତ ଗୁରୁବାର ଦିନ ତାଙ୍କୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରି ଧାରା ୧୬୪ ରେ ବୟାନ ରେକର୍ଡ କରିବା ସହିତ ଗତ ଶୁକ୍ରବାର ଦିନ କୁଚିଣ୍ଡା ଡାକ୍ତରଖାନାରେ ତାଙ୍କର ଡାକ୍ତରୀମାଇନା କରାଇଥିଲ। ଏହା ପରେ ସେହି ଶୁକ୍ରବାର ଦିନ ରାତ୍ରିରେ ହିଁ ଅଭିଯୁକ୍ତ ସମୀରକୁ ଗିରଫ କରି ଶନିବାର ଦିନ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆ ଯାଇଥିଲା। ତେବେ ସମୀର କୁଚିଣ୍ଡା ଏନ୍ଏସି ପକ୍ଷରୁ ନିର୍ମାଣ କରାଯାଇଥିବା ଏକ ପାର୍କରୁ ଫେବର ବ୍ଲକ ଚୋରି କରିଥିବା ବାବଦରେ କୁଚିଣ୍ଡା ଏନ୍ଏସି ଇ.ଓ ପୂର୍ବରୁ କୁଚିଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଏ ବାବଦରେ ଥାନାରେ କେସ ନଂ ୨୯୨/୨୦୨୫ ରେ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଥିଲା। ଶନିବାର କୁଚିଣ୍ଡା ପୁଲିସ ଅଭିଯୁକ୍ତ ସମୀରର ଅର୍ଡ଼ାବାହାଲ ଘରେ ଚଢ଼ାଉ କରି ସେଠାରୁ ୧୫୦ଟି ଫେବର ବ୍ଲକ ଜବତ କରିଛି। ଏହି ଘଟଣା ବର୍ତ୍ତମାନ କୁଚିଣ୍ଡା ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି।

## ଗଞ୍ଜେଇ ଚାଲାଣ ର୍‌ୟାକେଟ ସକ୍ରିୟ



**ସମ୍ବଲପୁର, ୨୫।୧୦ (ସମିସ):** ପୁଣି ସମ୍ବଲପୁରରେ ଗଞ୍ଜେଇ ଚୋରା ଚାଲାଣ ସକ୍ରିୟ। ପୁଲିସ ଓ ଅବକାରୀ ବିଭାଗର ମିଳିତ ବାରମ୍ବାର ଚଢାଉ ଜାରି ରଖିଥିଲା। ଫଳରେ ଚାଲାଣ ପକ୍ରିୟା ଏକ ପ୍ରକାରର ଠପ ହୋଇଥିଲା। ପୁଣି କିଛି ଦିନ ପରେ ଆଜି ଜିଲ୍ଲା ଅବକାରୀ ଗଞ୍ଜେଇ ଜବତ କରିଛି। ଅଇଁଠାପାଲି ଥାନା ବୈଦାରନୂଆପାଲିରୁ ଏକ ବୋଲେରରୁ ଗଞ୍ଜେଇ ଜବତ କରିଛି। ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଧ୍ୟପ୍ରଦେଶ ଭୋପାଲ ଜିଲ୍ଲାର ସୁନୀଲ କୁମାର(୩୧) ଓ ଜଗଦୀଶ(୪୫)। ଏକ ବୋଲେର ନଂ ସିଜି୦୪ଏଚଡି-୬୨୮୩ରୁ ୬୦ କେଜି ଗଞ୍ଜେଇ ଜବତ କରିଛି। ଏହା ସହ

**୨ ଗିରଫ, ୬୦ କେଜି ଜବତ**

ମୋବାଇଲ ଫୋନ ମଧ୍ୟ ଜବତ କରିଛି। ସୂଚନା ଅନୁସାରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ସମ୍ବଲପୁର ସହର ଏକ ପ୍ରକାରର ମାଧ୍ୟମ ରହିଥିଲା। ଅଧିକାଂଶ ଗଞ୍ଜେଇ ମାଫିଆ ସହର ଦେଇ ଚୋରା ଚାଲାଣ କରୁଥିଲେ। ବୌଦ୍ଧରୁ ଗଞ୍ଜେଇ ଆଣି ରେଢାଖୋଲ ସମ୍ବଲପୁର ଦେଇ ୟୁପି, ବିହାର ଛତିଶଗଡ଼ ରାଜ୍ୟକୁ ଚାଲାଣ ହେଉଥିଲା।

## ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ର ଆହତ

**ସମ୍ବଲପୁର, ୨୫।୧୦(ସମିସ):** କ୍ଷେତରାଜପୁର ଥାନା ଅଞ୍ଚଳରେ ଥିବା ଏକ ସରକାରୀ ସ୍କୁଲର ଶିକ୍ଷୟିତ୍ରୀଙ୍କ ମାଡ଼ରେ ବଡବଜାର ଅଞ୍ଚଳର ଚତୁର୍ଥ ଶ୍ରେଣୀରେ ପଢୁଥିବା ଛାତ୍ର ଆହତ ହୋଇଛନ୍ତି। ଶିକ୍ଷୟିତ୍ରୀ



ଜଣଙ୍କ ଛାତ୍ରଙ୍କୁ ମାଡ ମାରିଥିବାରୁ ଦେହରେ ବିଭିନ୍ନ ଦାଗ ରହିଛି। ଯାହାକୁ କ୍ଷୋଭ ପ୍ରକାଶ କରିଛନ୍ତି ଛାତ୍ରଙ୍କ ବାପା। ସଦର ଡାକ୍ତରଖାନା ନେଇ ପୁଅର ଚିକିତ୍ସା କରିଛନ୍ତି। ପରେ କ୍ଷେତରାଜପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମାଡ଼ ପରେ ପୁଅ ଭୟରେ ସ୍କୁଲ ଯିବା ପାଇଁ ଅରାଜି ହେଉଛନ୍ତି। ତେଣୁ ନ୍ୟାୟ ନ ପାଇଲେ ଆଗକୁ ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବେ ବୋଲି ଛାତ୍ରଙ୍କ ବାପା କହିଛନ୍ତି।


## ମା’ଙ୍କ କଷ୍ଟ ସହି ନ ପାରି କେନାଲକୁ ଡେଇଁ ଆତ୍ମହତ୍ୟା

**ସମ୍ବଲପୁର, ୨୫।୧୦(ସମିସ):** ସତ ହେଲା ପୁଅର ଶେଷ ମେସେଜ। ରୋଗୀଣୀ ମା’ଙ୍କ କଷ୍ଟ ଦେଖିପାରିଲାନି ପୁଅ। ମାନସିକ ଅବସାଦର ଶେଷ ସୀମା ପାର କରି ପୁଅ ମା’ଙ୍କ ମୋବାଇଲକୁ

**ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର**

**ମା’ଙ୍କୁ ଶେଷ ମସେଜ କରି ନିଖୋଜ ଥିଲେ**

ମେସେଜ କଲା। ମା’ ମୁଁ ତମ ଦୁଃଖ ସହିପାରୁନି, ତେଣୁ କେନାଲରୁ ଡେଇଁ ଆତ୍ମହତ୍ୟା କରିବି। ଏହି ମେସେଜ ମା ପଢ଼ିବା ପରେ ବିଶ୍ୱାସ କରି ପାରିନଥିଲା। କିନ୍ତୁ ଶେଷରେ ଏହି ମେସେଜ ଆଜି ସତ ହୋଇଛି। ଗତ ୨୨ ତାରିଖରୁ ନିଖୋଜ ଥିବା ପୁଅର ମୃତ ଶରୀର ଆଜି ଚିପଲିମା କେନାଲରୁ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଉଛନ୍ତି ବଲାଙ୍ଗିର ଜିଲ୍ଲା ମହାଲକ୍ଷ୍ମୀନଗରପଡ଼ାର ସୌରଭ ସମ୍ବିତ ତ୍ରିପାଠୀ। ସୂଚନା ଅନୁସାରେ ସୌରଭଙ୍କ



ମା’ କିଡନି ଖରାପ ରୋଗରେ ପୀଡିତ ହୋଇ ଭିମସାରରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି। ପୁଅ ସୌରଭ ସବୁବେଳେ ମା’ଙ୍କ ପାଖରେ ରହି ସେବା କରୁଥିଲେ। କିଛି ଦିନି ତଳେ ଡାକ୍ତର ମା’ଙ୍କ ଦେହ ଭଲ ନଥିବା କହିଥିଲେ। ଏଥିପାଇଁ ସବୁ ବେଳେ ସେ ଚିନ୍ତାଗ୍ରସ୍ତ ରହୁଥିଲେ। ଗତ ୨୨ ଅକ୍ଟୋବର ସନ୍ଧ୍ୟା ସମୟରେ, ସେ ହଠାତ୍ ହସ୍ପିଟାଲରୁ ନିଖୋଜ ହୋଇଯାଇଥିଲେ। ମା’ ତାଙ୍କୁ ବହୁ ଖୋଜାଖୋଜି କରିବା ପରେ ବି କୌଣସି ପତ୍ତା ପାଇନଥିଲେ। କିନ୍ତୁ ତାଙ୍କ ମୋବାଇଲ ଫୋନରେ ଏକ ମେସେଜ ଆସିଥିଲା। ଯାହାକୁ ପଢ଼ି ମା’ ମୁହଁରେ ଲୁହ ଝରି ପଡ଼ିଥିଲା। ଏହି ମେସେଜ ପଢ଼ିବା ପରେ ପରିବାର ସହ ସମଗ୍ର ୱାର୍ଡରେ ଏକ ଦୁଃଖଦ ପରିବେଶ ସୃଷ୍ଟି ହୋଇଥିଲା। ବହୁତ ଖୋଜାଖୋଜି ପରେ ମଧ୍ୟ ସୌରଭଙ୍କ କିଛି ଖବର ମିଳିପାରିନଥିଲା। ତେଣୁ ଶେଷରେ ପରିବାର ପକ୍ଷରୁ ବୁର୍ଲା ଥାନାରେ ଯୁବକ ନିଖୋଜ ଥିବା ନେଇ ଲିଖିତ ଅଭିଯୋଗ କରାଯାଇଥିଲା। ଅଗ୍ନିଶମ ବିଭାଗ ଓ ବୁର୍ଲା ପୁଲିସ ବୁର୍ଲା ପାୱାର କେନାଲ ଓ ନିକଟସ୍ଥ ଅଞ୍ଚଳରେ ସୌରଭଙ୍କ ସନ୍ଧାନ ଜାରି ରଖିଥିଲା। ଆଜି ସକାଳୁ ଚିପଲିମା ପାୱାର କେନାଲରୁ ସୌରଭଙ୍କ ମୃତ ଶରୀର ମିଳିଥିଲା।

## ସ୍କୁଟି ଦୁର୍ଘଟଣାରେ ଜଣେ ଗୁରୁତର

**ରେଢ଼ାଖୋଲ, ୨୫।୧୦(ସମିସ):** ସମ୍ବଲପୁର କଟକ ୫୫ ନଂ ଜାତୀୟ ରାଜପଥର ରେଢ଼ାଖୋଲ ଥାନା ବେତଗଡ଼ ଛକ ନିକଟରେ ଶନିବାର ଏକ ସ୍କୁଟି ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ଜଣକ ଆଠମଲ୍ଲିକର ସରୋଜ ସାହୁ। ସେ ବୌଦ୍ଧରେ ଏକ କ୍ଲିନିକ୍ ଖୋଲିଛନ୍ତି। ସୂଚନା ଯୋଗ୍ୟ ଯେ ଉକ୍ତ ବ୍ୟକ୍ତି ଜଣଙ୍କ ରେଢ଼ାଖୋଲରୁ ବାମୁର ଅଞ୍ଚଳକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ସ୍କୁଟି ଦୁର୍ଘଟଣା ହୋଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ସେବା ଯୋଗେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ଉକ୍ତ ବ୍ୟକ୍ତି ଜଣଙ୍କୁ ଡାକ୍ତର ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ମହୁମାଛି ଆକ୍ରମଣରେ ବୃଦ୍ଧ ଗୁରୁତର

**କୁଚିଣ୍ଡା, ୨୫।୧୦(ସମିସ):** କୁଚିଣ୍ଡା ଥାନା ଅନ୍ତର୍ଗତ ଖଣ୍ଡୋକଟା ଗ୍ରାମର ପ୍ରଫୁଲ୍ଲ କୁମାର ନାୟକ ଶନିବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଲାଖୋପଡ଼ା ଗ୍ରାମରେ ଥିବା ନିଜ ଚାଷ ଜମିକୁ ଯାଉଥିବା ବେଳେ କୁଞ୍ଜ୍ ବାବା ଙ୍କ ମନ୍ଦିର ପାଖରେ କେଉଁ ଆଡେ ଥିଲେ ମହୁମାଛି ହଠାତ ପ୍ରଫୁଲ୍ଲଙ୍କୁ ଆକ୍ରମଣ କରିଥିଲେ।



ପ୍ରଫୁଲ୍ଲ ମହୁମାଛି ଆକ୍ରମଣରୁ ବଞ୍ଚିବା ପାଇଁ ମୁଣ୍ଡା ଉପରେ ଗାମୁଛା ଘୋଡାଇ ନିକଟରେ ଥିବା ଜୟ ସାହୁଙ୍କ ଘରକୁ ପଶି ଯାଇଥିଲେ। ଉକ୍ତ ଘରେ ପ୍ରଫୁଲ୍ଲଙ୍କୁ ସାମାନ୍ୟ ପ୍ରାଥମିକ ଚିକିତ୍ସା ପରେ କୁଚିଣ୍ଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା।କୁଚିଣ୍ଡା ଡାକ୍ତରଖାନାରେ ପ୍ରଫୁଲ୍ଲଙ୍କ ଶରୀରରେ ଲାଗିଥିବା ମହୁମାଛିଙ୍କ ଢ଼ଙ୍କକୁ ବାହାର କରାଯାଇଥିଲା। ବର୍ତ୍ତମାନ କୁଚିଣ୍ଡା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ଗ୍ୟାସ୍ ଟାଙ୍କି ଫାଟି ଘର ଜଳିଗଲା

**ସମ୍ବଲପୁର, ୨୫।୧୦(ସମିସ):** ସମ୍ବଲପୁର ଗୁରୁପଡ଼ାରେ ଲାଗିଲା ନିଆଁ। ସହରରେ ଗ୍ୟାସ ସିଲିଣ୍ଡର ଫାଟି ଜଳିଗଲା ଘର। ପଟ୍ଟନାୟକପଡ଼ା ଛକ ନିକଟରେ ଏକ ଘରେ ହଠାତ୍ ଗ୍ୟାସ ସିଲିଣ୍ଡର୍ ଫାଟି ନିଆଁ ବ୍ୟାପି ଯାଇଥିଲା ତେବେ ନିଆଁର ପ୍ରଖର ଏତେ ଅଧିକ ଥିଲାଯେ ନିଆକୁ ଆୟତ୍ତ କରିବା ମୁସ୍କିଲ ହୋଇପଡ଼ିଥିଲ।। ନିରଞ୍ଜନ ପଟ୍ଟନାୟକଙ୍କ ଘରେ ନିଆଁ ଲାଗିବା ପରେ ଶୈଳେଶ ଚନ୍ଦ୍ର ପଟ୍ଟନାୟକଙ୍କ ଘରେ ନିଆଁ ଲାଗିଥିଲା। ପୁରୁଣା ଘର ହୋଇଥିବା ବେଳେ କାଠ ବ୍ୟବହାର ହୋଇଥିବାରୁ ନିଆଁ ଜୋରରେ ଲାଗିଥିଲା।ସେପଟେ ଅଗ୍ନିଶମ ବାହିନୀର ଦୁଇଟି ଟିମ୍ ପହଞ୍ଚି ବହୁ ମୁସ୍କିଲରେ ଆୟତ୍ତ କରିଛନ୍ତି। କିନ୍ତୁ ଯେତେବେଳେ ଘରେ ନିଆଁ ଲାଗିଲା ସେହି ସମୟରେ ପରିବାରର ଅନେକ ଲୋକ ଘରେ ଥିଲେ। ନିଆଁକୁ ଦେଖି ବାହାରକୁ ବାହରି ଯିବାରୁ ଏକ ବଡ଼ ଅଘଟଣ ଟଳିଯାଇଛି। ବିଦ୍ୟୁତ୍ ସଟ୍ ସର୍କିଟ ଯୋଗୁଁ ପ୍ରଥମେ ନିଆଁ ଲାଗିଥିବା ଓ ପରେ ଗ୍ୟାସ ସିଲିଣ୍ଡର ଫାଟିଥିବା ଅଗ୍ନିଶମ ବାହିନୀ ସୂଚନା ଦେଇଛନ୍ତି। କେହି ମୃତାହତ ହୋଇ ନଥିବାବେଳେ ନିଆଁରେ ସମ୍ପୂର୍ଣ୍ଣ ଘର ପୋଡି ଯାଇଛି।



## ଆଇଆଇଏମ୍‌ରେ ବାର୍ଷିକ ବ୍ୟାପାରିକ ସମ୍ମିଳନୀ ‘ମର୍ମଗ୍ୟା’

# ବିକଶିତ ଭାରତ ନେତୃତ୍ୱକୁ ଅଗ୍ରସର କରାଇବା ଲକ୍ଷ୍ୟ

**ସମ୍ବଲପୁର, ୨୫।୧୦(ସମିସ)**

‘ବିକଶିତ ଭାରତ ୨୦୪୭’ ଦୃଷ୍ଟିକୋଣ ସହ ମିଳିତ ଭାବରେ, ଭାରତର ଅଗ୍ରଣୀ ମ୍ୟାନେଜମେଣ୍ଟ ଅନୁଷ୍ଠାନ ଆଇଆଇଏମ୍ ସମ୍ବଲପୁରରେ ପ୍ରତିଷ୍ଠିତ ବାର୍ଷିକ ବ୍ୟାପାରିକ ସମ୍ମିଳନୀ ‘ମର୍ମଗ୍ୟା’ର ୧୦ତମ ସଂସ୍କରଣ ଆୟୋଜିତ ହୋଇଛି। ଚଳିତ ବର୍ଷ ସମ୍ମିଳନୀ “ପ୍ରବଳ ଅନେକଧ୍ରୁବୀୟ ବିଶ୍ୱରେ ବ୍ୟାପାର ନିର୍ଦ୍ଦେଶନ: ବିକଶିତ ଭାରତ ୨୦୪୭ ପାଇଁ ଭାବନା”ର ବିଷୟବସ୍ତୁକୁ ନେଇ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ଭବିଷ୍ୟତ ପାଇଁ ଅନୁକୂଳନଶୀଳ ଏବଂ ବିଶ୍ୱସ୍ତରୀୟ ନେତୃତ୍ୱ ଦକ୍ଷତା ବିକଶିତ କରିବା ସହିତ ଭାରତର ଉନ୍ନତ ଭବିଷ୍ୟତ ଗଢ଼ିବା।ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଗୁଗୁଲର ଗ୍ଲୋବାଲ୍ ହେଡ୍ ଅଫ୍ ଅପରେସନ୍ସ, ଅଭିଷେକ ନାଇଡୁ; ସମ୍ମାନିତ ଅତିଥି ଭାବେ ଇଣ୍ଡିଆନ୍ ଅଏଲ୍ ଆଦାନୀ ଭେନଚର୍ସର ସିଓଓ ଅତୁଲ ଖରାଟେ ଏବଂ ମୁଖ୍ୟ ବକ୍ତା ଭାବେ ଇୱାଇର ନିର୍ଦ୍ଦେଶକ ବର୍ଦ୍ଧମାନ ଅଗ୍ରୱାଲ ଯୋଗ ଦେଇଥିଲେ।




ଏହି ଅବସରରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି ବିକଶିତ ଭାରତ ୨୦୪୭ର ସ୍ୱପ୍ନ ପୂରଣ ପାଇଁ ତିନୋଟି ପ୍ରମୁଖ ମଡେଲ୍ ଆବଶ୍ୟକ। ପ୍ରଥମ, ନୋବେଲ୍ ବିଜେତା କ୍ଲୌଡିଆ ଗୋଲ୍ଡିନଙ୍କ (୨୦୨୩) ଅନୁସନ୍ଧାନ ଯେପରି ଦେଖାଏ, ମହିଳାମାନଙ୍କ ସକ୍ରିୟ ଅଂଶଗ୍ରହଣ ଅର୍ଥନୈତିକ ବୃଦ୍ଧି ପାଇଁ ଅତ୍ୟାବଶ୍ୟକ। ଦ୍ୱିତୀୟ, ୨୦୨୪ର ନୋବେଲ୍ ବିଜେତା ଡାରନ୍ ଆସେମୋଗ୍ଲୁ, ସାଇମନ୍ ଜନସନ୍ ଏବଂ ଜେମ୍ସ ରବିନସନ୍ ଯେପରି କହିଛନ୍ତି, ସମାବେଶୀ ସଂସ୍ଥା ପ୍ରତ୍ୟେକଙ୍କ ପାଇଁ ସମାନ ସୁଯୋଗ ଦେଉଛି। ତୃତୀୟ, ୨୦୨୫ରେ ଜୋଏଲ୍ ମୋକିର୍, ଫିଲିପ୍ ଆଘିଅନ୍ ଏବଂ ପିଟର୍ ହାଉଇଟ୍ ଯେପରି ଉଲ୍ଲେଖ କରିଛନ୍ତି, ଟେକ୍ନୋଲୋଜି, ନୂତନ ଭାବନା ଏବଂ ସୃଜନାତ୍ମକ ପରିବର୍ତ୍ତନ ଓ ନବୀନତା ଦ୍ୱାରା ପରିଚାଳିତ ବୃଦ୍ଧି ଏକ ସ୍ଥିର ଓ ସ୍ଥାୟୀ ଅର୍ଥନୀତି ନିର୍ମାଣ କରେ। ମୁଖ୍ୟ ଅତିଥି ଅଭିଷେକ ନାଇଡୁ କହିଥିଲେ ଯେ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଅନାନ୍ୟ ଉପେକ୍ଷିତ ସମୁଦାୟରେ ଶିକ୍ଷାକୁ ସଶକ୍ତ କରିପାରେ। ଡାଟା ସାଇନ୍ସ ଏବଂ ଏଆଇକୁ ପ୍ରଥମେ ପାଠ୍ୟକ୍ରମରେ ସମ୍ମିଳିତ କରିବା ପାଇଁ ଆଇଆଇଏମ୍ ସମ୍ବଲପୁରର ଏହି ପ୍ରୟାସ ପ୍ରଶଂସନୀୟ। ସମ୍ମାନିତ ଅତିଥି ଅତୁଲ ଖରାଟେ କହିଥିଲେ, ଆସନ୍ତା ଦଶକରେ, ଭାରତ ଦୁନିଆର ତୃତୀୟ ସବୁଠୁ ବଡ଼ କ୍ରୁଡ଼ ଅଏଲ୍ ପ୍ରସେସର୍ ଭାବେ ଉଭାହେବାକୁ ଯାଉଛି। ହେଭି ଇଣ୍ଡଷ୍ଟ୍ରି ଏବଂ ସୂକ୍ଷ୍ମ, ଛୋଟ ଏବଂ ମଧ୍ୟମ ଉଦ୍ୟମର ବୃଦ୍ଧି ଏକ ଦୃଢ଼, ସ୍ଥିର ଅର୍ଥନୀତିକୁ ଗଢୁଛି। ମୁଖ୍ୟ ବକ୍ତା ବର୍ଦ୍ଧମାନ ଅଗ୍ରୱାଲ କହିଥିଲେ, ମର୍ମଗ୍ୟା କେବଳ ଏକ ବ୍ୟାପାର ସମ୍ମିଳନୀ ନୁହେଁ, ଏହା ହେଉଛି ନବୀନତ୍ୱ ଏବଂ ସମାବେଶର ଉପରେ ଆଧାରିତ ଏକ ନେତୃତ୍ୱ ପ୍ରଶିକ୍ଷଣ ପ୍ରୟୋଗଶାଳା। ଆଇଆଇଏମ ସମ୍ବଲପୁର କେବଳ ପ୍ରବନ୍ଧକ ସୃଷ୍ଟି କରୁନାହିଁ ବରଂ ରାଷ୍ଟ୍ର ନିର୍ମାତା ମଧ୍ୟ ତିଆରି କରୁଛି। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ଛାତ୍ର ଓ ଉଦ୍ୟମୀ ସାମିଲ ହୋଇଥିଲେ।ଏହାସହ ଗୁଗୁଲ, ଇୱାଇ, ଇଣ୍ଡିଆନ୍ ଓଏଲ୍ ଆଦାନୀ ଭେନଚର୍ସ, ଆଦିତ୍ୟ ବିର୍ଲା ଗ୍ରୁପ (ଅଲ୍ଟ୍ରାଟେକ୍ ସିମେଣ୍ଟ), ଏଚସିଏଲ ଟେକ୍, କୁସ୍ମାନ ୱେକଫିଲ୍ଡ ଭଳି ପ୍ରମୁଖ ସଂସ୍ଥାର ପ୍ରମୁଖ ପ୍ରତିନିଧି ଓ ଶିଳ୍ପ ନେତାମାନେ ଯୋଗଦେଇଥିଲେ।

No.4070, Dated 23.10.2025 O-1128

Government of Odisha "e" procurement Notice

Bid Identification No. TENDER ONLINE SNPR- 07 OF 2025-26

1. Name of the work : Building Works as per DTCN available in the website. www.tendersodisha.gov.in
2. Total No. of Work : 64(Sixty four)Nos.
3. Approximate Estimated Cost : Vary from Rs. 1.68 lakh to Rs. 8.40 lakh
4. Period of Completion : 2 (Two Calendar months)
5. Period and time of availability of bid document in the portal for bidding : 29.10.2025 at 11.00AM to 11.11.2025 up to 5.00 PM
6. Date and time of opening of Tender : 12.11.2025 at 11.00AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W.Division. Sonepur
(1) Other details can be seen from detailed notice
(2) inviting tenders, available in website www.tendersodishagov.in
(3) Corrigendum if any shall only be published in the website: www.tenderodisha.gov.in

Executive Engineer,
Rural Works Division, Sonepur.

OIPR-25054/11/0041/2526

GOVERNMENT OF ODISHA
DEPARTMENT OF WATER RESOURCE
OFFICE OF THE SUPERINTENDING ENGINEER,
NABARANGPUR IRRIGATION DIVISION
NABARANGPUR,DIST-NABARANGPUR(ODISHA)
Email ID- senidivision@gmail.com A-748

E-PROCUREMENT NOTICE

BID IDENTIFICATION NO-SE-NID- 04 /2025-26 (01-06)

1. Nature of the work – Construction of Trough wall & Renovation of canal syphon.
2. Total Nos. of works – 06 (Six) Nos.
3. Tender cost of the works–From Rs.7.53 lakhs to Rs.6.71 lakhs (excluding GST)
4. Class of Contractor – 'D'& 'C' Class
5. Period of completion-01(One) Month
6. Other details as follows :

| Procurement Officer | Bid Identification No. | Availability of Bid on-line | | Last date & time of seeking tender clarification | Date & Time & Place of opening of Tender |
|---|---|---|---|---|---|
| Superintending Engineer, Nabarangpur Irrigation Division,Nabarangpur. | SE-NID-04 /2025-26(01-06) | 27.10.2025 (10.00AM) | 10.11.2025 (up to 05.00 PM) | 30.10.2025 up to 5.00 PM | 11.11.2025 at 11.00 AM in the O/o the Superintending Engineer, Nabarangpur Irrigation Division,Nabarangpur. |

Further details can be seen from the Government web site www.tendersodisha.gov.in
Addendum/Corrigendum/Cancellation if any required will be published in Govt.website only.

Superintending Engineer
Nabarangpur Irrigation Division
Nabarangpur

OIPR-32361/11/0018/2526

GOVERNMENT OF ODISHA O-1174
OFFICE OF THE SUPERINTENDING ENGINEER
RURAL WORKS DIVISION-II, MALKANGIRI
Letter No. 3917/RWD-II/Dated- 24.10.2025
1st CORRIGENDUM
TO E-TENDER CALL NOTICE
BID-IDENTIFICATION NO.09/2025-26/LTR NO.3577/Dt. 24.09.2025

The Tender for the works invited under Bid Identification 09/2025-26 is here by modified and read as below:-

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability to Tender online for bidding | Dt. 17.10.2025 at 11.00 A.M. to Dt.31.10.2025 Up to 5.30 P.M. | Dt.05.11.2025 at 11.00 to Dt 15.11.2025 Up to 5.30 P.M. |
| 2. | Date & time of seeking tender clarification if any | Dt.30.10.2025 Up to 3.00 P.M. | Dt.14.11.2025 Up to 3.00 P.M |
| 3. | Date & time of Opening of tender (Price Bid) | Dt.01.11.2025 Up to 11.00 A.M. | Dt.17.11.2025 Up to 11.00 A.M |

1. All other terms and conditions of the bids will remain unchanged.

Supertintending Engineer
Rural Works Division-II,
Malakngiri

OIPR-25079/11/0036/2526

# ୭୭ ହଜାର ୩୩୩ ଜଣ କରିନାହାନ୍ତି ଇ-କେୱାଇସି ଅପ୍‌ଡେଟ୍

ଭବାନୀପାଟଣା, ୨୫ ।୧୦(ସମିସ)

ରାସନକାର୍ଡ ଇ-କେୱାସି ଅପଡେଟ ନହେଲେ ଚାଉଳ ନମିଳିବା ଭୟ ସତ୍ତ୍ୱେ କଳାହାଣ୍ଡି ଜିଲ୍ଲାରେ ଏଯାବତ ୭୭ ହଜାର ୩୩୩ ଜଣ ରାସନକାର୍ଡ ହିତାଧିକାରୀଙ୍କ ଇ-କେୱାଇସି ଅପ୍‌ଡେଟ୍ ହୋଇପାରିନାହିଁ।ଅକ୍ଟୋବର ମାସ ଶେଷ ତାରିଖ ସୁଦ୍ଧା ଏହି ଅପଡେଟ କରିବା ଅବଧି ପୂର୍ଣ୍ଣ ହେଉଛି। କିନ୍ତୁ ଜିଲ୍ଲାରେ ବର୍ତ୍ତମାନ ଇ-କେୱାଇସି କରିନଥିବା ଲୋକ ମଧ୍ୟ ଚାଉଳ ପାଉଛନ୍ତି।ଯେଉଁମାନେ ଇ-କେୱାଇସି କରିବେ ନାହିଁ, ସେମାନଙ୍କ ପାଇଁ ଚାଉଳ ପାଇବା ଅସମ୍ଭବ ହୋଇପଡ଼ିବ ବୋଲି କେନ୍ଦ୍ର ସରକାର ଇ-କେୱାଇସିକୁ ନେଇ ବଡ଼ ଘୋଷଣା କରିଛନ୍ତି। ତଥାପି ଯେ କୌଣସି ସ୍ଥାନରେ ବାଦ୍ ପଡ଼ିଥିବା ହିତାଧିକାରୀ ଲିଖିତ ଭାବେ ଜଣାଇଲେ ବିଚାର କରାଯିବା କଥା ଗତ ୧୪ ତାରିଖରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଥିଲେ। ଜିଲ୍ଲାରେ ଏତେ ସବୁ ନୀତି ନିୟମ କଡାକଡ଼ି ପାଳନ କରି ବ୍ୟବସ୍ଥିତ ଢଙ୍ଗରେ ସମସ୍ତ କାର୍ଯ୍ୟ ହେଉଥିବା କୁହାଯାଉଥିଲେ ମଧ୍ୟ କଳମପୁର ବ୍ଲକରେ ମୃତ ବ୍ୟକ୍ତିଙ୍କ ନାଁରେ ରାସନକାର୍ଡ ଥିବା ବିଷୟ ପଦାକୁ ଆସିଛି। କଳମପୁର ବ୍ଲକର ବନ୍ଧକନା ପଞ୍ଚାୟତରେ ଏକାଧିକ ମୃତ ବ୍ୟକ୍ତିଙ୍କ ନାଁରେ ରହିଛି ରାସନ କାର୍ଡ। ତେବେ ସେ ଚାଉଳ ଯାଉଛି କୁଆଡେ। ଏ ସଂକ୍ରାନ୍ତରେ ପଚାରିଲେ ସନ୍ତୋଷଜନକ ଉତ୍ତର ମିଳୁନାହିଁ। ଭୂତ କାର୍ଡ ପ୍ରସଙ୍ଗ ଚର୍ଚ୍ଚାର କାରଣ ହେବାପରେ ତଦନ୍ତ ଚାଲିଛି। ଜିଲ୍ଲାର ଅନ୍ୟ ବ୍ଲକ ଗୁଡିକରେ କି ପ୍ରକାର ଅବସ୍ଥା ତାହା ଅନୁଧ୍ୟାନ ସାପେକ୍ଷ। ଇ-କେୱାଇସି ଅପଡେଟ ପ୍ରସଙ୍ଗରେ କୁହାଗଲେ କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକର

**ପଛରେ ପଡ଼ିଛି ଜୁନାଗଡ଼**

**ବ୍ୟବସ୍ଥା ଭିତରେ ବହୁ ଅବ୍ୟବସ୍ଥା**

**ମୃତ ବ୍ୟକ୍ତିଙ୍କ ନାଁରେ ରାସନ କାର୍ଡ: ଭୂତ ଖାଉଛି ଚାଉଳ**

୧୩ ଲକ୍ଷ ୫୨ହଜାର ୩୯୭ ସଦସ୍ୟ ମଧ୍ୟରୁ ଶୁକ୍ରବାର ସୁଦ୍ଧା ୧୨ଲକ୍ଷ ୭୫ହଜାର ୬୪ ଜଣ ଇ-କେୱାଇସି ଅପ୍‌ଡେଟ୍ କରିଥିବା ଜଣାପଡ଼ିଛି। ଅବଶିଷ୍ଟ ୭୭ ହଜାର ୩୩୩ ଜଣ ଅପ୍‌ଡେଟ୍ କରି ନାହାନ୍ତି। ସେଥିମଧ୍ୟରୁ ଜିଲ୍ଲାର ଜୁନାଗଡ଼ ବ୍ଲକରେ ସର୍ବାଧିକ ୯୪୬୨ ଜଣ ହିତାଧିକାରୀ ଇ-କେୱାଇସି କରିନଥିବା ଜଣାପଡ଼ିଛି। ଯାହାକି ଆଶ୍ଚର୍ଯ୍ୟର ବିଷୟ, କାରଣ ଜିଲ୍ଲାର ଥୁଆମୁଲ ରାମପୁର, ଏମ ରାମପୁର ଓ ଲାଞ୍ଜିଗଡ଼ ଭଳି ଦୁର୍ଗମ ଅଞ୍ଚଳରେ ନେଟୱର୍କ ସମସ୍ୟା ଥାଇ ମଧ୍ୟ ଅଧିକ ଲୋକ ଇ-କେୱାଇସି କରି ଥିବା ବେଳେ ଜୁନାଗଡ଼ ଭଳି ଏକ ଅଗ୍ରଣୀ ବ୍ଲକ ଇ-କେୱାଇସି ଅପଡେଟରେ ପଛରେ ପଡ଼ିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏହା ପ୍ରକୃତ ହିତାଧିକାରୀଙ୍କ କି କଳମପୁର ଭଳି ଭୂତ ହିତାଧିକାରୀଙ୍କ ତାହାକୁ ନେଇ ଏବେ ସନ୍ଦେହ ପ୍ରକାଶ ପାଇଛି। ବର୍ତ୍ତମାନ ବି ଜିଲ୍ଲାର ପ୍ରତି ଗ୍ରାମରେ ସ୍ଥାନୀୟ ଯୋଗାଣ ସହାୟକମାନେ ଲୋକଙ୍କ ଇ-କେୱାଇସି ଅପ୍‌ଡେଟ୍ କରିବାରେ ଲାଗି ପଡ଼ିଛନ୍ତି। ଫଳରେ ଆସନ୍ତା ୬ ଦିନରେ ଆହୁରି ଅନେକ ଲୋକ ଅପ୍‌ଡେଟ୍‌ରେ ଯୋଡିହେବେ। ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୯୪.୨୮ ଶତକଡା ଇ-କେୱାଇସି ଅପ୍‌ଡେଟ୍ ହୋଇଥିବା ଜଣାପଡ଼ିଛି। ତେବେ ନେଟ୍‌ୱର୍କ ସମସ୍ୟା ଯୋଗୁଁ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଲୋକେ ଉ ପର୍ବତ, ବଡ ପଥର କିମ୍ବା ଗଛ ଉପରକୁ ଚଢି ଇ-କେୱାଇସି ଅପ୍‌ଡେଟ୍ କରୁଥିବା ଦେଖିବାକୁ ମିଳିଥିଲା।ଜିଲ୍ଲାରେ ଥୁଆମୂଳ ରାମପୁର, ଏମ୍‌ରାମପୁର, ଭବାନୀପାଟଣା ଓ ଲାଞ୍ଜିଗଡ଼ ବ୍ଲକର ଦୁର୍ଗମ ୩୨ଟି ପଞ୍ଚାୟତ (ସେଣ୍ଟର) ଅଞ୍ଚଳରେ ନେଟ୍‌ୱର୍କ ସମସ୍ୟା ରହିଛି। ସେଠାରେ ନେଟ୍‌ୱର୍କ ପାଇଁ କୌଣସି ଉଚ୍ଚ ସ୍ଥାନ ଉପରକୁ ଚଢି ଲୋକଙ୍କ ଇ-କେୱାଇସି ଅପ୍‌ଡେଟ୍ କରାଯାଉଛି। ଏହି ସମୟରେ ହିତାଧିକାରୀଙ୍କ ରାସନ କାର୍ଡରେ ଥିବା ନାଁ ଓ ଆଧାରକାର୍ଡ ଯାଞ୍ଚ ପରେ ଫିଙ୍ଗରପ୍ରିଣ୍ଟ କିମ୍ବା ଆଇସ୍କାନ୍ କରାଯାଉଛି। ପରିବାରର ଯେଉଁ ସଦସ୍ୟଙ୍କ ନାମରେ ରାସନ ସାମଗ୍ରୀ ମିଳୁଛି ସେମାନଙ୍କର ଯାଞ୍ଚ କରାଯାଉଛି। ପରେ ଇ-କେୱାଇସି ମାଧ୍ୟମରେ ଡିଲର ଅପଡେଟ୍ କରୁଛନ୍ତି। ଜିଲ୍ଲାର ଦୁର୍ଗମ ଅଞ୍ଚଳ ଥୁଆମୂଳ ରାମପୁର ବ୍ଲକର ୨୨ଟି ପଞ୍ଚାୟତରେ ଏହି ସବୁ ସମସ୍ୟା ଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ସେଠାରେ ୭୫ ହଜାର ୫୪୭ ସଦସ୍ୟ ମଧ୍ୟରୁ ୬୭ହଜାର ୯୧୦ (୮୯.୮୯ ଶତକଡା) ସଦସ୍ୟ ଇ-କେୱାଇସି ଅପ୍‌ଡେଟ୍ କରିଛନ୍ତି। ବର୍ତ୍ତମାନ ଜିଲ୍ଲାର ଅନେକ ବାହାରକୁ ଦାଦନ ଖଟି ଯାଇଥିବା ବେଳେ ଛୋଟ ଓ କେତେକ ବୃଦ୍ଧାବୃଦ୍ଧଙ୍କ ବାୟୋମେଟ୍ରିକ ମଧ୍ୟ ଆସୁ ନ ଥିବାରୁ ଇ-କେୱାଇସି ଅପ୍‌ଡେଟ୍ ହୋଇ ପାରୁନାହିଁ। କଳାହାଣ୍ଡି ଜିଲ୍ଲାରେ ଦାଦନ ଗୋଟେ ବଡ଼ ସମସ୍ୟା ହୋଇରହିଛି ।ଘରେ ପିଲାମାନଙ୍କୁ ଛାଡି ଅଭିଭାବକ ଜିଲ୍ଲା ବାହାରେ ରହୁଛନ୍ତି ।ସେ କ୍ଷେତ୍ରରେ ଯୋଗାଣ ବିଭାଗ ରାସନ କାର୍ଡ ଅପଡେଟ କରିବାରେ କୋହଳ ନୀତି ଅବଲମ୍ବନ କରୁଥିବା ପ୍ରକାଶ। ତଥାପି ଅଧିକରୁ ଅଧିକ କିପରି ଲୋକଙ୍କ ଇ-କେୱାଇସି ଅପ୍‌ଡେଟ୍ କରାଯାଇପାରିବ ସେ ନେଇ ଚେଷ୍ଟା ଚାଲିଛି ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରିଣୀ ସୁଜାତା ମିଶ୍ରଙ୍କ ଠାରୁ ଜଣାପଡ଼ିଛି।

■ ତେନ୍ତୁଳି ଗଛକୁ ବଜ୍ରପାତ

## ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ



ମ.ରାମପୁର, ୨୫ ।୧୦(ସମିସ): କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଡ଼ମକର୍ଲ୍ଲକ୍ଷଖୁଣ୍ଟା ଗ୍ରାମରେ ଘଡଘଡି ଶହ ବର୍ଷା ହେବା ସମୟରେ ବିରାଟ କାୟ ତେନ୍ତୁଳି ଗଛକୁ ବଜ୍ରପାତ ଯୋଗୁଁ ଟଳି ପଡ଼ି ଘର ଉପରେ ଗଛ ପଡ଼ିଥିବା ବେଳେ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି ଗୋଟିଏ ପରିବାର। ଡ଼ମ କର୍ଲ୍ଲକ୍ଷଖୁଣ୍ଟା ଗ୍ରାମର ସୁଶାନ୍ତ ଛତ୍ରିଆ ଓ ତାଙ୍କ ସ୍ତ୍ରୀ ଦୁଇଟି ଶିଶୁ ସେହି ଚାଳ ଛପର ଆଜବେଷ୍ଟର ଘରେ ଥିବା ସମୟରେ ପ୍ରବଳ ବର୍ଷା ସମୟରେ ଘର ପାଖରେ ଥିବା ତେନ୍ତୁଳି ଗଛକୁ ବଜ୍ରପାତ ହୋଇଥିଲା ଫଳରେ ଗଛ ଘର ଉପରେ ପଡ଼ିଥିଲା। ଚାଳ ଛପର ଆଜବେଷ୍ଟର ଭାଙ୍ଗି ଯିବା ସହ ଧାନ ଚାଉଳ ଘରର ସମସ୍ତ ସାମଗ୍ରୀନଷ୍ଟ ହେବା ସହ ବହୁ କ୍ଷୟକ୍ଷତି ହୋଇଛି କିନ୍ତୁ ଅଳ୍ପକେ ବର୍ତ୍ତି ଯାଇଯାଇଛନ୍ତି ସପରିବାର। ଘର ବିଦ୍ୟୁତ ତାର ଯାଇ ଥିବାରୁ ତାହା ମଧ୍ୟ ଛିଣ୍ଡି ଘର ଉପରେ ପଡ଼ିଯାଇଛି ।ମ. ରାମପୁର ଅଗ୍ନିଶମ ବିଭାଗକୁ ଯୋଗାଯୋଗ କରିବାରୁ ତୁରନ୍ତ ଆସି ଗଛକୁ କାଟିବାରେ ସଫା କରିବାରେ ଲାଗିଛନ୍ତି ।ସରକାର ତୁରନ୍ତ ଅସହାୟ ସୁଶାନ୍ତକୁ ସମସ୍ତ ସରକାରୀ ଯୋଜନାରେ କ୍ଷୟକ୍ଷତିର ଆକଳନ କରି ଆବାସ ଯୋଜନାରେ ଘର ଦେବାକୁ ଦାବି ହେଉଛି।

## ଡକ୍ଟର ବିପି ମିଶ୍ର ସ୍ମୃତି କମିଟିର ପ୍ରସ୍ତୁତି ବୈଠକ

ସମ୍ବଲପୁର, ୨୫।୧୦ (ସମିସ): ସ୍ଥାନୀୟ ସାକ୍ଷୀପଡ଼ାରେ ଡକ୍ଟର ବିପି ମିଶ୍ର ସ୍ମୃତି କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତି ଆଦିତ୍ୟ ପାଢ଼ୀ, ସମ୍ପାଦକ ପ୍ରଫୁଲ୍ଲ ହୋତା, ଚକ୍ରଧର ମିଶ୍ର, ଉଦ୍ଧବ ମହାପାତ୍ର, ସଞ୍ଜୀବ ମିଶ୍ର, ପ୍ରଦୀପ ପଣ୍ଡା, ପ୍ରଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସର୍ବ ସହମତିକ୍ରମେ ଚଳିତ ବର୍ଷ ଓଡ଼ିଶାର ବିଶିଷ୍ଟ ହୃଦୟରୋଗ ବିଶେଷଜ୍ଞ ଡାକ୍ତର ଅକ୍ଷୟ କୁମାର ସାମଲଙ୍କୁ ବିପି ମିଶ୍ର ସମ୍ମାନରେ ସମ୍ମାନିତ କରାଯିବ ବୋଲି ସ୍ଥିର କରାଯାଇଛି।

## ରାଧାଗୋବିନ୍ଦ ସଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠା ଦିବସ



କର୍ଲାମୁଣ୍ଡା, ୨୫ ।୧୦(ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଭଟାପଲାରେ ରାଧାଗୋବିନ୍ଦ ସଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠା ଦିବସ ଓ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ରାଜ୍ ପ୍ରତାପ ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ବୋରପଦର ସରପଞ୍ଚ ସୁବାଷ ସାହୁ, ବିଜେଡି ବ୍ଲକ ସଭାପତି ଯଶୋବନ୍ତ ସାହୁ, ପୂର୍ବତନ ସରପଞ୍ଚ ମାଧବ ସାହୁ, ପୂର୍ବତନ ସମିତି ସଭ୍ୟ ବୈଷ୍ଣବ ସାହୁ, ସାମ୍ବାଦିକ ପ୍ରଦୀପ କୁମାର ସାହୁ, ସାମ୍ବାଦିକ ନବୀନ କୁମାର ସାହୁ, ବନପାଳ ସମ୍ପଦ କୁମାର, ସ୍ଥାନୀୟ ହାଇସ୍କୁଲର ହିନ୍ଦୀ ଶିକ୍ଷକ ବିଶ୍ୱାମିତ୍ର ଭୋଇ, ୱାର୍ଡମେମ୍ବର ଭାସ୍କର ସାହୁ, ମୁକେଶ କୁମାର, ରମେଶ ସାହୁ, ସରୋଜ ସାହୁ ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନ ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରିଥିଲେ। ସଭା କାର୍ଯ୍ୟକ୍ରମକୁ କ୍ଷୀରସାଗର କୁମାର ସଂଯୋଜନା କରିଥିଲେ। ତେବେ ବଲାଙ୍ଗିର ଏଲ ଏକ୍ସ ମ୍ୟୁଜିକ ସୁର ସଙ୍ଗମ କଳାକାରଙ୍କ ଦ୍ୱାରା ପରିବେଷିତ ସଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

## ଟ୍ରେନରୁ ଖସିପଡ଼ି ମହିଳା ଗୁରୁତର

କେସିଙ୍ଗା, ୨୫ ।୧୦ (ସମିସ): ଜଣେ ମହିଳା ଟ୍ରେନରୁ ଖସିପଡ଼ି ଗୁରୁତର ଅବସ୍ଥାରେ କେସିଙ୍ଗା ମେଡିକାଲ ରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ ଶନିବାରଦିନ ୧୧ ଟା ସମୟରେ ବଲାଙ୍ଗିର ଜିଲ୍ଲା ଖପରାଖୋଲ ବ୍ଲକ ଲହଡୁଙ୍ଗୁରୀ ଗ୍ରାମର ସେବତୀ ଭୋଇ(୪୦)ନାମକ ଜଣେ ମହିଳା ଟ୍ରେନରୁ ପଡ଼ିଯାଇ ଗୁରୁତର ଆହତ ହୋଇ କେସିଙ୍ଗା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମେଡିକାଲ କୁ ସ୍ଥାନାନ୍ତରିତ କରାଯାଇଛି। ମହିଳା ଜଣକଙ୍କ ବାମ ହାତର ପାପୁଲି ଓ ଆଙ୍ଗୁଠିରେ ଓ ମୁହଁରେ ଗଭୀର ଆଘାତ ଲାଗିଛି। ମହିଳା ଜଣକ ଟ୍ରେନରୁ କେତେ ବେଳେ ପଡ଼ିଯାଇଛନ୍ତି କିଏ ଜାଣି ନାହାନ୍ତି ପରେ ଜଣେ ସହୃଦୟ ବ୍ୟକ୍ତି କେସିଙ୍ଗାର ବରିଷ୍ଠ ସାମ୍ବାଦିକ ମହମ୍ମଦ ଆଗାଜାନଙ୍କୁ ମହିଳା ବିଷୟରେ ଖବର ଦେବାରୁ ସାମ୍ବାଦିକ ଜଣକ ନିଜର ବୋଲେରୋ ଗାଡ଼ି ନେଇ ଘଟଣା ସ୍ଥଳରେ ପହଞ୍ଚି ଆରପିଏଫର ସହାୟତାରେ ନିଜେ ଷ୍ଟ୍ରେଚର୍‌ରେ ମହିଳାଙ୍କୁ ବୋହି ନିଜ ଗାଡ଼ିରେ ଉକ୍ତ ଆହତ ମହିଳାଙ୍କୁ କେସିଙ୍ଗା ମେଡିକାଲ ରେ ଭର୍ତ୍ତି କରାଇଥିଲେ। ସାମ୍ବାଦିକଙ୍କ ଉକ୍ତ ସାହାଯ୍ୟକୁ ସହରର ବୁଦ୍ଧିଜିବୀ ମହଲରେ ପ୍ରଶଂସା କରାଯାଉଛି।

## ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ କର୍ମଶାଳା

ଜମନକିରା, ୨୫ ।୧୦(ସମିସ): ଜମନକିରା ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ବାଟିକା ବିଭାଗର ମାଆମାନଙ୍କୁ ନେଇ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମାତୃ କର୍ମଶାଳାରେ ବିଦ୍ୟାଳୟର ସଭାପତି ସାଲେକରାମ ପ୍ରଧାନ ଓ ବିଦ୍ୟାଳୟର ଉପସଭାପତି ଦିଲ୍ଲୀପ ବହିଦାର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁରଳୀ ମିଶ୍ର ସ୍ୱଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିଶୁ ବାଟିକା ବିଭାଗର ପ୍ରମୁଖ ଡିଲେଶ୍ୱରୀ ଖମାରୀଙ୍କ ତତ୍ତ୍ୱାବଧାନରେ କାଳାଂସ ଗୁଡିକ ଅନୁଷ୍ଠିତ ହୋଇଥିଲା। ଏହି କାଳାଂଶ ଗୁଡିକୁ ନେବା ପାଇଁ ସରସ୍ୱତୀ ଶିଶୁ ମନ୍ଦିର ଭୋଜପୁରୀର ଶିଶୁ ବାଟିକା ପ୍ରମୁଖ ଆରତୀ ବାରିକ ସହଯୋଗ କରିଥିଲେ। ବିଦ୍ୟାଳୟର ଗୁରୁମା' ଛବି ରାଣୀ ଗଡ଼ନାୟକ ଓ ନିରୁପମା ସାହୁ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଜ୍ଞାପନ କରିଥିଲେ। ଉକ୍ତ ମାତୃ କର୍ମଶାଳାରେ ଶିଶୁ ବାଟିକା ବିଭାଗର ୬୬ଜଣ ମାଆ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ 'ବ୍ୟବସାୟ ଯୋଜନା'ତାଲିମ

ସମ୍ବଲପୁର, ୨୫ ।୧୦ (ସମିସ): ଆଦିତ୍ୟ ଆଲୁମିନିୟମ ଲପଙ୍ଗା ଆନୁକୂଲ୍ୟରେ ଲପଙ୍ଗା ପଞ୍ଚାୟତର ଖଡ଼ିଆପାଲି, ଜଙ୍ଗଲାପଞ୍ଚାୟତର ଜଙ୍ଗଲା ଓ ବୋମାଲୋଇ ପଞ୍ଚାୟତର ତିଳେଇମାଲରେ ତିନି ଦିନ ଧରି 'ବ୍ୟବସାୟ ଯୋଜନା' ଉପରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଦିତ୍ୟ ଆଲୁମିନିୟମର ସିଏସଆର୍ ମ୍ୟାନେଜର ରବି ନିବାସ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ। ଡେପୁଟି ମ୍ୟାନେଜର ମନୋରଞ୍ଜନ ବେହେରା ଉପସ୍ଥିତ ରହି ମହିଳା ଗୋଷ୍ଠୀଙ୍କୁ ଉତ୍ସାହିତ କରିଥିଲେ। ଦଳରେ ଏକତା, ଆଗ୍ରହ ଓ ଧର୍ଯ୍ୟ ରହିଲେ ଯେ କୌଣସି ଦଳ ନିଶ୍ଚୟ ଭଲ ବ୍ୟବସାୟ କରି ଆର୍ଥିକ ଭାବେ ଲାଭବାନ ହୋଇପାରିବେ ବୋଲି କହିଥିଲେ। କେଉଁଝରରୁ ଶିବନାଥ ପଧାନ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ତୃତୀୟ ଦିନରେ ହୀରାକୁଦ ହିଣ୍ଡାଲ୍‌କୋ ସିଏସ୍‌ଆରରୁ ସୁକାନ୍ତ କୁମାର ମହାପାତ୍ର କାର୍ଯ୍ୟକ୍ରମର ତର୍ଜମା କରିଥିଲେ।ସ୍ୱୟଂ ସହାୟକ ଗୋଷ୍ଠୀର ଭିତିଭୂମିକୁ ନଜରରେ ରଖି ବିଭିନ୍ନ ବ୍ୟବସାୟିକ ଯୋଜନା ଗୁଡିକ ବିଷୟରେ ଗୀତ, ଖେଳ ଓ ଗପ ମାଧ୍ୟମରେ ବୁଝାଯାଇଥିଲା। କିଛି ମହିଳା ମଧ୍ୟ ଛୋଟ ଛୋଟ ବ୍ୟବସାୟ କରୁଛନ୍ତି ବୋଲି ପରିପ୍ରକାଶ କରିଥିଲେ। ଯେପରି ଛତୁ ଚାଷ, ମାଛ ଚାଷ, ପନିପରିବା ଚାଷ, ମାଣ୍ଡିଆ ମିକ୍ସଚର, ଫିନାଇଲ, ଆୟୁର୍ବେଦିକ ଚା ପାଉଡର ଇତ୍ୟାଦି। ଆଉ କିଛି ମହିଳା ଗୋଷ୍ଠୀ ନିକଟ ଭବିଷ୍ୟତରେ ବିଭିନ୍ନ ବ୍ୟବସାୟ କରିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ ।ସିଏସ୍‌ଆର ଟିମ୍‌ରୁ ପୁନମ ଓରାମ, ଦୀପାଳି ମହାନ୍ତି, ପଙ୍କଜିନୀ ଭଦ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଙ୍ଗଲା ପଞ୍ଚାୟତର ସରପଞ୍ଚ ମୁରାରୀ ବିଶ୍ୱାଳ, ବୋମାଲୋଇ ପଞ୍ଚାୟତର ସରସ୍ୱତୀ ପଧାନ, ଖଡିଆପାଲି ଗ୍ରାମର ସଭାପତି ସୁଶାନ୍ତ କୁମାର ବାରିକ ପ୍ରମୁଖ ଯୋଗଦାନ କରିଥିଲେ। ୨୦ଟି ଗ୍ରାମରୁ ୧୫୦ ଜଣ ମହିଳା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମନୋରଞ୍ଜନ ବେହେରା ମହିଳା ଗୋଷ୍ଠୀର ମହିଳାମାନଙ୍କୁ ଆଗାମୀ ଦିନରେ କିପରି ତାଲିମକୁ ଉପଯୋଗ କରି ସକ୍ରିୟ ଭାବେ ବ୍ୟବସାୟ କରି ପାରିବେ ବୁଝାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମହିଳାମାନେ ଆଦିତ୍ୟ ଆଲୁମିନିୟମ କାର୍ଯ୍ୟକ୍ରମକୁ ପ୍ରଶଂସାକରିବା ସହିତ ଧନ୍ୟବାଦ ଦେଇଥିଲେ।



ସାପୁଆ କେଳାଙ୍କ କଳାକାରନାମା

## ନକଲି ସୁନା ଦେଇ ୨ଲକ୍ଷ ୧୦ହଜାର ଲୁଟି ନେଲେ

ଧର୍ମଗଡ଼, ୨୫ ।୧୦(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ବୃନ୍ଦାବାହାଲ ଛକ ଠାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଯାଯାବର ବେଶରେ ସାପୁଆକେଳାମାନେ ନକଲି ସୁନା ଦେଇ ୨ଲକ୍ଷ ୧୦ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି ।ସୂଚନା ମତେ କିଛିଦିନ ତଳେ ବୃନ୍ଦାବାହାଲ ଛକ ନିକଟସ୍ଥ ଶ୍ରୀରାମପଡ଼ା ଠାରେ ଯାଯାବରମାନେ ତମ୍ବୁ କରି ରହି ଆସୁଥିଲେ। ଗାଁ ଗାଁ ବୁଲି ସାପୁଆକେଳା ବୃତ୍ତି କରି ପେଟପାଟଣା କରୁଥିଲେ ଓ ନିରୀହ ଲୋକ ଦେଖି ଲୁଟୁଥିଲେ ମୋଟା ରକମର ଟଙ୍କା। ଶନିବାର ଦିନ ୨ଜଣ ମହିଳା ଓ ୪ଜଣ ପୁରୁଷ ବୃନ୍ଦାବାହାଲ ଛକ ସ୍ଥିତ ଏକ ସିଏସସି ସେଣ୍ଟରର ମାଲିକ ଗୟାରାମ ବଗର୍ତ୍ତିଙ୍କ ଦୋକାନ ନିକଟକୁ ଆସି ଆମ ପାଖରେ କିଛି ଅର୍ଜିନାଲ ସୁନା ଅଛି ।ଗାଁ ଗାଁ ବୁଲୁଥିବା ସମୟରେ ଆମେ କିଛି ସୁନା ଗହଣା ପାଇଛୁ ଏହାକୁ ଆମେ ବିକ୍ରି କରିବାର ଅଛି ବୋଲି କହିଥିଲେ। ୩୫୦ଗ୍ରାମ ସୁନାକୁ ୪ଲକ୍ଷ ୧୦ହଜାର ଟଙ୍କା ରେ ମୁଲଚାଳ କରିଥିଲେ ।ଏଥିରେ ଦୋକାନୀ ଜଣକ ୨ଲକ୍ଷ ୧୦ହଜାର ଟଙ୍କା ଦେବା ପାଇଁ କହିବାରୁ ସାପୁଆ କେଳାମାନେ ରାଜି ହୋଇଥିଲେ। ତେବେ ଲୋଭରେ ପଡ଼ି ୨ଲକ୍ଷ ୧୦ହଜାର ଟଙ୍କା ଦୋକାନୀ ଜଣକ ଦେଇ ଦେଇଥିଲେ ।ଟଙ୍କା ପାଇବା ମାତ୍ରକେ ସାପୁଆ କେଳାମାନେ ଉକ୍ତ ଜାଗା ଛାଡି ଚାଲିଯାଇଥିଲେ ।ପରେ ଦୋକାନୀ ଗୟାରାମ ବଗର୍ତ୍ତି ଉକ୍ତ ସୁନାକୁ ନେଇ ଏକ ସୁନା ଅଳଙ୍କାର ତିଆରି କରୁଥିବା ଏକ ଦୋକାନକୁ ଟେଷ୍ଟିଂ ପାଇଁ ଦେଇଥିଲେ। ତେବେ ସେଠାରେ ସବୁ ସୁନା ଗୁଡିକ ନକଲି ବୋଲି ଜଣାପଡ଼ିଥିଲା। ତେବେ ସବୁ ସୁନା ନକଲି ବୋଲି ଜଣା ପଡ଼ିବା ପରେ ଦୋକାନୀ ଗୟାରାମ ବଗର୍ତ୍ତି ଠକାମୀର ଶିକାର ହୋଇଥିବା ସେ ଜାଣିବାକୁ ପାଇଥିଲେ। ଯାଯାବରମାନେ ତମ୍ବୁ କରି ରହୁଥିବା ସ୍ଥାନକୁ ଯାଇ ଦେଖିବା ବେଳକୁ ଉକ୍ତ ଜାଗା ଛାଡି ଚମ୍ପଟ ମାରିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ଗୋଲାମୁଣ୍ଡା ପୁଲିସକୁ ସେ ଜଣାଇଥିଲେ ଘଟଣାସ୍ଥଳକୁ ପୁଲିସ ପହଞ୍ଚିଥିଲା ।ପରବର୍ତ୍ତୀ ସମୟରେ ଗୟାରାମ ବଗର୍ତ୍ତି ଗୋଲାମୁଣ୍ଡା ଥାନାରେ ଲିଖିତ ଅଭିଯୋଗ ଦେଇଥିବା ଜଣାପଡ଼ିଛି। ନକଲି ସୁନା ଦେଇ ତାଙ୍କ ଠାରୁ ୧ଲକ୍ଷ ୧୦ହଜାର ଟଙ୍କା ଯାଯାବରମାନେ ଲୁଟି ନେଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନ ଗାଁ ଗାଁ ରେ ଯାଯାବର ସାପୁଆ କେଳାମାନେ ରହି ସାପ ଖେଳ ଦେଖାଇ ପେଟ ପାଟଣା କରୁଛନ୍ତି। ତେବେ ସାପ ଖେଳାଇବା କେବଳ ଆଳ ଦେଖାଇ ଲୋକଙ୍କୁ ନକଲି ସୁନା ଦେଇ ଲୁଟୁ ଥିବା ଏହି ଘଟଣାରୁ ପ୍ରତିପାଦିତ ହେଉଛି। ପୁଲିସ ଏହି ଘଟଣା ପ୍ରତି ତତ୍ପରତା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମେତ ଯାଯାବରଙ୍କୁ ତୁରନ୍ତ ଗିରଫ କରିବାକୁ ସାଧାରଣରେ ଦାବି ହେଉଛି।

ଏକ ଦିବସୀୟ ମେମୋରିଆଲ ଟୁର୍ଣ୍ଣାମେଣ୍ଟ

## ଲୋକାଲ ଇଲେଭେନକୁ ହରାଇ ହାଡ଼ିପାଲି ଚାମ୍ପିଅନ



ଜମନକିରା, ୨୫ ।୧୦(ସମିସ): ଜମନକିରା ବ୍ଲକ ଟିକିଲିପଡ଼ା ଭୀମ ଭୈରବ ଫୁଟବଲ ଟିମ ୧୯୯୮ ବ୍ୟାଚ ଆନୁକୂଲ୍ୟରେ ଏକ ଦିବସୀୟ ମେମୋରିଆଲ ଟୁର୍ଣ୍ଣାମେଣ୍ଟ ଟିକିଲିପଡ଼ା ଫୁଟବଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମହେନ୍ଦ୍ର ମାଝୀ, ସୁରେନ୍ଦ୍ର ମାଝୀ, ପଙ୍କଜ କାଲୋ, ବିଜୟ ଭୋଇ ଓ ବିଜୟ କିସାନ ଉକ୍ତ ପାଞ୍ଚ ଜଣଙ୍କର ମେମୋରିଆଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଖେଳକୁ ମୁଖ୍ୟଅତିଥି ଭାବରେ ଟିକିଲିପଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ରୀନା ନାୟକ ଖେଳକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୮ଟି ଟିମ୍ ଯୋଗ ଦେଇଥିଲେ। ଫାଇନାଲ ଖେଳ ହାଡ଼ିପାଲି ଓ ଲୋକାଲ ଇଲେଭେନ ମଧ୍ୟରେ ଚିତାକର୍ଷକ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ନ ଥିବା ବେଳେ ଶେଷରେ ଟ୍ରାଇବେକର ସାହାଯ୍ୟ ନିଆ ଯାଇଥିଲା। ଏଥିରେ ଲୋକାଲ ଇଲେଭେନକୁ ହରାଇ ହାଡ଼ିପାଲି ଚାମ୍ପିଅନ ହୋଇଥିଲା ।ପୁରସ୍କାର ବିତରଣି ସମୟରେ ମୁଖ୍ୟଅତିଥି ଭାବରେ ଟିକିଲିପଡ଼ା ସରପଞ୍ଚ ଅଜିତ ନାଏକ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଏମ୍‌ଡି କୃଷ୍ଣ ଚନ୍ଦ୍ର ସାହୁ, ଜମନକିରା ସାମ୍ବାଦିକ ୟୁନିଅନ ଓ ୟୁଜେ ସଭାପତି କ୍ଷିତି ରଞ୍ଜନ ପଧାନ, ନବଜିତ୍ ଜୟପୁରିଆ, ସହ ଦୀନବନ୍ଧୁ ବଲୁଆ, ଅନ୍ତ ସା, କ୍ଷମା ସାଗର ପ୍ରଧାନ, ଅଜୟ ପ୍ରଧାନ, ବିନୋଦ ପ୍ରଧାନ, ଦିପନ ପଟେଲ, ଭିମ୍ ସେନ ବେକ ଯୋଗ ଦେଇଥିବା ବେଳେ କାଲଚି ପୁଡ଼ାଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧରଣୀଧର ପ୍ରଧାନ ସଭାପତିତ୍ୟ କରିଥିଲେ। ବିଜୟୀ ଦଳକୁ ମୁଖ୍ୟ ଅତିଥି ଟ୍ରଫି ସହ ୧୨ ହଜାର ଟଙ୍କା ପ୍ରଦାନ କରି ଥିବା ବେଳେ ରନଅପ ଟିମ୍‌କୁ ଟ୍ରଫି ସହ ୮ହଜାର ଟଙ୍କା ପ୍ରଦାନ କରିଥିଲେ। ଖେଳକୁ ରାଜେଶ ଜୟ ପୁରିଆ, ପ୍ରଶାନ୍ତ ମୁଣ୍ଡା, ସୁବାଷ ମୁଣ୍ଡା, ବାପି ବାଗ, ଯଶୋବନ୍ତ ପ୍ରଧାନ ପରିଚାଳନା କରିଥିଲେ। ଟିକିଲିପଡ଼ା ଭୀମ ଭୌରବ ଫୁଟବଲ ଟିମ ୧୯୯୮ ବ୍ୟାଚ୍‌ର ସଭାପତି ନବଜିତ ଜୟପୁରିଆ, ରଞ୍ଜନ ପ୍ରଧାନ, ମୁକ୍ତେ ଶ୍ୱର୍ ପ୍ରଧାନ, ଖିତିଶ କୁମାର ପଟେଲ, କ୍ଷମାନିଧି ପ୍ରଧାନ, ବିକାଶ କାଲୋ, ଶିବାଜୀ ବାଗ, କ୍ଷମା ତାଣ୍ଡି, ଚନ୍ଦନ ପିକ, ରୋଷନ ପଟେଲ ପ୍ରଭୃତି ସହ ଯୋଗ କରିଥିଲେ।

ବିଦ୍ୟାଳୟ ବନ୍ଦ ପରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତ

## ମଣିଷ ହେବାର ଅସୁମାରୀ ସ୍ୱପ୍ନ ଭାଙ୍ଗି ଯାଇଛି

ସିନାପାଲି, ୨୫ ।୧୦(ସମିସ)


ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ ଶିକ୍ଷାର ବିକାଶ ସାଙ୍ଗକୁ ଆଦିବାସୀ ବହୁଳ ଅଞ୍ଚଳକୁ ବିକଶିତ କରାଯିବାକୁ ସରକାର ଅନେକ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହି ପ୍ରତିଶ୍ରୁତି ପାଳନ କରିବାରେ ସରକାର ଅଦ୍ୟାବଧି ଆଖି ଦୃଶିଆ ପଦକ୍ଷେପ ନେଇନାହାନ୍ତି। ଏପରିକି ନୂଆପଡ଼ା ଜିଲ୍ଲାର ବଣ ପାହାଡ ଦୁର୍ଗମ ଜଙ୍ଗଲ ଘେରା ଅଞ୍ଚଳରେ ଗଢି ଉଠିଥିବା ବିଦ୍ୟାଳୟ ବନ୍ଦ ରହିଥିବା ବେଳେ ଅଞ୍ଚଳର ଜନସାଧାରଣ ଓ ଅଭିଭାବକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ଚିନ୍ତିତ ଥିବା ବେଳେ ବିଦ୍ୟାଳୟ ପୁନଃ ଚାଲୁ କରିବା ପାଇଁ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି ।ନୂଆପଡ଼ା ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଅନେକ ଗ୍ରାମ ଦୁର୍ଗମ ଜଙ୍ଗଲରେ ରହିଛି। ସେହି ଅଞ୍ଚଳରେ ଥିବା ଗୋଟିଏ ଗ୍ରାମରୁ ଅନ୍ୟ ଏକ ଗ୍ରାମରେ ଥିବା ବିଦ୍ୟାଳୟକୁ ପାଠପଢ଼ି ଯିବା କାଠିକର ପାଠ। ଘଞ୍ଚ ଜଙ୍ଗଲରେ ଅନେକ ହିଂସ୍ର ଜୀବଜନ୍ତୁ ଭୟ ରହିବା ସହ ଆଜିବି ଅନେକ ନଦୀ ନାଳ ଝରଣା ଅତିକ୍ରମ କରି ଗୋଟିଏ ଗାଁରୁ ଅନ୍ୟ ଏକ ଗାଁକୁ ଯିବାକୁ ପଡୁଛି। ତେବେ ଏଭଳି ପରିସ୍ଥିତି ରେ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଠ ପଢ଼ିବା ରେ ଡୋରି ବନ୍ଧା ହୋଇଯାଇଛି ବୋଲି ଉପାନ୍ତ ଅଞ୍ଚଳର ଜନସାଧାରଣ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।ବନ୍ଦ ହୋଇ ପଡ଼ିଥିବା ଅନେକ ଗ୍ରାମର ବିଦ୍ୟାଳୟ ରେ ତାଲା ଝୁଲୁଥିବା ବେଳେ ସେଠିକାର ଶିଶୁମାନେ ଖେଳକୁଦ ଘରୋଇ କାମ ସାଙ୍ଗକୁ



ଅନ୍ୟାନ୍ୟ କାମରେ ନିୟୋଜିତ ହେଉଛନ୍ତି। ପାଠ ପଢ଼ି ଦିନେ ଭଲ ମଣିଷ ହୋଇ ଦେଶ ମାତୃକା ସେବାରେ ନିୟୋଜିତ କରାଇବର ଯେଉଁ ସ୍ୱପ୍ନ ବାପା-ମାଆ ଦେଖିଥିଲେ ତାହା ଆଜି ମଉଳି ଯାଇଛି ।ଶିଶୁ ହସିଲେ ଦେଶ ହସିବା ସହ ଯେଉଁ ଦେଶ ଶିକ୍ଷା କ୍ଷେତ୍ରରେ ଆଗୁଆ ସେହି ଦେଶ ସେତେ ଉନ୍ନତ। ହେଲେ ଆଜି ସରକାରୀ କ୍ଷେତ୍ରରେ ଶିକ୍ଷାକୁ ସେତେଟା ଗୁରୁତ୍ୱ ଦେଉ ନ ଥିବା ଭଳି ମନେ ହେଉଥିବା ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି। ଶିକ୍ଷାର ମାନ ଦିନକୁ ଦିନ ହ୍ରାସ ପାଉଥିବା ବେଳେ ଉପାନ୍ତ ଅଞ୍ଚଳରେ ଶିକ୍ଷା କୁ ଆହୁରି ସୁଦୂର ପ୍ରସାରି କରିବାର ଆବଶ୍ୟକତା ରହିଛି। ଏବେ ସେଠିକାର ପିଲାମାନେ ପାଠ ପଢ଼ିବା ରୁ ବଞ୍ଚିତ ହେଉଛନ୍ତି। ପ୍ରଶାସନ ବିଦ୍ୟାଳୟ ଗୁଡିକକୁ ପରିଦର୍ଶନ କରିବା ପାଇଁ ଦାବି ହେଉଛି ହେଲେ ଜିଲ୍ଲା ଶିକ୍ଷା ବିଭାଗ ନିରବଦଷ୍ଟା ସାଜିଛି। ଦିନେ କୁନିକୁନି ଛାତ୍ରଛାତ୍ରୀଙ୍କ ଶବ୍ଦରେ ଫାଟି ପଡୁଥିବା ବିଦ୍ୟାଳୟ ଏବେ ଭୂତ କୋଠି ପଲଟିଛି। ଅନେକ ଥର ପ୍ରଶାସନକୁ ଗୁହାରି କଲେ ମଧ୍ୟ କେହି ଶୁଣୁନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ ଓ ସ୍ଥାନୀୟ ବାସିନ୍ଦା। କୁନି କୁନି ପିଲାଙ୍କ ଆଖିରେ ଅସୁମାରି ସ୍ୱପ୍ନ, ବିଦ୍ୟାଳୟ ଖୋଲିବ ଏବଂ ସେହି ବିଦ୍ୟାଳୟରେ ପାଠ ପଢ଼ିବେ। ହେଲେ ବନ୍ଦ ପଡ଼ିଥିବା ବିଦ୍ୟାଳୟ ପାଇଁ ମଣିଷ ହେବାର ସ୍ୱପ୍ନ ଭାଙ୍ଗି ଯାଇଛି। ସୂଚନା ଅନୁସାରେ ନୂଆପଡ଼ା ବ୍ଲକରେ ୪୮, କୋମନା ବ୍ଲକରେ ୫୭, ଖଡ଼ିଆଳ ବ୍ଲକରେ୨୨, ବୋଡ଼େନ ବ୍ଲକରେ ୧୦ ଓ ସିନାପାଲି ବ୍ଲକରେ ୨୨ଟି ବିଦ୍ୟାଳୟ ବନ୍ଦ ହୋଇ ପଡ଼ିରହିଛି। ଅନେକ ସମୟରେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ଶୁଣୁ ନାହାଁନ୍ତି ବୋଲି କହିଛନ୍ତି ସ୍ଥାନୀୟ ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ଜନସାଧାରଣ। ଏ ସମ୍ପର୍କରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ଯାଇଛି ବୋଲି କହୁଥିବା ବେଳେ ବର୍ତ୍ତମାନ ନୂଆପଡ଼ା ଉପନିର୍ବାଚନରେ ନୂଆପଡ଼ାକୁ ବିଭାଗୀୟ ମନ୍ତ୍ରୀ ସମେତ ମୁଖ୍ୟମନ୍ତ୍ରୀ ଗସ୍ତରେ ଅସିଛନ୍ତି। ଭୋଟ ହାତେଇବା ପାଇଁ ଚାଲିଛି ବଳ କଷାକଷି ସମରସଜ୍ୟା କସରତ। ଏହି ଭଳି ସ୍ଥାନୀୟ ସମସ୍ୟା ସରକାର ଭୁଲି ଯାଇଥିବା ବେଳେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍କୁଲ ବ୍ୟବସ୍ଥା ଉପରେ ମୁହଁ ଖୋଲୁ ନାହାନ୍ତି। ତେବେ ଉପାନ୍ତ ଅଞ୍ଚଳର ଶିଶୁଙ୍କ ଭାଗ୍ୟ ବଦଳିବ ନା ଆଉ କଣ ହେବ ତାକୁ ନେଇ ଅପେକ୍ଷା କରିଛନ୍ତି ଉପାନ୍ତବାସୀ।



# ଊର୍ମି



**ମୂଳ ହିନ୍ଦୀ : ଡଃ ନୀଲକମଲ କପୁର**

**ଅନୁସୃଜନ : ଲଳିତ ମୋହନ ମିଶ୍ର**

ନମିତା ବାଲକୋନିରେ ବସି ଚା' ପିଉଥିବା ସମୟରେ, ବିପରୀତ ଫ୍ଲାଟର ବାଲକୋନିକୁ ଦେଖିଲେ। ଆଜି ମଧ ଦୀପେଶ ଏକା ଏକା ଚା' ପିଉଛି। ଗତକାଲି ତାକୁ ଏକା ଦେଖିଥିଲେ। ରୁନଝୁନ୍ ଏବେ କେଉଁଠି ? ଠିକ୍ ସେତିକି ବେଳକୁ ଦୀପେଶ ତାଙ୍କୁ ହାତଯୋଡ଼ି ପ୍ରଣାମ ଜଣାଇଲା । ଦୀପେଶକୁ ନମିତା ଏକ ମେସେଜ୍ ପଠାଇଲେ, 'ରୁନଝୁନ୍'? ସେ ଶୋଇଛି ମାଉସୀ । ନମିତାଙ୍କୁ କଥାଟା ଟିକେ ଅଡୁଆ ଅଡୁଆ ଲାଗିଲା । ରୁନଝୁନ୍ ଏତେ ପର୍ଯ୍ୟନ୍ତ ଶୋଇବା ପିଲା ନୁହେଁ । ସେ ଯାହା ହେଉନା କାହିଁକି...ପ୍ରକୃତ କଥାଟା ଏ ମେସେଜ୍ ଦ୍ୱାରା ଜାଣି ହେବ ନାହିଁ । ବାସ୍ତବ କ୍ଷେତ୍ରକୁ ନ ଗଲେ, କଥାଟା ଭଲ ଭାବରେ ଜାଣି ହେବ ନାହିଁ।

ରୁନଝୁନ୍ ନମିତାଙ୍କ ଝିଅ ରିମାର ସ୍କୁଲ୍ ସାଙ୍ଗ । କେବେକେବେ ଭଲ ମନ୍ଦରେ ଘରକୁ ଆସେ । ତା'ପରେ ପିଲାମାନେ ସ୍କୁଲ ଜୀବନ ସାରି ବଡ଼ ହେଲେ । କଲେଜ ପଢ଼ିବା ପରେ ସେମାନେ ନିଜ ନିଜର କାମ ଧନ୍ଦା ଆରମ୍ଭ କରିଦେଲେ । ଯେ ଯାହାର ବିବାହ କରି ଘର ସଂସାର କଲେ । ଏବେ ସ୍ୱାମୀ ଶାଶୁ ଶ୍ୱଶୁର ଛୁଆ ପିଲାଙ୍କୁ ନେଇ ଯେ ଯାହାର ଘର ସଂସାରରେ ବ୍ୟସ୍ତ । ରିମା ବିଦେଶରେ ରହୁଛି । ନମିତା ଏବଂ ତାଙ୍କର ସ୍ୱାମୀ ରିମା ସହିତ କିଛିଦିନ ବିଦେଶରେ ରହୁଥିଲେ । ନିଜ ମାଟି ମାଆକୁ ଭଲ ପାଇ ନିଜ ଗାଁରେ ରହୁଛନ୍ତି । ରିମା ପାଖକୁ ବାରମ୍ବାର ଯାଉଥିବାରୁ ଏବଂ ବୟସାଧିକ ହେବାରୁ ସ୍ୱାସ୍ଥ୍ୟ ଚିନ୍ତାରେ ଏବେ ସହରରେ ରହୁଛନ୍ତି । ପୁରୁଣା ପୈତୃକ ଘର ବିକ୍ରି କରି ଏକ ହାଉସିଂ ସୋସାଇଟିରେ ଗୋଟିଏ ଫ୍ଲାଟ୍ କିଣିଛନ୍ତି । ଏହି ଫ୍ଲାଟ୍‌ଟି ଦୁଇଜଣ ଲୋକଙ୍କ ପାଇଁ ବହୁତ ଆରାମଦାୟକ। ଏଠାରେ ରହିବା ପ୍ରାୟ ଗୋଟିଏ ବର୍ଷ ହୋଇଗଲାଣି । ହଠାତ୍ ଦିନେ ସୋସାଇଟି ସାମ୍ନାରେ ଥିବା ଜେନେରାଲ ଷ୍ଟୋରରୁ ନମିତା କିଛି ଜିନିଷ କିଣି ଘରକୁ ଫେରୁଥିଲେ । କିଏ ଜଣେ ପଛରୁ 'ହାଏ ଆଣ୍ଟି' ବୋଲି ଡାକିଲା । ନମିତା ପଛକୁ ଚାହିଁଲେ, ଝିଅଟି ପରିଚିତ ପରିଚିତ ମନେ ହେଉଥିଲା । ଯାହାହେଉନା କାହିଁକି, ସେହି ଚୁଲବୁଲି ଝିଅଟି ଦୁଇ ମିନିଟ୍ ମଧ୍ୟରେ ତାର ସମସ୍ତ କଥା ଟାଉଟାଉ ହୋଇ କହିଦେଲା। ସେ ଆଉ କିଏ ନୁହେଁ ରିମାର ସାଙ୍ଗ ରୁନଝୁନ୍ । ସେ ଏବେ ଏହି ସହରକୁ ଆସିଛି କାରଣ ତା'ର ସ୍ୱାମୀ ଏଠାକୁ ବଦଳି ହୋଇଆସିଛନ୍ତି।

ସବୁଠାରୁ ଭଲ ହେଲା ରୁନଝୁନ୍ । ଦୀପେଶ, ରୁନଝୁନ୍ ଏବଂ ପିଲାମାନେ ନମିତାଙ୍କ ସହିତ ସେହି ଫ୍ଲାଟ୍‌ରେ ରହୁଛନ୍ତି ଶୁଣି ଖୁସି ଲାଗିଲା । ଫ୍ଲାଟ୍‌ର ସାମ୍ନାସାମ୍ନି ଉଭୟଙ୍କ ଘର । ଉଭୟେ ନିଜ ନିଜ ବାଲକୋନିରେ ପରସ୍ପରକୁ ଦେଖିପାରୁଥିଲେ। ରୁନଝୁନ୍‌ର ପିଲାମାନେ ଜେଜେବାପାଙ୍କର ପରିବେଶ ପାଇଥିଲେ। ନମିତାଙ୍କ ସ୍ୱାମୀ ନରେଶ ଖାଇବା ପ୍ରିୟ ମଣିଷ। ରବିବାର ସକାଳେ ରୁନଝୁନ୍ କହି ଦେଉଥିଲା, ଆଣ୍ଟି ! ଆଜି ରବିବାର । କିଛି ଟିଫିନ୍ କରିବେ ନାହିଁ । ସିଙ୍ଗଡ଼ା,ବରା, କଚୋଡ଼ି, ପୁରୀ, ଢୋକଲା ଇତ୍ୟାଦି କିଛି ମସଲାଦାର ଟିଫିନ୍ ପ୍ରସ୍ତୁତ କରି ରୁନଝୁନ୍ ଆଣିଦିଏ । ନରେଶଙ୍କ ସ୍ୱାସ୍ଥ୍ୟ ସଚେତନ ପାଇଁ ନମିତା ମସଲାଦାର ଖାଦ୍ୟ ପ୍ରସ୍ତୁତ କରୁ ନଥିଲେ । ଏବେ ନରେଶ ଚଟ୍‌ପଟି ଖାଦ୍ୟର ସ୍ୱାଦ ପାଇ ବଡ଼ ଆନନ୍ଦ।

ସେଦିନ ସନ୍ଧ୍ୟାରେ ଜେନେରାଲ୍ ଷ୍ଟୋର୍‌କୁ ବ୍ରେଡ୍ ଆଣିବାକୁ ଯାଇଥିଲେ ନମିତା । ସେଠାରେ ଦୀପେଶଙ୍କ ସହିତ ଦେଖାହେଲା। ନମିତା ଦେଖିଲେ ଦୀପେଶର ହାବଭାବ ସୁଖା ସୁଖା । ନମିତା ପଚାରିଲେ, "କ'ଣ ହୋଇଛି ଦୀପେଶ? ଦୁଇ ତିନି ଦିନ ହୋଇଗଲାଣି... ସକାଳେ ଆଉ ରୁନଝୁନ୍ ବାଲକୋନିରେ ଦେଖାଯାଉ ନାହିଁ।"

ଦୀପେଶ ନ କହିବାକୁ ଚାହୁଁଥିଲେ ମଧ ଦୁଃଖିତ ମନରେ କହିଲେ – "କ'ଣ କହିବି ଆଣ୍ଟି । ରାତିରେ ସେ ବହୁ ସମୟ ପର୍ଯ୍ୟନ୍ତ ଶୋଉନାହିଁ । ତେଣୁ ସକାଳ ପର୍ଯ୍ୟନ୍ତ ଗଭୀର ନିଦ୍ରାରେ ଶୋଇପଡୁଛି । ମୁଁ ତାକୁ ଉଠାଇବାକୁ ଇଚ୍ଛା ଥିଲେ ମଧ ଉଠାଉନାହିଁ ।"

ମୁଁ ତାକୁ ଥରେ ଦୁଇଥର ପଚାରିଲି ଘଟଣା କ'ଣ ? ସେ କହିଲା, "ତୁମେ କ'ଣ ବୁଝିବ ନାରୀ ମନର କଥା । ପିଲାମାନେ ମଧ ଚୁପ୍ ଚାପ୍ । ସେମାନେ ମଧ ଡରରେ କିଛି କହୁ ନାହାଁନ୍ତି । ଯଦି କିଛି ପଚାରି ଦେଉଛନ୍ତି ତାଙ୍କ ଉପରେ ରାଗି ବିନା କାରଣରେ ଗାଳି ଦେଉଛି । କଥା କ'ଣ କି...ତା'ର ଜଣେ ବାନ୍ଧବୀ ଏବେ କିଛି ଦିନ ତଳେ ଆସିଥିଲା । ମୋତେ ଦେଖିଲା । ତା'ପରେ ସେ ରୁନଝୁନ୍‌କୁ କ'ଣ କହିଲା ଭଗବାନଙ୍କୁ ଜଣା । ଇଏତ ସେହି ଦିନଠାରୁ ଗୁଜୁରୁ ଗୁଜୁରୁ ହେଉଛି । କିଛି କହୁ ନାହିଁ। 'ନାଲି ଗାମୁଛାକୁ ଷଣ୍ଢ ଦେଖି ହୁରୁଡିଲା ପରି' ମୋତେ ଦେଖିଦେଲେ ତା'ର ରାଗ ପଞ୍ଚମରେ । ମୁଁ କିଛି କହି ପାରୁଛି ନା ରହି ପାରୁଛି ।" ନମିତା ଘରକୁ ଆସି କିଛି ସମୟ ଚିନ୍ତା କଲେ । ତା'ପରେ ରୁନଝୁନ୍‌ଙ୍କୁ ମେସେଜ୍ କଲେ । "କାଲି ରବିବାର ସକାଳ ଏଗାର ଟାରେ ପ୍ରସ୍ତୁତ ରୁହ । ଆମେ ସମସ୍ତେ ପିକନିକ୍ କରିବାକୁ ଯିବା । ସେଠାରେ ଦୁଇ ତିନି ଘଣ୍ଟା ବୁଲାବୁଲି କରିବା ହୋଟେଲରେ ଖାଇବା । ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ଆସିବା । ତୁମ ମଉସାଙ୍କର ଆଜି ଜନ୍ମଦିନ ।"

ପିଲାମାନେ ପିକନିକ୍ ଜାଗାର ଡ୍ୟାମ୍ ପାଖରେ ଜେଜେ ବାପାଙ୍କ ସହିତ କ୍ରିକେଟ୍ ଖେଳିବା ଆରମ୍ଭ କରିଦେଲେ। ନମିତା ଏବଂ ରୁନଝୁନ୍ ଡ୍ୟାମ୍ ପାଖ ବେଞ୍ଚରେ ବସିଲେ। ନମିତା ରୁନଝୁନ୍‌କୁ ପଚାରିଲେ, "କ'ଣ ହୋଇଛି ? ମୁଁ ଅନୁଭବ କରୁଛି, କିଛି ଗୋଟାଏ ହୋଇଛି ? ଦେହ ପା' ଭଲ ଅଛି ତ...?" ରୁନଝୁନ୍ ଏକ ଦୀର୍ଘ ନିଶ୍ୱାସ ପକାଇ କହିଲା – "ସ୍ୱାସ୍ଥ୍ୟ ତ ଭଲ ଅଛି ଆଣ୍ଟି । ମନଟା ଭଲ ନାହିଁ। କ'ଣ କହିବି ମାଉସୀ, ଚାରି ଦିନ ତଳେ ମୋର କଲେଜ ସାଙ୍ଗ ଆସିଥିଲା । ସେ ଦୀପେଶ ବିଷୟରେ ଯାହା କହିଲା, ମୋତେ ବିଚଳିତ କରିଦେଲା ।"

ନମିତା କିଛି ମୁହୂର୍ତ୍ତ ପାଇଁ ତାକୁ ଚାହିଁ ରହିଲେ । ତା'ପରେ କହିଲେ – "ରୁନଝୁନ୍ ! ସେହି ପଥରଟି ଆଣ ଏବଂ ପାଣିକୁ ଫୋପାଡ଼ି ଦିଅ ।" ରୁନଝୁନ୍ ମଧ ମାଉସୀଙ୍କ କଥାରେ ଅନିଚ୍ଛା ସତ୍ତ୍ୱେ ପଥଟିକୁ ଆଣି ପାଣିକୁ ଫୋପାଡ଼ି ଦେଲା । ପଥରଟି ପାଣିରେ ପଡ଼ିବାର ଶବ୍ଦ ହେଲା । ଧୀରେ ଧୀରେ ପଥରଟି ପାଣିରେ ବୁଡ଼ି ଗଲା । ସେଠାରେ ତରଙ୍ଗର ଏକ ବୃତ୍ତ ସୃଷ୍ଟି ହେଲା । କିଛି ଊର୍ମି ହୋଇ କୂଳକୁ ଆସିଗଲା ।

କିଛି ସମୟ ପରେ ଡ୍ୟାମ୍‌ର ପାଣି ଶାନ୍ତ ହୋଇଗଲା । "କିଛି ଦେଖିଲୁ ଝିଅ ?" ନମିତା ରୁନଝୁନ୍‌କୁ ପଚାରିଲେ । "ତୁମେ ଡ୍ୟାମ୍‌କୁ ପଥରଟି ଫିଙ୍ଗିଲ । ସେଥିରେ ଊର୍ମି ଉଠିଲା ଏବଂ ଆହୁରି କ'ଣ ହେଲା । ଡ୍ୟାମର ସମଗ୍ର ଜଗତ ଥରି ଉଠିଲା । ଏପରି ଲାଗିଲା ଡ୍ୟାମ୍‌ରେ ଉଠିଥିବା କୋମଳ ପତ୍ରଗୁଡ଼ିକ ବୁଡ଼ିଗଲା। ପାଖରେ ଥିବା ବୁଦାଗୁଡ଼ିକରୁ ଛୋଟ ଛୋଟ ପକ୍ଷୀମାନେ ଭୟଭୀତ ହୋଇ ଉଡ଼ିଗଲେ। କୂଳରେ ବସିଥିବା ବେଙ୍ଗଗୁଡ଼ିକ ସୂର୍ଯ୍ୟ କିରଣ ପାଇ ଜଳପାନ କରୁଥିଲେ। ସେମାନେ ଭୟଭୀତ ହୋଇ ପାଣିକୁ ଡେଇଁ ପଡ଼ିଲେ । କିନ୍ତୁ ଡ୍ୟାମ୍‌ର କ'ଣ ହେଲା? ଧୀରେ ଧୀରେ ନିଜର ଜଳକୁ ସ୍ଥିର କରିଦେଲା । ମୁଁ ତୁମଠାରୁ ଜାଣିବାକୁ ଚାହୁଁନାହିଁ ଯେ, ତୁମର ସାଙ୍ଗ ତୁମ ପରିବାର ବିଷୟରେ କ'ଣ କହିଲା? କିନ୍ତୁ ଏତିକି ବୁଝିପାରୁଛି ଯେ, ତା'ର କଥା ତୁମକୁ ପଥର ପରି ଲାଗିଛି । ଯାହା ବି ହୋଇଛି ତୁମେ ବଦଳାଇ ପାରିବ ନାହିଁ । କିନ୍ତୁ ବିଚଳିତ ହୋଇ ତୁମର ଘର ସଂସାର ଚହଲି ଯାଇଛି। ଦୀପେଶ ନିରାଶ ହୋଇଛି । ପିଲାମାନେ ଦୁଃଖୀ । ଡ୍ୟାମ୍‌ରୁ କିଛି ଶିଖ । ଯେଉଁ ପଥର ସମସ୍ତଙ୍କୁ ଅସ୍ଥିର କରିଦେଲା । ସିଏ ଏବେ ଶାନ୍ତ ସ୍ଥିର । ଡ୍ୟାମ୍ କି ଜାଣେ ଏହି କାର୍ଯ୍ୟ ପଥର ଫିଙ୍ଗିଥିବା ବ୍ୟକ୍ତିର ଭୁଲ୍ ନା ପଥରର । ସେ କାହାର କ୍ଷତି କରିବ ନାହିଁ କିନ୍ତୁ ଡ୍ୟାମ୍‌ର ସଂସାର ନିଶ୍ଚିତ ଭାବରେ ବିଚଳିତ। ତେଣୁ ମୋ ଝିଅ, ତୁ ଡ୍ୟାମ୍ ଭଳି ହୋଇଯାଆ । ଏଠାରେ କାହାର ଦୋଷ ତ୍ରୁଟି ଖୋଜେ ନାହିଁ । ନିଜ ଘର ସଂସାର ନିଜେ ସଜାଡ଼େ ।" ନମିତା ସବୁ ବୁଝାଇ ସାରି ରୁନଝୁନ୍‌କୁ ଦେଖିଲେ। ରୁନଝୁନ୍ ତା'ର ମୋବାଇଲ ଫୋନ୍ ଉପରେ ବ୍ୟସ୍ତ ଅଛି। ନମିତା ପିଲାମାନଙ୍କ ପାଖକୁ ଚାଲି ଆସିଲେ । ଠିକ୍ ସେତେବେଳେ ନମିତାଙ୍କ ଫୋନ୍‌ରେ ଏକ ବିଜ୍ଞାପନ ଆସିଲା। ପାଖରେ ଥିବା ରୁନଝୁନର ଥମ୍ବସ୍-ଅପ୍ ଏବଂ ଦୁଇଟି ସ୍ମାଇଲି । ନମିତା ହସି ହସି ମୁଣ୍ଡ ଉପରକୁ ଉଠାଇଲା । ସେତେବେଳକୁ ରୁନଝୁନ୍ ପିଲାମାନଙ୍କ ସହିତ ବଲ୍ ଖେଳୁଥିଲା । ■

ଅରବିନ୍ଦ ନଗର, ନୟାଗଡ଼
ମୋ: ୯୪୩୭୯୮୫୮୬୬

# ଝିଅମାନେ



**ମୂଳ ହିନ୍ଦୀ: ନୀରଜ ନୀର**

**ଅନୁବାଦ: ଇପ୍‌ସିତା ଷଡ଼ଙ୍ଗୀ**

ଝିଅମାନେ
ଅଶ୍ୱତ୍ଥ ଗଛ ପରି
ଉଠି, ବଢ଼ି ଯାଆନ୍ତି କୋଉଠି ବି
କାନ୍ଥ ହେଉ ଅବା ଛାତ

ସବୁଠାରୁ ଅଧିକ କଠିନ
ସମ୍ଭାବନାମାନଙ୍କ ମଧ୍ୟରେ
ଅସୀମିତ ଆକାଂକ୍ଷାରେ ପରିପୂର୍ଣ୍ଣ ହୋଇ
ଆକାଶରେ ମଜବୁତ୍ କରି ନିଅନ୍ତି ନିଜ ଚେର
ଆଉ ମାଟି ଉପରେ ଗଢ଼ି ନେଇପାରନ୍ତି
ଶୀତଳ ଛାୟାର ସଂସାର


ଅଙ୍କୁରିତ ହେବା ପାଇଁ ପ୍ରତୀକ୍ଷା ନ ଥାଏ
ଆଦ୍ର ଆଉ ଉର୍ବର ଭୂଇଁ
ଅଦୃଶ୍ୟ ଅଣୁରେ ଗ୍ରହଣ କରି ନିଅନ୍ତି
ଜୀବନ ଶକ୍ତି
ଏବଂ ପ୍ରସ୍ତୁତ କରି ନିଅନ୍ତି ନିଜକୁ
ପ୍ରଦାନ କରିବାକୁ ପ୍ରାଣବାୟୁ
ସମସ୍ତଙ୍କୁ ।

ପରିସ୍ଥିତିକୁ ପରିବର୍ତ୍ତନ କରିଦେଇ ପାରନ୍ତି
ନିଜ ମୁତାବକ

ପଥର ଉପରେ ଚେର ଜମେଇ
ବଦଳେଇ ଦିଅନ୍ତି ତାକୁ ନରମ ମାଟିରେ ।

ଚକିତ ହୋଇଯାଇଥିବା ପୃଥିବୀ
କାଣି ଆଙ୍ଗୁଠି ଧରି ତାଙ୍କର
ସିଧା କରି ନିଏ ନିଜର ଜଖମ୍ ଅଣ୍ଟା
ସୂର୍ଯ୍ୟ, ଆଖି ମୁଦି ହସି ଉଠେ ।

ଲୋକମାନେ ଅଶ୍ୱତ୍ଥ ଗଛ ଲଗାନ୍ତି ନାହିଁ
ଚାହାନ୍ତି ବି ନାହିଁ ଝିଅମାନଙ୍କ ଜନ୍ମ ହେବା
କିନ୍ତୁ ଏ ଦୁନିଆ
କେବେ ବି ଏମିତି ରହିବ ନାହିଁ
ଅଶ୍ୱତ୍ଥ ଗଛ କି ଝିଅମାନଙ୍କ ବିନା । ■



# ବାପା ଓ ଝିଅ

ଚଢ଼େଇମାନଙ୍କ କଳରବ
କ'ଣ କିଛି ଅର୍ଥ ରଖେ
ଆମ ପାଇଁ ?

କିନ୍ତୁ ଭଲ ଲାଗେ
ଯେବେ କିଛି କହୁଥାଆନ୍ତି ଚଢ଼େଇ
ତାଙ୍କ କଳରବରେ ସୃଷ୍ଟି ହେଉଥାଏ
ଏକ ଅଦୃଶ୍ୟ ସେତୁବନ୍ଧ
ପ୍ରକୃତି ଏବଂ ଆମ ଭିତରେ ।

ସେମାନଙ୍କ ଶବ୍ଦରେ
ଭରିଯାଏ ଜୀବନ
ଆନନ୍ଦର ମିଠାପଣରେ ।

ଭଲ ଲାଗେ
ଯେବେ ବି କିଛି କୁହନ୍ତି ଝିଅମାନେ...
ଝିଅମାନେ ଚଢ଼େଇଙ୍କ ପରି
ଫୁର୍ କରି ଉଡ଼ିଯା'ନ୍ତି ଦିନେ ।

ପାଖରେ ଖାଲି ରହିଯାଏ
ସେମାନଙ୍କ ଉପସ୍ଥିତିର ମଧୁର ସ୍ମୃତିସବୁ
ଯାହାକୁ ବାପଟିଏ ନିଜ ଜୀବନର
ଅମୂଲ୍ୟ ରତ୍ନଟିଏ କରି
ସାଇତି ରଖିଥାଏ, ଯତ୍ନରେ, ଜୀବନଯାକ...


ଯେ
ଭଗବାନଙ୍କୁ ସମର୍ପି ଦେବ
ଏକ ଅନୁପମ ଉପହାର । ■

ଅଧ୍ୟାପିକା, ଇଂରାଜୀ ବିଭାଗ
ନିଆଳି କଲେଜ, ନିଆଳି,କଟକ
ମୋ: ୯୯୩୮୩୭୦୨୮୯

## ପତ୍ରିକା ପରିଚୟ

### ରେବତୀ

**ସଂପାଦିକା : ସୁବାସିନୀ ଜେନା**




ଓଟି ରୋଡ୍, ବାଲେଶ୍ୱର
ପିନ୍-୭୫୬୦୦୧
ମୂଲ୍ୟ:୭୦ ଟଙ୍କା

ଶ୍ରୀମତୀ ସୁବାସିନୀ ଜେନାଙ୍କ ସଂପାଦନାରେ ପ୍ରକାଶ ପାଉଥିବା 'ରେବତୀ' ଆମ ମାଟିର ସ୍ୱର'ର ଅକ୍ଟୋବର ୨୦୨୫ ଶାରଦୀୟ ସଂଖ୍ୟା ଆକର୍ଷଣୀୟ ହୋଇଛି। ଏଥର 'ପ୍ରସଙ୍ଗ ମାତୃଶକ୍ତି'ରେ 'ବାଲେଶ୍ୱରର ବାଡ଼ି ପୂଜା ବନାମ ସାର୍ବଜନୀନ ଦୁର୍ଗୋତ୍ସବ'ରେ ବାଲେଶ୍ୱରର ଦୁର୍ଗାପୂଜାର ଇତିହାସ, ପରମ୍ପରା ଓ ସଂସ୍କୃତି ସଂପର୍କରେ ଏକ ତଥ୍ୟ ଭିତ୍ତିକ ଆଲୋଚନା ପ୍ରକାଶ ପାଇଛି। ସେହିପରି ସବ୍ୟସାଚୀ ବିଷୋୟୀଙ୍କ 'ବସ୍ତର ଦଶହରା', ଡକ୍ଟର ବିଜୟଲକ୍ଷ୍ମୀ ଦାଶଙ୍କ 'ଶକ୍ତି ସ୍ୱରୂପିଣୀ ଶାରଳା', ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ 'ମାଆ ଘଣ୍ଟେଶ୍ୱରୀ' ଆଦି ଆଲେଖ୍ୟଗୁଡ଼ିକରେ ମାତୃଶକ୍ତିର ମାହାତ୍ମ୍ୟ ଓ ଦେବୀ ପୀଠର ବୈଶିଷ୍ଟ୍ୟ ସଂପର୍କରେ ବର୍ଣ୍ଣନା କରାଯାଇଛି। 'ମାନନୀୟେଷୁ'ରେ ଜ୍ଞାନରଞ୍ଜନ ନାୟକଙ୍କ 'ଗଳ୍ପର ଗୌରବ ଗାଥା ଗାୟତ୍ରୀ'ରେ ବିଶିଷ୍ଟ କଥାଶିଳ୍ପୀ ଗାୟତ୍ରୀ ସରାଫ୍‌ଙ୍କ ସୃଜନ ଯାତ୍ରା ସଂପର୍କରେ ଏକ ଚମତ୍କାର ଆଲେଖ୍ୟ ପ୍ରକାଶ ପାଇଛି । 'ସମକାଳୀନ କବିତା'ରେ ରାଜେନ୍ଦ୍ର କିଶୋର ପଣ୍ଡା, ଡକ୍ଟର ପ୍ରସନ୍ନ କୁମାର ମହାନ୍ତି, ଡକ୍ଟର ଶ୍ରୀହରି ଧଳ, ବିପିନ ନାୟକ, ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର, ପ୍ରବାସିନୀ ମହାକୁଡ଼ ପ୍ରମୁଖଙ୍କ କବିତା ହୃଦୟସ୍ପର୍ଶୀ ହୋଇଛି। 'କଥା କାହାଣୀ'ରେ ଶ୍ୟାମା ପ୍ରସାଦ ଚୌଧୁରୀ, ଅଧ୍ୟାପକ ବିଶ୍ୱରଞ୍ଜନ, ପବିତ୍ର ପାଣିଗ୍ରାହୀ ପ୍ରମୁଖଙ୍କ ଗଳ୍ପଗୁଡ଼ିକ ମାର୍ମିକ ହୋଇଛି। 'ରେବତୀ'ର ସଂପାଦକୀୟଠାରୁ ଆରମ୍ଭ କରି ଶେଷପୃଷ୍ଠା ପର୍ଯ୍ୟନ୍ତ ନିୟମିତ ବିଭାଗର ଲେଖାଗୁଡ଼ିକ ମନଛୁଆଁ ହୋଇଛି । ■

### ଦେଖାଯାଉ

**ସଂପାଦକ : ପ୍ରବୀର ମହାନ୍ତି**



ଏନ୍-୨/୨୨, ଆଇ.ଆର୍.ସି. ଭିଲେଜ୍
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
ମୂଲ୍ୟ: ୧୦୦ ଟଙ୍କା

ଟିମ୍ ନୂଆ, ଥିମ୍ ନୂଆ, ସ୍କିମ ନୂଆ 'ଦେଖାଯାଉ'ର ଅଷ୍ଟାଦଶ ବର୍ଷ ପ୍ରଥମ ସଂଖ୍ୟା -୨୦୨୫ ପ୍ରବୀର ମହାନ୍ତିଙ୍କ ସଂପାଦନାରେ ପ୍ରକାଶ ପାଇଛି। ଡ. ଇନ୍ଦ୍ରମଣି ଜେନାଙ୍କ 'କନିଆଁ ଚୋରିର ବି ଫଟୋ ଅଛି'ରେ ଅଢ଼େଇ ହଜାର ବର୍ଷ ତଳର ଗୁମ୍ଫାରେ ଖୋଦିତ ଛବିରେ ତତ୍କାଳୀନ ସାମାଜିକ ଚିତ୍ର କିଭଳି ପ୍ରସ୍ଫୁଟିତ ହୋଇଉଠିଛି ତାହା ବର୍ଣ୍ଣନା କରାଯାଇଛି। ସେହିପରି ପୁରୀର ପ୍ରସିଦ୍ଧ ସାହିଯାତ ସଂପର୍କରେ ଡକ୍ଟର ବିଶ୍ୱଜିତ ପଟ୍ଟନାୟକଙ୍କ 'ନାଗା ବୁଲୁଛି... ରାବଣ ବୁଲୁଛି...ପୁରୀରେ!' ଏକ ତଥ୍ୟଭିତ୍ତିକ ଆଲୋଚନା ପ୍ରକାଶ ପାଇଛି । ସେଭଳି ଉମାକାନ୍ତ ପଣ୍ଡାଙ୍କ 'ପଢ଼ିବାକୁ ମନା', ଡକ୍ଟର ଧନେଶ୍ୱର ସାହୁଙ୍କ 'ବିଜୟ ଦାସ ପରାଜୟ ଜାଣିନି', ସରୋଜ ସାହୁଙ୍କ 'କିବୁକ୍', ଜୟନ୍ତ କୁମାର ବିଶ୍ୱାଳଙ୍କ 'ମୁଗ୍ଧ ଅଧ୍ୟାପନାର ନାନ୍ଦନିକତା ଓ କାଳେଣୀବାଦ', ଗୋପାଳ ମିଶ୍ରଙ୍କ 'ବହି ବୋହି ନେଲା ନୋବେଲ୍ ଯାଏ', ଡକ୍ଟର ସର୍ବେଶ୍ୱର ସେଣଙ୍କ 'ଅଦୃଶ୍ୟ କୁମ୍ଭାରର ଇଚ୍ଛା', ଡକ୍ଟର ମୀନକେତନ ପଟ୍ଟନାୟକଙ୍କ 'ସଉରାରୁ ସେରିଗ୍ରାଫି ପର୍ଯ୍ୟନ୍ତ'ଆଦି ଲେଖାଗୁଡ଼ିକ ଉଚ୍ଚକୋଟୀର ଓ ମନନଶୀଳ ହୋଇଛି । ସେପଟେ ଡକ୍ଟର ଗୋପାଳକୃଷ୍ଣ ଆଚାର୍ଯ୍ୟ,ଶିଳ୍ପୀ ପ୍ରତିହାରୀ, ସୀମା ଆନନ୍ଦ ରାଜା, ହିପ୍ପୁ ସଲ୍‌କ କ୍ରିଷଲ୍ ନାଥନ,ଡକ୍ଟର ଲକ୍ଷ୍ମଣ କୁମାର ପ୍ରଧାନଙ୍କ ଲେଖାଗୁଡ଼ିକ ମଧ ଯୁଗୋପଯୋଗୀ ଓ ଉଚ୍ଚାଙ୍ଗ ହୋଇଛି। 'ଦେଖାଯାଉ'ର ଏହି ସଂଖ୍ୟାର ଲେଖାଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

# ଆଧୁନିକ ଯୁଗର ଅନନ୍ୟ ନାଟ୍ୟକାର ଜର୍ଜ ବର୍ଣ୍ଣାଡ୍ ଶ'



**ବିଜୟକୁମାର ପାଢ଼ୀ**

ବିଂଶ ଶତାବ୍ଦୀର ଇଂରେଜୀ ସାହିତ୍ୟର ପ୍ରମୁଖ ନାଟ୍ୟକାରମାନଙ୍କ ମଧ୍ୟରେ ଜର୍ଜ ବର୍ଣ୍ଣାଡ୍ ଶ'ଙ୍କ ନାମ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ। ଲୋକପ୍ରିୟ ନାମ ଜି.ବି.ଏସ୍ ଭାବରେ ସେ ବେଶ୍ ପରିଚିତ। ବିଶ୍ୱ ପ୍ରସିଦ୍ଧ ବ୍ୟଙ୍ଗ ନାଟ୍ୟକାର, ସମାଲୋଚକ ଓ ସମାଜକର୍ମୀ ଜର୍ଜ ବର୍ଣ୍ଣାଡ୍ ଶ' ୧୮୫୬ ଜୁଲାଇ ୨୬ ତାରିଖରେ ଆୟରଲାଣ୍ଡର ଡବ୍ଲିନ୍‌ଠାରେ ଜନ୍ମଗ୍ରହଣ କରିଥିଲେ । ମାଆ ଜଣେ ପେସାଦାର ଗାୟିକା ହୋଇଥିବାରୁ ବାଲ୍ୟକାଳରୁ ସେ ସଙ୍ଗୀତ, କଳା ଓ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ । କିଶୋର ଅବସ୍ଥାରେ ସେ ଗଳ୍ପଲେଖାରେ ମନୋନିବେଶ କରିଥିଲେ ମଧ ସେଥିରେ ସଫଳତା ଲାଭ କରି ପାରିନଥିଲେ । ୧୮୮୫ ମସିହାରେ ସମାଲୋଚକ ୱିଲିୟମ୍ ଆର୍ଚର ତାଙ୍କୁ ପୁସ୍ତକ ଏବଂ ନାଟକ ଆଦିର ସମାଲୋଚନା ଲେଖିବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ । ଏହା ହିଁ ଥିଲା ତାଙ୍କ ନାଟ୍ୟକାର ଜୀବନର ଅୟମାରମ୍ଭ । ପରେ ପରେ ସେ ଅନେକ ନାଟକ ଲେଖିବା ଆରମ୍ଭ କରିଦେଲେ । ତାଙ୍କର ଲୋକପ୍ରିୟତାକୁ ଅନେକ ସମୟରେ ଷୋଡ଼ଶ ଶତାବ୍ଦୀର ଇଂରାଜୀ ନାଟକର ସ୍ରଷ୍ଟା ଉଇଲିୟମ୍ ସେକ୍ସପିୟରଙ୍କ ସହିତ ତୁଳନା କରାଯାଇଥାଏ। କିଛି ସାହିତ୍ୟିକ ତଥା ସମାଲୋଚକଙ୍କ ମତାନୁସାରେ ସେକ୍ସପିୟରଙ୍କ ସାହିତ୍ୟ କୃତିଗୁଡ଼ିକ ଯେଉଁଭଳି ଭାବରେ ସେ ସମୟରେ ସାମାଜିକ ଜୀବନ ଉପରେ ପ୍ରଭାବ ପକାଇଥିଲା, ତା'ଠାରୁ ବେଶୀ ପରିମାଣରେ ଜି.ବି.ଏସ୍‌ଙ୍କ ନାଟକଗୁଡ଼ିକର ପ୍ରଭାବ ବିଂଶ ଶତାବ୍ଦୀରେ ଜନମାନସ ଉପରେ ପଡ଼ିଥିଲା ।

ବର୍ଣ୍ଣାଡ୍ ଶ'ଙ୍କର ନାଟକଗୁଡ଼ିକ ବ୍ୟଙ୍ଗ ଓ ରୋମାନ୍ସ ମାଧ୍ୟମରେ ସାମାଜିକ ବ୍ୟବସ୍ଥା ଓ ସମସାମୟିକ ବିଡ଼ମ୍ବନାକୁ ପ୍ରକାଶ କରୁଥିଲା। ସେ ଆଜୀବନ ସମାଜବାଦରେ ବିଶ୍ୱାସ କରୁଥିଲେ, କିନ୍ତୁ ଏକଛତ୍ରବାଦୀ ଶାସକଙ୍କ ସମର୍ଥକ ଓ ଯୁଦ୍ଧ ବିରୋଧୀ ଥିଲେ । ପ୍ରଥମ ବିଶ୍ୱଯୁଦ୍ଧକୁ ବିରୋଧ କରି ଶରବ୍ୟର ଶିକାର ହୋଇଥିଲେ। ସେ ୬୦ରୁ ଊର୍ଦ୍ଧ୍ୱ ନାଟକ ରଚନା କରିଯାଇଛନ୍ତି । ସେ ଭିକ୍ଟୋରିଆ ଯୁଗ ଏବଂ ବିଂଶ ଶତାବ୍ଦୀ ମଧ୍ୟରେ ଏକ ସେତୁ ସ୍ଥାପନ କରିଥିଲେ ବୋଲି ଅନେକ ସମାଲୋଚକଙ୍କ ମତ । ତାଙ୍କର ପ୍ରାଥମିକ ସାହିତ୍ୟିକ ଜୀବନ ଆରମ୍ଭ ହୋଇଥିଲା ଭିକ୍ଟୋରିଆ ଯୁଗର ଶେଷ ଅବସ୍ଥାରେ, ଯେତେବେଳେ ସମାଜରେ ଶିଳ୍ପ ବିପ୍ଳବର ପ୍ରଭାବ ବହୁଳ ଭାବରେ ଅନୁଭୂତ ହେଉଥିଲା। ଅନେକ ନାଟକ ମାଧ୍ୟମରେ ସାମାଜିକ ସଂସ୍କାର ଆଣି ସମାଜକୁ ଆଦର୍ଶ, ସୁସଂହତ ଏବଂ ଶୃଙ୍ଖଳିତ କରିବାରେ ପ୍ରୟାସ କରିଥିଲେ ।

ପ୍ରସିଦ୍ଧ ସଙ୍ଗୀତକାର ବବ୍ ଡାଇଲନ୍‌ଙ୍କ ପରି ସେ ଉଭୟ ନୋବେଲ ଏବଂ ଓସ୍କାର୍ ପୁରସ୍କାର ଲାଭ କରିବାରେ ସୌଭାଗ୍ୟ ଅର୍ଜନ କରିଥିଲେ । ନାଟକ ଲେଖିବା ପୂର୍ବରୁ ସେ ପ୍ରଥମେ ଉପନ୍ୟାସ ଲେଖିବା ଆରମ୍ଭ କଲେ । କିନ୍ତୁ ତାଙ୍କର ସମସ୍ତ ଉପନ୍ୟାସଗୁଡ଼ିକ ବିଫଳତା ପାଇଲା । ୧୯୨୫ ମସିହାରେ ତାଙ୍କୁ ସାହିତ୍ୟରେ ନୋବେଲ୍ ପୁରସ୍କାର ଏବଂ ୧୯୩୮ ମସିହାରେ ପ୍ରସିଦ୍ଧ ନାଟକ 'ପିଗମାଲିୟନ୍'ର ସିନେମା ରୂପାନ୍ତର ପାଇଁ ଓସ୍କାର୍ ପୁରସ୍କାର ମିଳିଥିଲା । ୧୯୫୦ ମସିହା ୨ ନଭେମ୍ବର ଦିନ ୯୪ ବର୍ଷରେ ଇହଲୀଳା ସମ୍ବରଣ କରିଥିଲେ।

ସେ ଅନେକାଂଶରେ ଔପନ୍ୟାସିକ ହେନେରିକ୍ ଇବ୍‌ସେନ୍, ଚାର୍ଲସ ଡିକ୍ସେସ୍, ଯୋଶେଫ୍ ଷ୍ଟାଲିନ୍, ଜି.କେ.ସେଷ୍ଟରବନ୍ ଓ ଫ୍ରେଡେରିକ୍ ନିତ୍‌ସେ ପ୍ରମୁଖ ସାହିତ୍ୟିକମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ। ତାଙ୍କ ନାଟକଗୁଡ଼ିକର ମୁଖ୍ୟ ବିଷୟବସ୍ତୁ ହେଲା - ସାମାଜିକ ଶ୍ରେଣୀ ଓ ତହିଁରେ ବିସଂଗତି, ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀର ପରିବର୍ତ୍ତିତ ଭୂମିକା, ବୈବାହିକ ବନ୍ଧନ, ଶଠତା, ପ୍ରବଞ୍ଚନା ଏବଂ ସର୍ବୋପରି ନୈତିକତାର ଅଭ୍ୟୁଦୟ। ତାଙ୍କ ନାଟକର ଚରିତ୍ରମାନେ ଇବସେନ୍‌ଙ୍କ ନାଟକର ଚରିତ୍ରମାନଙ୍କଠାରୁ ଅଧିକ ଜୀବନ୍ତ ଏବଂ ପ୍ରଭାବଶାଳୀ । ଏତଦ୍ ବ୍ୟତୀତ ତାଙ୍କ ନାଟକରେ ନାରୀ ଚରିତ୍ରର ଚିତ୍ରଣ ମଧ ସେକ୍ସପିୟରଙ୍କ ନାଟକର ନାରୀ ଚରିତ୍ର ଚିତ୍ରଣଠାରୁ ସମ୍ପୂର୍ଣ୍ଣ ଭିନ୍ନ । ନାଟକଗୁଡ଼ିକର ସଂଳାପ କାହାଣୀ ବର୍ଣ୍ଣନା, ଭାଷା ଓ ଶୈଳୀ ଅତି ସୁନ୍ଦର ଏବଂ ସାବଲୀଳ । ଶ'ଙ୍କର ନାଟକ ଦେଖିଲେ ବଦଳି ଯିବ ଜୀବନର ଦୃଷ୍ଟିଭଙ୍ଗୀ ।

ବର୍ଣ୍ଣାଡ୍ ଶ'ଙ୍କର ପ୍ରଥମ ନାଟକ 'ଉଇଡୋର୍ସ ହାଉସ୍' ପ୍ରକାଶ ପାଇଥିଲା ୧୮୯୨ ମସିହାରେ। ତାଙ୍କର ଅନ୍ୟ ନାଟକ 'ଆର୍ମସ୍ ଏଣ୍ଡ ଦ ମ୍ୟାନ' ଏବଂ 'ମ୍ୟାନ୍ ଏଣ୍ଡ ସୁପରମ୍ୟାନ' ଦୁଇଟି ଯଥାକ୍ରମେ ୧୮୯୪ ଏବଂ ୧୯୦୩ ମସିହାରେ ପ୍ରକାଶ ପାଇଥିଲା । ଏହି ନାଟକଗୁଡ଼ିକରେ ଶ'ଙ୍କର କାହାଣୀ ଗୁମ୍ଫନ, ଶବ୍ଦ ସଂଯୋଜନା, ତୀକ୍ଷ୍ଣ ବୁଦ୍ଧିମତାର ପ୍ରୟୋଗ ଏବଂ ସାମାଜିକ ଜୀବନର ମନନ, ଚିନ୍ତନର ପରିପ୍ରକାଶ ଘଟିଛି। 'ଉଇଡୋରସ୍ ହାଉସେସ୍' ନାଟକଟିର ଦାରିଦ୍ର୍ୟ ଏବଂ ବସ୍ତି ଜୀବନର ଅସହାୟତା ଏବଂ ସାମନ୍ତବାଦୀ ଚିନ୍ତାଧାରା ଭଳି ସାମାଜିକ ପ୍ରତିବନ୍ଧକର ପରିସ୍ଫୁଟନ ହୋଇଛି । ସେହିପରି 'ଆର୍ମସ୍ ଏଣ୍ଡ ଦ ମ୍ୟାନ୍' ଏକ ରୋମାଣ୍ଟିକ୍ ହାସ୍ୟୋଦ୍ଦୀପକ ନାଟକ ଯାହା ଆଦର୍ଶବାଦୀ ବୀରତ୍ୱ ଉପରେ ପର୍ଯ୍ୟବସିତ। ୧୯୦୩ ମସିହାରେ ପ୍ରକାଶ ପାଇଥିବା 'ମ୍ୟାନ୍ ଏଣ୍ଡ ସୁପରମ୍ୟାନ୍' ନାଟକଟି ଏକ ବୌଦ୍ଧିକ ହାସ୍ୟୋଦ୍ଦୀପକର ଇସ୍ତାହାର। ମଣିଷ ସମାଜର ବିବର୍ତ୍ତନ, ଜୀବନୀଶକ୍ତି ଏବଂ ମୁକ୍ତ ଚିନ୍ତନ ଭଳି ଘଟଣାବଳୀକୁ ନେଇ ଏହାର କାହାଣୀ ଗତିଶୀଳ। ଏହି ନାଟକଟି ଶ'ଙ୍କର ଏକ ବହୁଚର୍ଚ୍ଚିତ ତଥା ବହୁଳ ପ୍ରଦର୍ଶକ ନାଟକ ଯାହା ସେ ସମୟର ତଥା କଥିତ ପୁରୁଷ କୈନ୍ଦ୍ରିକ ସମାଜ ଉପରେ କୁଠାରଘାତ କରିଥିଲା। ବ୍ୟକ୍ତି ଜୀବନରେ ନାରୀର ସ୍ୱତନ୍ତ୍ରତାକୁ ଗୁରୁତ୍ୱ ଆରୋପ କରି ନାରୀ ଚରିତ୍ରକୁ ଶକ୍ତିଶାଳୀ କରି ଗଢ଼ି ତୋଳିଛନ୍ତି । ହାସ୍ୟୋଦ୍ଦୀପକ ନାଟକ 'ଆର୍ମସ୍ ଏଣ୍ଡ ଦ ମ୍ୟାନ୍'ର ମୁଖ୍ୟ ନାୟିକା ରାଇନା, ଜଣେ ଉତ୍ତମ ବିଚାର ସମ୍ପନ୍ନା, ବୁଦ୍ଧିମତୀ ମହିଳା ଭାବରେ ମେଜର ସର୍ଜିୟସ୍‌ଙ୍କ ସହିତ ବିବାହକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ବାସ୍ତବବାଦୀ ବ୍ଲଣ୍ଟସ୍ଲିଙ୍କୁ ନିଜର ଜୀବନସାଥୀ ଭାବେ ଗ୍ରହଣ କରିଛନ୍ତି, କାରଣ ବୈବାହିକ ଜୀବନରେ ରୋମାନ୍‌ସ ତଥା ଭାବପ୍ରବଣତା ଅପେକ୍ଷା ବାସ୍ତବତା ଅବା ଜୀବନର ଚରମ ସତ୍ୟତା ଅଧିକ ଗ୍ରହଣୀୟ । ସେଥିପାଇଁ କିଛି ସମାଲୋଚକ ମତ ପୋଷଣ କରନ୍ତି ଯେ, ସେକ୍ସପିୟରଙ୍କ ନାଟକଗୁଡ଼ିକର ନାରୀ ଚରିତ୍ର ଅଧିକ ପରିମାଣରେ କଳ୍ପନାବିଳାସୀ ହୋଇଥିବା ବେଳେ ଜି.ବି.ଏସ୍‌ଙ୍କର ନାରୀ ଚରିତ୍ର ଅଧିକ ବୁଦ୍ଧିସମ୍ପନ୍ନା। ବାସ୍ତବିକ 'ଶେଭିୟାନ୍' ନାଟକର ଚରିତ୍ର ମନ ତଥା ବିବେକର ଭାଷାକୁ ଅଧିକ ପ୍ରାଧାନ୍ୟ ଦେଉଥିବା ବେଳେ ସେକ୍ସପିୟରଙ୍କ ନାରୀ ଚରିତ୍ର ଅଧିକ ହୃଦୟର ଭାଷାକୁ ଗୁରୁତ୍ୱ ଦିଅନ୍ତି । ୧୯୦୫ ମସିହାରେ ପ୍ରକାଶିତ ନାଟକ 'ମେଜର ବାରବ୍ରା' ନାଟକଟି ଯୁଦ୍ଧ ସରଞ୍ଜାମ ପ୍ରସ୍ତୁତ କରୁଥିବା ଅସ୍ତ୍ରଶସ୍ତ୍ର ଶିଳ୍ପ ଏବଂ ସମାଜ ସଂସ୍କାର ଉପରେ ଥିବା ଦ୍ୱନ୍ଦ୍ୱ ଉପରେ ପର୍ଯ୍ୟବସିତ ।

ପ୍ରଥମ ବିଶ୍ୱଯୁଦ୍ଧର ପୃଷ୍ଠଭୂମି ଉପରେ ୧୯୧୯ ମସିହାରେ ପ୍ରକାଶିତ ନାଟକ 'ହାର୍ଟବ୍ରେକ୍ ହାଉସ୍' ବିଂଶ ଶତାବ୍ଦୀର ସାମାଜିକ ଓ ସାଂସ୍କୃତିକ ଅବକ୍ଷୟ ଉପରେ ଆଲୋକପାତ କରୁଛି । ଶ'ଙ୍କ ମତରେ ସାମାଜିକ, ନୈତିକତା ତଥା ସାଂସ୍କୃତିକ ଅବକ୍ଷୟ ଘଟିଲେ ମଣିଷ ଜାତି ଘୋର ସଙ୍କଟ ଦେଇ ଗତି କରିଥାଏ । ୧୮୯୪ ମସିହାରେ ପ୍ରକାଶ ପାଇଥିବା ହାସ୍ୟରସ ପୂର୍ଣ୍ଣ ନାଟକ 'କେଣ୍ଡିଡା' ନାରୀ ସ୍ୱାଧୀନତା ତଥା ଚେତନାଧର୍ମୀ ବିଷୟ ଉପରେ ପର୍ଯ୍ୟବସିତ । 'ଏ ଡୋଲସ୍' ହାଉସର ନାୟିକା ନୋରା ହେଲମର୍ ତାଙ୍କ ସ୍ୱାମୀର ହାତର ଖେଳଣା ପାଲଟି ଯାଇଥିବା ବେଳେ ତାଙ୍କର ନାଟକ 'କେଣ୍ଡିଡା'ରେ କେଣ୍ଡିଡାଙ୍କ ବ୍ୟକ୍ତିଗତ ସ୍ୱତନ୍ତ୍ରତାକୁ ବଜାୟ ରଖିଛି । ଯେଉଁ ପୁରୁଷ ତାକୁ ସାମାଜିକ ସ୍ୱୀକୃତି ଦେଇ ତା'ର ବଞ୍ଚିବାର ମାନଦଣ୍ଡକୁ ଅକ୍ଷୁଣ୍ଣ ରଖିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି, ସେହିଭଳି ପୁରୁଷକୁ ସେ ନିଜ ସ୍ୱାମୀ ଭାବରେ ସ୍ୱୀକାର କରିଛନ୍ତି । ପୁରୁଷମାନଙ୍କ ଅପେକ୍ଷା ନାରୀମାନଙ୍କ ଭୂମିକା ଅଧିକ ବୋଲି ବର୍ଣ୍ଣାଡ୍ ଶ' କେଣ୍ଡିଡା ନାଟକରେ ଅସ୍ୱୀକାର କରିଛନ୍ତି । ନାରୀ ସ୍ୱାଧୀନତାର ଜଣେ ଉଦ୍‌ଘୋଷକ ଭାବରେ ନାରୀ ପୁରୁଷ ହାତର ଖେଳଣା ନୁହଁ ବୋଲି ସ୍ୱଷ୍ଟୋକ୍ତି ବାଢ଼ିଛନ୍ତି । ମୋଟ ଉପରେ କହିବାକୁ ଗଲେ ବର୍ଣ୍ଣାଡ ଶ' ବିଂଶ ଶତାବ୍ଦୀର ସାମାଜିକ, ରାଜନୈତିକ, ସାଂସ୍କୃତିକ ଏବଂ ବ୍ୟକ୍ତି ଜୀବନର ସଂସ୍କାର ଆଣିବାରେ ନାଟକ ମାଧ୍ୟମରେ ଅନେକ ସଫଳତା ଲାଭ କରିଥିଲେ । ସେ ନାରୀ ମନର ଅକୁହା କଥା, ବେଦନା ଓ ଚିନ୍ତାକୁ ନାଟକ ମାଧ୍ୟମରେ ଲୋକଲୋଚନକୁ ଆଣିବାର ପ୍ରୟାସ କରିଥିଲେ ।

ଜୀବନ ଏକ ନାଟକ ଏବଂ ପ୍ରତି ସୋପାନ ଅସରନ୍ତି କାହାଣୀରେ ଭରି ରହିଛି । ଜୀବନ ସହିତ ଯୋଡ଼ି ହୋଇଯାଏ କିଛି ଚରିତ୍ର । ଜି.ବି.ଏସ୍‌ଙ୍କର ଅନେକ ନାଟକରେ ଆମ ଚାରିପାଖରେ ଘୂରି ବୁଲୁଥିବା ଚରିତ୍ରମାନଙ୍କୁ ଭେଟି ପାରିବା। ଚିତ୍ରତୁଲ୍ୟ ସଂଳାପ, କବିତାସମ ଶବ୍ଦ ସଂଯୋଜନା ଏବଂ ନାଟକୀୟତା ତାଙ୍କୁ ଏକ ଉଚ୍ଚତମସ୍ତରକୁ ନେଇଯାଇଛି। ତାଙ୍କର ସମସ୍ତ ନାଟକର ଆକର୍ଷଣ ଓ ଆବେଦନ ସର୍ବକାଳୀନ ଓ ସାର୍ବଜନୀନ । ସାହିତ୍ୟର ସମସ୍ତ ବିଭାଗ ମଧ୍ୟରୁ ନାଟକ ହେଉଛି ସର୍ବ ଆକର୍ଷଣର କେନ୍ଦ୍ର। 'କାବ୍ୟେଷୁ ନାଟକମ୍ ରମ୍ୟମ୍'ର ଯଥାର୍ଥତା ବର୍ଣ୍ଣାଡଙ୍କର ସବୁ ନାଟକରେ ଉପଲବ୍ଧି କରିହୁଏ । ତାଙ୍କ ଦ୍ୱାରା ଲିଖିତ ସମସ୍ତ ମଞ୍ଚସ୍ଥ ନାଟକ ସେ ସମୟର ଦର୍ଶକମାନଙ୍କୁ ଭରପୂର ଆନନ୍ଦ ଦେଇଥିଲା ବୋଲି ଏବେ ବି ପାଠକ ମହଲରେ ଅନେକ ଚର୍ଚ୍ଚା ହୁଏ । ■

ଇଂରାଜୀ ଶିକ୍ଷକ
ଓଡିଏମ୍ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର
ମୋ: ୭୮୯୪୧୫୩୫୭୮

**ବିଜେପି ସରକାରକୁ ୫୦୦ ଦିନ**

# ସଫଳତା ଅପେକ୍ଷା ବିଫଳତା ତାଲିକା ଲମ୍ବା: ବିଜେଡି

ଭୁବନେଶ୍ୱର, ୨୫ ।୧୦(ସମିସ): ରାଜ୍ୟରେ ବିଜେପି ସରକାରକୁ ୫୦୦ ଦିନ ପୂରଣ ହୋଇଛି । ଏହି ଶାସନ ଅବଧି ମଧ୍ୟରେ ସରକାରଙ୍କ ବିଫଳତା ତାଲିକା ଲମ୍ବା ହୋଇଥିବା ବେଳେ ରାଜ୍ୟ ରାଜସ୍ୱରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାଜ୍ୟ ବିଜେପି ସରକାର ବିଜ୍ଞାପନ ମାଧ୍ୟମରେ ନିଜ ପିଠି ନିଜେ ଥାପୁଡ଼େଇବାରେ ବ୍ୟସ୍ତ । ରାଜ୍ୟର ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ବିପରୀତ ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି ।

ଶନିବାର ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି ଯେ ଗତ ନିର୍ବାଚନ ସମୟରେ ବିଜେପି ସରକାର ବିରୋଧରେ ବିଭିନ୍ନ ମିଥ୍ୟା ପ୍ରଚାର ଓ ଜନସାଧାରଣଙ୍କୁ ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିଛି । ହେଲେ ରାଜ୍ୟକୁ ସୁଶାସନ ପ୍ରଦାନ କରିବା ଏବଂ ଦେଇଥିବା ଅଧିକାଂଶ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି । ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଛି ଓ ବିଶେଷକରି ମହିଳାମାନେ ଅସୁରକ୍ଷିତ ହୋଇ ପଡ଼ିଛନ୍ତି । ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ, ହତ୍ୟା ଘଟଣା ପ୍ରତିଦିନ ଖବରକାଗଜରେ ଶିରୋନାମା ପାଲଟୁଛି । ଅପରାଧ ତାଲିକାରେ ଓଡ଼ିଶା ଦେଶର ଅଷ୍ଟମ ସ୍ଥାନରେ ରହିଛି । ଗତ ୧୫ ମାସରେ ୩୭,୫୦୦ରୁ ଅଧିକ ନାରୀ ନିର୍ଯାତନା ମାମଲା ହୋଇଥିବାବେଳେ ଗୋପାଳପୁର ଗଣଦୁଷ୍କର୍ମ, ବାଲେଶ୍ୱରରେ ଛାତ୍ରୀ ଆତ୍ମାହୁତି, କଳିଙ୍ଗରେ ଜଣେ ଛାତ୍ରୀଙ୍କୁ ଜିଅନ୍ତା ଜାଳିଦେବା ଘଟଣା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଲଜ୍ଜିତ ଓ ନିନ୍ଦିତ ହୋଇଛି । ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏହି ଘଟଣାରେ ପ୍ରତିକ୍ରିୟା ରଖି ବ୍ୟବସ୍ଥାକୁ ଦାୟୀ କରିଛନ୍ତି । ଡବଲ୍ ଇଞ୍ଜିନ ଡବଲ୍ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ବାସ୍ତବରେ ଡବଲ ବିନାଶ ଆଡ଼କୁ ଅଗ୍ରସର ହେଉଛି । ସେହିପରି ରାଜ୍ୟକୁ ମିଳୁଥିବା କେନ୍ଦ୍ରୀୟ ଅନୁଦାନ କମିଛି । ୨୦୨୩-୨୪ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୮.୧୯% ଅନୁଦାନ କମିଛି । ରାଜ୍ୟର ଅଭିବୃଦ୍ଧି ହାର ଦ୍ରୁତ ଅବନତି ଘଟୁଥିବାବେଳେ ଋଣବୋଝ ଅହେତୁକ ବୃଦ୍ଧି ପାଉଛି । ଅନ୍ଧ୍ର ପ୍ରଦେଶ ଓ ବିହାରକୁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଅନୁଦାନ ଦେଉଥିବାବେଳେ ଓଡିଶାକୁ ଅଣଦେଖା କରିଛନ୍ତି । ହେଲେ ବିଜେପିର ୨୦ ଜଣ ସାଂସଦଙ୍କ ସମେତ ରାଜ୍ୟ ବିଜେପି ନେତାମାନେ ମୁହଁ ଖୋଲିଲେ ନାହିଁ । ବିକାଶ ତ୍ୱରାନ୍ୱିତ ହେବା ପରିବର୍ତ୍ତେ ଠପ୍ ହୋଇଯାଇଛି । କେବଳ ନବୀନ ସରକାରଙ୍କ କାମର ରଙ୍ଗ ପରିବର୍ତ୍ତନ ଓ ଯୋଜନାର ନାମ ପରିବର୍ତ୍ତନ କରାଯାଉଥିବା ସେ ଅଭିଯୋଗ କରିଛନ୍ତି ।

- **କେନ୍ଦ୍ରୀୟ ଅନୁଦାନ ଓ ଅଭିବୃଦ୍ଧି ହାର କମିଛି; ଋଣବୋଝ ବଢ଼ିଛି**
- **ମହିଳା ନିର୍ଯାତନା ପ୍ରସଙ୍ଗରେ ଜାତୀୟ ସ୍ତରରେ ଲଜ୍ଜିତ ଓ ନିନ୍ଦିତ ହୋଇଛି**

ଡଃ ମହାନ୍ତି ଆହୁରି କହିଛନ୍ତି ଯେ ଅଧିକାଂଶ ନିର୍ବାଚନୀ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି । ୨ ବର୍ଷରେ ଦେଢ଼ ଲକ୍ଷ ସରକାରୀ ଚାକିରି ଦେବେ ବୋଲି କହି ମେଧାବୀ ଯୁବକଯୁବତୀଙ୍କୁ ପ୍ରତାରିତ କରିଛନ୍ତି । ନିଯୁକ୍ତି ପରୀକ୍ଷାରେ ବାରମ୍ବାର ବିଭ୍ରାଟ ହେଉଛି । ୧୫ମାସରେ ପ୍ରାୟ ୧୭ଟି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଭଳି ବିଭ୍ରାଟ ହୋଇଛି । ପୋଲିସ୍ ଏସ୍ଆଇ ଚାକିରି ଚାକିରି ବିକ୍ରି ଘଟଣା ଚିନ୍ତାଜନକ ହୋଇଛି । ଶ୍ରୀମନ୍ଦିର ପରିଚାଳନାରେ ନିୟମିତ ବିଭ୍ରାଟ ହେଉଥିବାବେଳେ ରତ୍ନଭଣ୍ଡାର ଗଣତି ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ । ବିନା କଟନୀ ଛଟନୀରେ ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେଇ ଚାଷୀଙ୍କୁ ପ୍ରତାରିତ କରିଥିବାବେଳେ ସାର ସଙ୍କଟ ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି । ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥାକୁ ସମାପ୍ତ କରିବାକୁ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଦୁର୍ନୀତି ବୃଦ୍ଧି ପାଉଛି । ଲକ୍ଷ୍ମୀ ଖଣିଜ ସମ୍ପଦରେ ଦୁର୍ନୀତି ବଢ଼ିବା କାରଣରୁ ରାଜସ୍ୱ ୪୮୮୫ କୋଟିରୁ ୬୦୦ କୋଟିକୁ ଓ ଖଣିଜ ସଂପଦରୁ ମିଳୁଥିବା ରାଜସ୍ୱ ୫୦ହଜାର କୋଟିରୁ ୩୩ହଜାର କୋଟିକୁ ଖସିଛି । ଚିଟଫଣ୍ଡ ଜମାକାରୀଙ୍କୁ ଟଙ୍କା ଫେରାଇବାକୁ ପ୍ରତିଶ୍ରୁତି ମଧ୍ୟ ଧୋକାରେ ପରିଣତ ହୋଇଛି । ସେହିପରି ଥାର୍ଟୀ ଟଙ୍କାରୁ ଆଖି ୫ ଜଣ, ବିଷାକ୍ତ ମଦ ପିଇ ୪ ଜଣ, ରଥଯାତ୍ରା ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସାମ୍ପ୍ରଦାୟିକ ଉତ୍ତେଜନା ଘଟି ତିନୋଟି ସହରରେ କର୍ଫ୍ୟୁ ଲଗାଇବା ପରି ଅନେକ ଅଘଟଣ ଘଟିଛି । ଓଡିଶାକୁ ଏକ ନମ୍ବର ରାଜ୍ୟ କରିବା ବଦଳରେ ଦାଗୀମନ୍ତ୍ରୀଙ୍କ ତାଲିକାରେ ଓଡିଶା ଦେଶରେ ଏକ ନମ୍ବର ସ୍ଥାନ ଦଖଲ କରିଥିବା ଡ. ମହାନ୍ତି ଅଭିଯୋଗ କରିଛନ୍ତି ।

## ଅମିତ ମଲ୍ଲିକ ଟେଲିଫୋନ୍ ଆଡ୍‌ଭାଇଜରୀ କମିଟି ସଦସ୍ୟ ମନୋନୀତ



ଭୁବନେଶ୍ୱର,୨୫।୧୦(ସମିସ): ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କ ସୁପାରିସ କ୍ରମେ ଅମିତ କୁମାର ମଲ୍ଲିକଙ୍କୁ ଭୁବନେଶ୍ୱର ବାଣିଜ୍ୟିକ କ୍ଷେତ୍ରର ଟେଲିଫୋନ୍ ଆଡ୍‌ଭାଇଜରୀ କମିଟିର ସଦସ୍ୟ (ଟିଏସି)ଭାବେ ମନୋନୀତ କରାଯାଇଛି । ଏହି କମିଟି ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଗଠନ କରାଯାଇଥିବା ଡିଏମ୍(ପିଏଚ୍‌ବି) ସୀମା ସୁଦ୍ ସୂଚନା ଦେଇଛନ୍ତି । ପ୍ରିନ୍ସିପାଲ୍ ଜେନେରାଲ୍ ମ୍ୟାନେଜର, ଭୁବନେଶ୍ୱର ବ୍ୟାବସାୟିକ କ୍ଷେତ୍ର କାର୍ଯ୍ୟାଳୟ ପକ୍ଷରୁ ଶ୍ରୀ ମଲ୍ଲିକଙ୍କୁ ପତ୍ର ମାଧ୍ୟମରେ ସଦସ୍ୟତା ସଂପର୍କରେ ଅବଗତ କରାଯାଇଛି ।

## ଉଚ୍ଚ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀଙ୍କୁ ସାଇବର ସଚେତନତା

ଭୁବନେଶ୍ୱର, ୨୫ ।୧୦(ସମିସ): ସାଇବର ଅପରାଧଠାରୁ ସୁରକ୍ଷିତ ରହିବା ପାଇଁ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯିବ । ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବୟସ୍କ, ମହିଳା, କର୍ମଜୀବୀ ଓ ଯୁବପିଢ଼ି କିପରି ସାଇବର ଅପରାଧର ସମ୍ମୁଖୀନ ହେଉଛନ୍ତି, ସେନେଇ ଯୁବପିଢ଼ିଙ୍କୁ ସଚେତନ କରାଯିବ । ଏଥିପାଇଁ ନଭେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ କଲେଜରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯିବ । ବକ୍ତୃତା ପ୍ରତିଯୋଗିତା କରି ବ୍ୟାପକ ସଚେତନତା କରିବା ପାଇଁ ସମସ୍ତ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏହି ପ୍ରତିଯୋଗିତା ଉଭୟ ଓଡ଼ିଆ ଓ ଇରାଜୀ ଭାଷାରେ ଅନୁଷ୍ଠିତ ହେବ । ପ୍ରଥମେ ବ୍ଲକସ୍ତରରେ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟର ପ୍ରତିଯୋଗିତା ଅନୁଷ୍ଠିତ ହେବ । ବ୍ଲକ୍‌ସ୍ତରରୁ ଉତ୍ତୀର୍ଣ୍ଣ ହୋଇଥିବା ଜଣେ ଲେଖାଏଁ ପିଲାଙ୍କ ନାମ ଜିଲ୍ଲା ସାଇବର ନୋଡାଲ ପୁଲିସ ଅଧିକାରୀଙ୍କୁ ପ୍ରଦାନ କରାଯିବ । ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ନଭେମ୍ବର ୩ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସମସ୍ତ ଜିଲ୍ଲାରୁ ଜଣେ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ନେଇ ପୁଲିସ୍ ରେଞ୍ଜ ସ୍ତରୀୟ ପ୍ରତିଯୋଗିତା ୯ ରୁ ୧୧ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ । ଏହା ପରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ୧୩ ରୁ ୧୪ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ।

## ଲଭ୍-ସେକ୍ସ-ଧୋକା: ଭୁବନେଶ୍ୱର ବିମାନ ବନ୍ଦର ଡିଜିଏମ୍ ଗିରଫ

ଭୁବନେଶ୍ୱର,୨୫।୧୦(ସମିସ): ପୁଣି ଲଭ୍-ସେକ୍ସ ଧୋକ୍କା ମାମଲାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରର ଡିଜିଏମ୍(ଅପରେସନ) ଉମାକାନ୍ତ ପଟେଲ ଗିରଫ ହୋଇଛନ୍ତି । ବିମାନବନ୍ଦରରେ କାର୍ଯ୍ୟରତ ଜଣେ ଯୁବତୀଙ୍କ ଅଭିଯୋଗ ଆଧାରରେ ଏୟାରପୋର୍ଟ ଥାନା ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୀଡ଼ିତା ଯୁବତୀ ଜଣଙ୍କ ଡିଜିଏମ୍‌ଙ୍କ ବିରୁଦ୍ଧରେ ଅଭିଯୋଗ ନେଇ ଏକାଧିକ ଥର ଏୟାରପୋର୍ଟ ଥାନାକୁ ଯାଇଥିଲେ ମଧ୍ୟ ପୁଲିସ ବିଭିନ୍ନ ବାହାନା କରି ତାଙ୍କୁ ସେଠାରୁ ତଡ଼ି ଦେଉଥିଲା । ଶେଷରେ ଏନେଇ ପୀଡ଼ିତା ପୁଲିସ କମିସନରଙ୍କୁ ଭେଟି ଅଭିଯୋଗ କରିଥିଲେ । ସିପିଙ୍କ ହସ୍ତକ୍ଷେପ ପରେ ଡିସିପିଙ୍କ ନିର୍ଦ୍ଦେଶ କ୍ରମେ ଏୟାରପୋର୍ଟ ଥାନା ପୁଲିସ ଚାପରେ ଆସି ମାମଲା ରୁଜୁ କରିବା ସହ ଡିଜିଏମ୍‌ଙ୍କୁ ଗିରଫ କରିଥିଲା ।

ଅଭିଯୋଗ ଅନୁସାରେ, ବିବାହର ପ୍ରତିଶ୍ରୁତି ଦେଇ ଡିଜିଏମ୍ ଶ୍ରୀ ପଟେଲ ୪ ବର୍ଷ ଧରି ଯୁବତୀଙ୍କ ସମ୍ପର୍କରେ ଥିଲେ । କେବଳ ସେତିକି ନୁହେଁ; ଶାରୀରିକ ସମ୍ପର୍କ ରଖି ମାଡ଼ ମାରି ଯୁବତୀଙ୍କ ଗର୍ଭପାତ କରାଇଥିଲେ । ପୂର୍ବରୁ ବିବାହିତ ଉମାକାନ୍ତ ପଟେଲ ଏକ ସନ୍ତାନର ବାପା ମଧ୍ୟ ହୋଇସାରିଛନ୍ତି । କିନ୍ତୁ ଗତ ୪ ବର୍ଷ ଧରି ଏକ ଘରୋଇ ଏୟାର ଲାଇନ୍ସର ଜଣେ ଯୁବତୀଙ୍କ ସହିତ ସେ ସମ୍ପର୍କରେ ରହିଥିଲେ । ସେ ନିଜକୁ ଅବିବାହିତ କହି ଏହି ଯୁବତୀଙ୍କ ସହିତ ସଂପର୍କରେ ରହିଥିଲେ । ଉମାକାନ୍ତ ପଟେଲ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଯୁବତୀଜଣଙ୍କ ଯେତେବେଳେ ବି ବିବାହ କଥା ଉଠାଉଥିଲେ, ସେ ଏହାକୁ କିଛି ନା କିଛି ବାହାନା କରି ଏଡ଼ାଇ ଦେଉଥିଲେ । ଆଉ ଗୋଟିଏ କଥା ମଧ୍ୟ ତଦନ୍ତ ବେଳେ ଜାଣିବାକୁ ପାଇଛି ପୁଲିସ । ଉମାକାନ୍ତ ପଟେଲ ଯେଉଁ ବିମାନବନ୍ଦରକୁ ବଦଳି ହୋଇଯାଉଥିଲେ ସେ ଏହି ଯୁବତୀଙ୍କୁ ସେଠାକୁ ବଦଳି କରି ନେଇଯାଉଥିଲେ । ଭୁବନେଶ୍ୱର ଆସିବା ପୂର୍ବରୁ ଉମାକାନ୍ତ ଦିଲ୍ଲୀରେ ଥିଲେ । ସେଠାରେ ମଧ୍ୟ ଏହି ଯୁବତୀ ଜଣଙ୍କ ଥିଲେ । ତା'ପୂର୍ବରୁ ଉମାକାନ୍ତ ଗୋଆରେ ଥିଲେ । ସେତେବେଳେ ମଧ୍ୟ ସେ ପୀଡ଼ିତାଙ୍କୁ ଏକ ଘରୋଇ ଏୟାର ଲାଇନ୍ସରେ ନିଯୁକ୍ତ କରାଇଥିଲେ । ସମ୍ପର୍କ ନିବିଡ଼ ହେବା ପରେ ସେମାନଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ସ୍ଥାପନ ହୋଇଥିଲା । ଏହା ମଧ୍ୟରେ ପୀଡ଼ିତା ଗର୍ଭବତୀ ହେବା ପରେ ବିବାହ ପାଇଁ ଜିଦ୍ ଧରିଥିଲେ । କିନ୍ତୁ ଉମାକାନ୍ତ ବାହାନ କରି ଏଡ଼ାଇ ଯିବା ସହ ତାଙ୍କର ଗର୍ଭପାତ କରାଇଥିଲେ । ବିବାହ ପ୍ରସ୍ତାବକୁ ଉମାକାନ୍ତ ବାରମ୍ବାର ଏଡ଼ାଇବାରୁ ଯୁବତୀଜଣକ ସନ୍ଦେହ କରି ତାଙ୍କ ସଂପର୍କରେ ଖୋଳତାଡ଼ କରିଥିଲେ ଏବଂ ସେ ବିବାହିତ ବୋଲି ଜାଣିବା ପରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ତୀବ୍ର ଝଗଡ଼ା ହୋଇଥିଲା । ଉମାକାନ୍ତ ଉତ୍‌କ୍ଷିପ୍ତ ହୋଇ ଯୁବତୀଙ୍କୁ ମାଡ଼ ମାରିଥିଲେ । ଉମାକାନ୍ତ ତାଙ୍କୁ ଧୋକା ଦେଇଥିବା ଜାଣିବା ପରେ ଯୁବତୀଜଣଙ୍କ ଗତ ୧୯ ତାରିଖରେ ଏୟାରପୋର୍ଟ ଥାନାରେ ଏତଲା ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କାକିନାଡ଼ାରେ ମାଡ଼ହେବ...

ତାରିଖ ଦୁଇଦିନ କେତେକ ଜିଲ୍ଲାରେ ବର୍ଷା ସହ ପବନ ସର୍ବାଧିକ ଅନୁଭୂତ ହେବ । ଗଜପତି, ଗଞ୍ଜାମ, କୋରାପୁଟ, ରାୟଗଡ଼ା ଓ ମାଲକାନଗିରି ଜିଲ୍ଲାରେ ପବନର ବେଗ ୬୦ରୁ ୭୦ କିଲୋମିଟର ବେଗ ରହିବାକୁ ଥିବାବେଳେ ଝଟ୍‌କା ପବନର ବେଗ ୮୦ କିଲୋମିଟର ଛୁଇଁପାରେ । ସେହିପରି ଏହି ଦୁଇ ଦିନରେ ପୁରୀ, ଖୋର୍ଦ୍ଧା, କଳାହାଣ୍ଡି, ନୟାଗଡ଼, କନ୍ଧମାଳ ଓ ନବରଙ୍ଗପୁର ଜିଲ୍ଲାରେ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । ଉପରୋକ୍ତ ଜିଲ୍ଲାର ପାଶ୍ୱର୍ବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପବନର ବେଗ ୪୦ରୁ ୫୦ କିଲୋମିଟର ଏବଂ ଝଟ୍‌କା ପବନର ବେଗ ୬୦ କିମି. ରହିପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି । ସେହିପରି ସମୁଦ୍ର ଅତ୍ୟଧିକ ଅଶାନ୍ତ ରହିବାକୁ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ୨୬ ତାରିଖରୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ କୁହାଯାଇଛି ।

ବାତ୍ୟା ମୋନ୍ଥା କାରଣରୁ ଓଡ଼ିଶାରେ ୨୭ରୁ ୨୯ ତାରିଖ ଯାଏଁ ୩ ଦିନ ଧରି ପ୍ରବଳ ବର୍ଷା ହେବ । ୨୭ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡା, ଗଜପତି, ଗଞ୍ଜାମ ଓ କନ୍ଧମାଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଉପରୋକ୍ତ ଜିଲ୍ଲାମାନଙ୍କରେ କେତେକ ସ୍ଥାନରେ ୭ରୁ ୨୦ ସେଣ୍ଟିମିର ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି । ନୂଆପଡ଼ା, ବଲାଙ୍ଗିର, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁରରେ ମଧ୍ୟ ପ୍ରବଳ ବର୍ଷା ନେଇ ଆକଳନ କରାଯାଇଛି । ସେହିପରି ୨୮ ତାରିଖରେ ବର୍ଷାର ବିସ୍ତୃତି ବଢ଼ିବା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷାର ସମ୍ଭାବନା ରହିଛି । ଉପରୋକ୍ତ ଜିଲ୍ଲାଗୁଡ଼ିକରେ କେତେକ ସ୍ଥାନରେ ୭ରୁ ୨୦ ସେଣ୍ଟିମିଟର ବିକ୍ଷିପ୍ତ ବର୍ଷା ସମ୍ଭାବନା ରହିଛି । ଏତଦ୍ ବ୍ୟତୀତ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜିଲ୍ଲାରେ ମଧ୍ୟ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି । ସେହିପରି ନୂଆପଡ଼ା, ବଲାଙ୍ଗିର, ସୋନପୁର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ଆକଳନ କରାଯାଇ ୟେଲୋ ସତର୍କ ସୂଚନା ଜାରି କରାଯାଇଛି । ୨୯ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ାରେ ବିକ୍ଷିପ୍ତ ଭାବେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ନୂଆପଡ଼ା, ବଲାଙ୍ଗିର, ବୌଦ୍ଧ, କନ୍ଧମାଳ, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବାବେଳେ ବରଗଡ଼, ସୋନପୁର, ଅନୁଗୋଳ, ଢେଙ୍କାନାଳ, ନୟାଗଡ, କଟକ, ଖୋର୍ଦ୍ଧା, ପୁରୀ ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି । ୩୦ ତାରିଖରେ ବର୍ଷାର ବିସ୍ତୃତି କମିବା ସହ କେବଳ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଆକଳନ କରାଯାଇଛି ।

### ପ୍ରଭାବିତ ହେବ...

ଗ୍ରାମ୍ୟ ଉନ୍ନୟନ, ପ୍ରାଣୀସମ୍ପଦ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରସ୍ତୁତି ଜାରି ରଖିଛନ୍ତି । ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ଖାଦ୍ୟପଦାର୍ଥ, ପାନୀୟ ଜଳ, ଗୋଖାଦ୍ୟ, ଆବଶ୍ୟକ ଔଷଧ ଇତ୍ୟାଦିର ବ୍ୟବସ୍ଥା କରାଯାଇଛି । ଆବଶ୍ୟକ ପଡ଼ିଲେ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯିବ । ସରକାରଙ୍କ ସହ ନିୟମିତ ସମ୍ପର୍କରେ ରହିବା ସହ ଆତଙ୍କିତ ନ ହେବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

ଅନ୍ୟପକ୍ଷରେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ୬ଟି ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ସମ୍ପୃକ୍ତ ଜିଲ୍ଲାଗୁଡ଼ିକ ହେଲା ଗଞ୍ଜାମ, ବାଲେଶ୍ୱର, ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି । ସ୍ଥାନୀୟ ଜିଲ୍ଲାପାଳମାନେ ଏହି ନିର୍ଦ୍ଦେଶନାମା ଜାରି କରିଥିବା ଜଣାପଡ଼ିଛି । କିଛି ଜିଲ୍ଲାରେ ୨୫ରୁ ୩୦ ତାରିଖ ଏବଂ ଆଉକିଛି ଜିଲ୍ଲାରେ ୨୬ରୁ ୩୦ ତାରିଖ ଯାଏଁ ଛୁଟି ବାତିଲ କରାଯାଇଥିବା ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି । ଛୁଟିରେ ଥିବା କର୍ମଚାରୀଙ୍କୁ କାର୍ଯ୍ୟରେ ତୁରନ୍ତ ଯୋଗ ଦେବାକୁ କୁହାଯାଇଥିବା ବେଳେ ଅଧିକାରୀମାନେ ନିଜ ନିଜ ମୁଖ୍ୟାଳୟ ଛାଡ଼ି ନ ଯିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି ।

### ଇନ୍ଦୋରରେ ଲଜ୍ଜା...

ନ୍ୟାୟ ସଂହିତା ଧାରା ୭୪ ଓ ୭୮ ଲଗାଯାଇ କୋର୍ଟ ଚାଲାଣ କରାଯାଇଛି । ଏହି ଘଟଣା ପରେ ମଧ୍ୟ ପ୍ରଦେଶ କ୍ରିକେଟ ସଂଘ ଅଷ୍ଟ୍ରେଲିଆ ଖେଳାଳିମାନଙ୍କୁ କ୍ଷମା ପ୍ରାର୍ଥନା କରିଛି । ଭାରତୀୟ କ୍ରିକେଟ କ।ଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଦେବଜିତ ସାଇକିଆ ଏଭଳି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଦୃଢ଼ ନିନ୍ଦା କରିଛନ୍ତି । ରାଜ୍ୟ ପୁଲିସ୍ ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ବିସିସିଆଇ ଉପସଭାପତି ରାଜୀବ ଶୁକ୍ଳା ଦାବି କରିଛନ୍ତି । ଏଭଳି ଘଟଣାରେ ଦେଶ ସମ୍ମାନରେ ଆଞ୍ଚ ଆସିଥିବାରୁ ସେ ଏହାର ପୁନରାବୃତ୍ତି ନ ହେବାକୁ କଡ଼ା ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।

### ବନ୍ଧୁଙ୍କ ଅର୍ଥରେ...

ପରିଚୟ ଦେଇ ନଥିଲେ । କାରଣ ତାଙ୍କ ବନ୍ଧୁ ପରିଚୟ ଗୋପନ ରଖିବାକୁ କହିଥିଲେ ବୋଲି ଟ୍ରମ୍ପ କହିଛନ୍ତି । ଆମେରିକାରେ ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବା ଏହି ସଟ୍‌ଡାଉନ୍ ୨୫ ଦିନରେ ପହଞ୍ଚିଛି । ଆମେରିକାର ଦୁଇ ପ୍ରମୁଖ ଦଳ ଡେମୋକ୍ରାଟ ଓ ରିପବ୍ଲିକାନ ମଧ୍ୟରେ ଓବାମା ହେଲଥ୍ କେୟାର ସବ୍‌ସିଡ୍ ପ୍ରୋଗ୍ରାମ ନେଇ ମତପାର୍ଥକ୍ୟ ସୃଷ୍ଟି ହୋଇଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ।

### ଦିନକରେ ହୋଇପାରୁନି...

ହୋଇପାରୁ ନାହିଁ । ଯାହାଫଳରେ ନଗଦ ପ୍ରବାହ ହ୍ରାସ ପାଇଛି ଓ ଦରମା, ଦେୟ, ଷ୍ଟକ୍ କ୍ରୟ ପରିଚାଳନା କ୍ଷେତ୍ରରେ ଛୋଟ ଫାର୍ମଗୁଡ଼ିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କୁହାଯାଉଛି ଏନ୍‌ସିପିଆଇ ଦ୍ୱାରା ପରିଚାଳିତ ବ୍ୟାଙ୍କ ଏବଂ କେନ୍ଦ୍ରୀୟ କ୍ଲିୟରିଂ ବ୍ୟବସ୍ଥାରେ ସଫ୍ଟୱେର୍ ଏକତ୍ରୀକରଣ କରାଯିବାରେ ଅସମନ୍ୱୟତା ଯୋଗୁଁ ବ୍ୟାଙ୍କଗୁଡ଼ିକ ଗୋଟିଏ ଦିନରେ ଚେକ୍ କ୍ଲିୟର କରିବାକୁ ଅସମର୍ଥ ହେଉଛନ୍ତି । ସ୍କାନ କରାଯିବା ବେଳେ ଚେକ୍‌ର ପ୍ରତିଛବି ଠିକ୍ ଭାବରେ ଉତ୍ତୋଳନ କରାଯାଉ ନାହିଁ । ଯାହା ଫଳରେ ବ୍ୟାଙ୍କ କୋଡ୍, ଆକାଉଂଟ ନମ୍ବର, ଦସ୍ତଖତ ସ୍ପଷ୍ଟ ଦେଖାଯାଉ ନ ଥିବାରୁ ତାହାକୁ କ୍ଲିଅରିଂ ବ୍ୟାଙ୍କ ଗ୍ରହଣ କରୁନାହିଁ । ପୁନଶ୍ଚ ଏହି ପଦ୍ଧତି ସମ୍ପର୍କରେ ବ୍ୟାଙ୍କଗୁଡ଼ିକରେ ତାଲିମପ୍ରାପ୍ତ କର୍ମଚାରୀ ନାହାନ୍ତି ଓ ଉଚ୍ଚମାନର ସ୍କାନର ମଧ୍ୟ ରଖାଯାଇ ନାହିଁ । ଯାହା ସମସ୍ୟାକୁ ବହୁଗୁଣିତ କରୁଛି ଓ ଚେକ୍‌ଗୁଡ଼ିକୁ ପୁନର୍ବାର ପୂର୍ବପରି ପରିଚାଳନା କରାଯିବା ଯୋଗୁଁ କ୍ଲିଅରିଂ ବିଳମ୍ବିତ ହେଉଛି । ଯାହା ବ୍ୟାଙ୍କ ପ୍ରତି ଉପଭୋକ୍ତା ବା ଗ୍ରାହକମାନଙ୍କର ବିଶ୍ୱାସକୁ କ୍ଷୁର୍ଣ୍ଣ କରିଛି ଓ ବ୍ୟବସାୟିକ କ୍ଷେତ୍ରରେ ନଗଦ ପ୍ରବାହ ହ୍ରାସ ସହ ବିଭିନ୍ନ କାର୍ଯ୍ୟ ପ୍ରଭାବିତ ହେଉଛି ।

ଜାତୀୟ ପେମେଣ୍ଟ କର୍ପୋରେସନ (ଏନ୍‌ସିପିଆଇ) ମଧ୍ୟ ବ୍ୟାଙ୍କଗୁଡ଼ିକରେ ଚେକ୍ କ୍ଲିୟରିଂ ବ୍ୟବସ୍ଥାରେ ସୃଷ୍ଟି ହୋଇଥିବା ଅବ୍ୟବସ୍ଥାକୁ ସ୍ୱୀକାର କରିଛନ୍ତି । କେନ୍ଦ୍ରୀୟ ବ୍ୟବସ୍ଥା ଓ ବ୍ୟାଙ୍କଗୁଡ଼ିକ ମଧ୍ୟରେ ରହିଥିବା ବିଚ୍ୟୁତି ଯୋଗୁଁ ଏପରି ସମସ୍ୟା ସୃଷ୍ଟି ହେଉଛି ବୋଲି ଏନ୍‌ସିପିଆଇ କହିଛି । କେଉଁସ୍ତରରେ ସମସ୍ୟା ଯୋଗୁଁ ଗୋଟିଏ ଦିନରେ ଚେକ୍ କ୍ଲିଅରିଂ ହୋଇ ପାରୁନାହିଁ ତାହାର ଅନୁଧ୍ୟାନ ସହ ବ୍ୟାଙ୍କଗୁଡ଼ିକ ସହ ଯୋଗସୂତ୍ର ରଖି କାର୍ଯ୍ୟ କରାଯାଉଛି ବୋଲି ଏନ୍‌ସିପିଆଇ ସୂଚନା ଦେଇଛି ।

### ଆରମ୍ଭ ହେବ 'ବି-ମାନ'...

କାର୍ଯ୍ୟକାରୀ ହେବ । ହିତାଧିକାରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ ଏବଂ ୫ ଟଙ୍କା ମୂଲ୍ୟରେ ସବସିଡିଯୁକ୍ତ ଖାଦ୍ୟ ଯୋଗାଇବାର ନିରନ୍ତତା ସୁନିଶ୍ଚିତ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି । 'ଆହାର' ମାଧ୍ୟମରେ ପ୍ରଦାନ କରାଯାଉଥିବା ଭୋଜନର ମୂଲ୍ୟ ୨୩ ଟଙ୍କାରୁ ୨୭ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ପ୍ରତି ଭୋଜନ ପାଇଁ ସରକାରୀ ସବସିଡି ୧୮ ଟଙ୍କାରୁ ୨୨ ଟଙ୍କାକୁ ବୃଦ୍ଧି କରାଯାଇଛି । ତେବେ ହିତାଧିକାରୀ ପୂର୍ବବତ୍ ଆହାର ମିଲ ପାଇଁ ୫ ଟଙ୍କା ପ୍ରଦାନ କରିବେ । ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁଯାୟୀ ୨୦୦ଟି ମିଡି ବସ କ୍ରୟ ଏବଂ ଏହାର ୧୦ ବର୍ଷ ପାଇଁ ପରିଚାଳନା, ରକ୍ଷଣାବେକ୍ଷଣ ପାଇଁ ୯୫୨ କୋଟି ୫୬ ଲକ୍ଷ ଟଙ୍କା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛି । ଏଥିରେ କେନ୍ଦୁଝର, ବାରିପଦା, ଅନୁଗୋଳ ଓ ଝାରସୁଗୁଡା ପାଇଁ ୨୫ଟି ଲେଖାଏଁ ଏବଂ ବ୍ରହ୍ମପୁର ଓ ସମ୍ବଲପୁର ପାଇଁ ୫୦ଟି ଲେଖାଏଁ ବସ୍ ଅନ୍ତର୍ଭୁକ୍ତ ରହିଛି । ଏହି ପ୍ରକଳ୍ପ ମାଧ୍ୟମରେ ଉପରୋକ୍ତ ପ୍ରମୁଖ ୬ଟି ସହରଗୁଡ଼ିକରେ ବସ୍ ଚାର୍ଜିଂ, ଡିପୋ ଭିତ୍ତିଭୂମି ନିର୍ମାଣ ଓ ଏହାର ବ୍ୟାପକ ରକ୍ଷଣାବେକ୍ଷଣ ଓ ପରିଚାଳନା କାର୍ଯ୍ୟକାରୀ ହେବ ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁଯାୟୀ ଫସଲ ବିବିଧିକରଣ କାର୍ଯ୍ୟକ୍ରମ ଯୋଜନାକୁ ୨୦୨୫ରୁ ୨୦୨୭-୨୮ ପର୍ଯ୍ୟନ୍ତ ୩ ବର୍ଷ ପାଇଁ ବୃଦ୍ଧି କରିବା ସହ ୧୫୨୩.୯୮ କୋଟି ଟଙ୍କାର ବ୍ୟୟ ଅଟକଳକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏହି ଯୋଜନା ଚାଷଜମିରେ ମାଟିର ଜୀବାଣୁ ସଂଖ୍ୟା ବୃଦ୍ଧି କରିବା, ମାଟିର ରାସୟନିକ ଏବଂ ଜୀବବିଜ୍ଞାନ ଗୁଣଧର୍ମର ପରିବର୍ତ୍ତନକୁ ରୋକିବା, ପାଣି ବ୍ୟବହାର କ୍ଷମତା ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ ଅଟେ । ଏହା ରାଜ୍ୟର ସମସ୍ତ ୩୦ ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଆସନ୍ତା ୩ ବର୍ଷରେ ମୋଟ ୧୧.୫୦ ଲକ୍ଷ ହେକ୍ଟର ଧାନ ପରବର୍ତ୍ତୀ ପଡ଼ିଆ ଜମିରେ ଏହି କାର୍ଯ୍ୟକ୍ରମ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ରାଜ୍ୟ କ୍ୟାବିନେଟ ମଧ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଅଧିନରେ ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ଅନ୍ତର୍ଗତ କ୍ଷୁଦ୍ର ପ୍ରାଣୀ ଉନ୍ନୟନ ଯୋଜନାକୁ ଅନୁମୋଦନ ଦେଇଛି । ଏହି ଯୋଜନା ଆସନ୍ତା ୪ ବର୍ଷ ଅର୍ଥାତ୍ ୨୦୨୫-୨୬ରୁ ୨୦୨୮-୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବାବେଳେ ଏଥିରେ ମୋଟ ୨୯୪ କୋଟି ୩୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ । ଏହି ଯୋଜନା ଦ୍ୱାରା ପ୍ରାୟ ୨୩୭୩୫ କୃଷକ ଉପକୃତ ହେବେ ଏବଂ ରାଜ୍ୟରେ ବାର୍ଷିକ ୧୨.୨୫ ଟିଏମଟି ମାଂସ ଉତ୍ପାଦନ ହେବାକୁ ଲକ୍ଷ୍ୟ ରଖାଯାଇଛି ।

### ୨ ନାବାଳିକାଙ୍କୁ...

ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ନାବାଳିକାଙ୍କ ଦୁଇ ବନ୍ଧୁ ଏହାର ପ୍ରତିବାଦ କରିବାରୁ ଯୁବକମାନେ ସେମାନଙ୍କୁ ମାରପିଟ୍ କରିବା ସହ ମୋବାଇଲ ଛଡ଼ାଇ ନେଇଥିଲେ । ଏହାପରେ ନାବାଳିକାଦ୍ୱୟଙ୍କୁ ଜୋର୍‌ଜବରଦସ୍ତ ବାଇକ୍‌ରେ ନେଇ ଟିକପଦା କେନାଲ ନିକଟରେ ଗଣଦୁଷ୍କର୍ମ କରିଥିଲେ । ଏ ସଂପର୍କରେ କାହାରିକୁ କହିଲେ, ଜୀବନରୁ ମାରିଦେବାର ଧମକ ଦେଇ ନଳଗଜା କଲେଜ ପଡ଼ିଆ ନିକଟରେ ଛାଡ଼ି ପଳାଇଥିଲେ । ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହେବା ପରେ ରାସଗୋବିନ୍ଦପୁର ପୁଲିସ ଗଣଦୁଷ୍କର୍ମ ମାମଲା ରୁଜୁ କରି ତିନି ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ, ରାସଗୋବିନ୍ଦପୁର ଥାନା ଅଧୀନ ଲୁଣଚାଟି ଗ୍ରାମର ଦେବ୍ୟାଙ୍ଗୁସୁ ବେହେରା (୧୮), ପ୍ରହରାଜପୁର ଗାଁର ରତନ କୁମାର ଦତ୍ତ (୩୬) ଏବଂ ରାଜକୁମାର ଦାସ (୧୯) । ଫେରାର ଥିବା ଅନ୍ୟ ଦୁଇ ଜଣଙ୍କୁ ଧରିବା ଲାଗି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିବା ଜଣାପଡ଼ିଛି । ଖୁବ୍‌ଶୀଘ୍ର ସେମାନେ ଧରାପଡ଼ିବେ ବୋଲି ପୁଲିସ କହିଛି । ବେତନଟୀ ଏସ୍‌ଡିପିଓ ମିନତି ବିଶ୍ୱାଳ ତଦନ୍ତ ଆରମ୍ଭ କରିବା ସହ ନାବାଳିକାଦ୍ୱୟଙ୍କ ଡାକ୍ତରୀ ମାଇନା କରାଇଛନ୍ତି ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-QUAD-CABLE-KUR-507, ତା.17.10.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ବିଭିନ୍ନ ସେକ୍ସନର ତ୍ରୁଟିଯୁକ୍ତ (Faulty) ସ୍ଥାନ ବିପକ୍ଷରେ 6 କ୍ୱାର୍ଡ (Quad) କେବୁଲଗୁଡ଼ିକର ପୁନଃସ୍ଥାପନ ।

**ଟେଣ୍ଡର ମୂଲ୍ୟ :** ₹ 3,21,12,194.00, **EMD :** ₹ 3,10,600/-

ବିଡ୍ ଆରମ୍ଭ ହେବା ତାରିଖ : ତା.27.10.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.11.2025ରିଖ 1100 ଘଣ୍ଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-719/Q/25-26

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**ଡକୁମେଣ୍ଟ ହଜିଛି**

ମୁଁ, ଏହେସାମୁଲ ମିର୍ଜା, ୪୫ବର୍ଷ, ପିତା- ସ୍ୱର୍ଗତ ଇସଲାମ ମିର୍ଜା, ଗ୍ରାମ- ବଡ଼ହନୁଆଡ, ପିଏସ୍ / ପୋଷ୍ଟ- ବାଣପୁର, ପିନ୍- ୭୫୨୦୩୧, ଜିଲ୍ଲା-ଖୋର୍ଦ୍ଧା, ଜଣାଉଛି ଯେ, ମୋର ସେଲଡିଡ୍ କାଗଜପତ୍ର, ମୌଜା- ବଡ଼ହନୁଆଡ ଭିତିଓ, ୦.୦୬୭ ଡିସିମିଲ ଜାଗାର ଖାତା ନଂ-୨୬୧/୪୮୮, ପ୍ଲଟ୍ ନଂ- ୭୨୩ ଏବଂ ୦.୦୨୧ ଡିସିମିଲ ଜାଗାର ଖାତା ନଂ-୨୬୧/୪୮୯, ପ୍ଲଟ୍ ନଂ-୭୨୪ ହଜି ଯାଇଛି । ଏନେଇ ବାଣପୁର ଥାନାରେ ଷ୍ଟେସନ ଡାଏରୀ ନଂ-୦୧୪, ୧୮.୧୦.୨୦୨୫ ତାରିଖରେ ଅଭିଯୋଗ ହୋଇଛି । ଯଦି କେହି ପାଇଥାନ୍ତି ତେବେ ବାଣପୁର ପୋଲିସ ଥାନାରେ କିମ୍ବା ମୋର ମୋବାଇଲ ନଂ- ୯୯୩୭୨୮୦୪୯୪ରେ ଯୋଗାଯୋଗ କରିବାକୁ ଅନୁରୋଧ ।

**AFFIDAVIT**

I DILLIP SAHOO, S/O LATE SRINIBAS SAHOO, PLOT NO-1211/6300, MALLICK COMPLEX, NEAR PRAMEYA PAPER MILL, JAGAMARA, PS- KHANDAGIRI, BHUBANESWAR- 751030, ODISHA DECLARE BY THIS AFFIDAVIT NO- 39658, DATE- 24.10.2025, THAT NOW ONWARDS, I SHALL BE KNOWN AS **DILLIP KUMAR SAHOO** FOR ALL FUTURE PURPOSES.

**AFFIDAVIT**

I, Susanta Kumar Muduli, S/o- Rabindra Nath Muduli, Resident of At/PO: Patapur, Kakatpur, Dist.: Puri, Odisha, PIN-752108, declared by this Affidavit No.1317/2025 Dated: 24.10.2025. That now onwards I shall be known as **SUSHANTA KUMAR MUDULI** for all future Purposes.

**AFFIDAVIT**

BY virtue of an affidavit sworn before The Executive Magistrate, Kutra, Dist : Sundargarh by No - 1713, dated 24/10/2025, I Rajni Tete w/o Hemant Tete of Ganjhupada, PO Gairbahal, Dist.-Sundargarh, Pin- 770018 declare that I have changed the name of my minor daughter KUARI TETE to RASHMITA TETE. Hence she will be known as **RASHMITA TETE** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Kabisuryanagar, I, Aruna Kumara Acharya, S/o- Prakash Chandra Acharya resident of Vill.- Muktamaladeipur, Po.- Banthapalli, Ps.- Posasara, Dist.- Ganjam (Odisha) state vide affidavit no. A-II dtd.24.10. 2025 that, in HSC certificate as well as passport my name has been mentioned as Acharya Aruna Kumar. Hence **Aruna Kumar Acharya @Arun Kumar Acharya** and **Acharya Arun Kumar** is one and same person.

**AFFIDAVIT**

I, N.K.Sahoo, S/o- Late Babaji Charan Sahoo, Resident of House No.: D-45, AWHO Defence Colony, Padmapani Vihar, Niladri Vihar, CSPUR, Near Buddha Jayanti Park, Bhubaneswar, Dist.: Khorda, Odisha, PIN-751021, declared by this Affidavit No.1310/2025 Dated: 24.10.2025. That now onwards I shall be known as **NANDA KISHORE SAHOO** for all future Purposes.

**AFFIDAVIT**

I, Sanjukta Kumari Dash, W/o- Gajendra Kumar Padhi, resident of Plot No-19, Dharmavihar, Khandagiri, Bhubaneswar, Dist-Khurda, Pin- 751030, Odisha declared by this affidavit No- 863, dtd-22/10/2025 that now onwards I shall be known as **SANJUKTA DASH** for all future purposes.

**Notice**
**(Above 18 years of age)**

By virtue of an affidavit sworn before The Executive Magistrate, Rasulpur, Jajpur, Dated 25.09.2025 I, Rekha Das, Address At-Karanjiari, Po-Odisso, Ps-Kuakha, Dist-Jajpur, Odisha, Pin-755008 declare that I have changed my name from Anita Swain to Rekha Das. Henceforth, I shall be known as **Rekha Das** for all purpose.

**Rekha Das**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 24/10/2025. I, **Mamata Bharasagar** (applicant name), Wo Late Umesh Bharasagar, resident of AT. / P.O. / P.S. Titilagarh (Hatpada Pada), Dist- Bolangir, (Odisha), PIN Code: 767033 declare that I have changed my minor daughter's name from **Sunaksi Bharasagar** (old name) to **Sonakshi Bharasagar** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Sonakshi Bharasagar** (new name) for all purposes.

**Mamata Bharasagar**

Office of the Principal
**R.I.H.S., BHOGRAI**
Regd. No.: 14239/1983At./P.O.: Jaleswarpur,
Dist.- Balasore-756036, Ph.: 06781-231303, Fax: 06781-231303
E-mail: principalrihs060@gmail.com, Website: www.rihsbhograi.org
(NAAC ACCREDITED)

**WANTED**

Guest Lecturers in Botany, Economics, Education, History, Logic & Philosophy, Odia, Political Science, Sanskrit, Chemistry including 4 nos of Junior Clerk, Demonstrator in Physics, Chemistry, Botany, Zoology, PET and Librarian are wanted for immediate appointment.

The retired faculties & Non-teaching members below the age of 69 years may apply through HIMS Portal on or before **31/10/2025.**

The salary for the above cited posts will be as per the notification of DHE, Odisha vide letter No-57198 and 57203 on dated 23/10/2025.

**Sd/- Principal-cum-Secretary**
Rural Institute of Higher Studies
Bhograi, Balasore-756036

**AFFIDAVIT**

By virtue of an affidavit CF no 1/1 dtd. 24.10.2025 the Executive Magistrate Nayagarh, I, Lili Nayak, W/o- Muralidhar Nayak, At/Po- Rajingi, Ps - Gania, Dist- Nayagarh have changed my son's name from Ayush Nayak to Amarjeet Nayak. Henceforth He will be know as **Amarjeet Nayak** for all purposes.

**AFFIDAVIT**

I, Gajendra Kumar Padhy, S/o- Damodar Padhi, resident of Plot no-19, Dharmavihar, Khandagiri, Bhubaneswar ,Dist- Khurda, Pin-751030, Odisha declared by this affidavit No-861, dtd- 22/10/2025 that now onwards I shall be known as **GAJENDRA KUMAR PADHI** for all future purposes.

**AFFIDAVIT**

By virtue of an affidavit sworn Before the Executive Magistrate, Kalampur, Dist- Kalahandi, on dated- 23/10/2025. I, **Anjali Mali** (new name), aged about 27 years, D/o- Baida Mali, resident of Village- Potesh, PO- Pandigaon, PS- Kalampur, Dist- Kalahandi, PIN: 766013, Odisha declare that I have changed my name from **Pushpalata Mali** (old name) to **Anjali Mali** (new name). Henceforth, I shall be known as **Anjali Mali** (new name) for all purposes.

**Anjali Mali**

# ପଦ୍ମାଙ୍କ ଠକେଇ ଜାଲରେ କମଗାଁର ୨୫ ମହିଳା

ବରଗଡ଼, ୨୫।୧୦(ସମିସ)



ସଫେଇ କାର୍ଯ୍ୟରେ ନିୟୋଜିତ କରିବା ବାହାନାରେ ବରଗଡ଼ କମଗାଁର ମହିଳା ମାନଙ୍କ ଠାରୁ ବଡ଼ ଧରଣର ଠକେଇ ହୋଇଛି । ଭଟଲି ବ୍ଲକର ଏହି ମହିଳାମାନେ ଠକେଇର ମାଷ୍ଟରମାଇଣ୍ଡ ପଦ୍ମା ମାଡାମଙ୍କ ଜାଲରେ ପଡ଼ିଛନ୍ତି । ଏହି ଜାଲିଆତିର ଶିକାର ମହିଳା ମାନେ ଶନିବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ବାଞ୍ଜିପାଲି ଗାଁର ଶ୍ରବଣ ତାଣ୍ଡି ସଫେଇ କାର୍ଯ୍ୟରେ ନିଯୁକ୍ତି ଦେବା ପାଇଁ ମହିଳା ମାନଙ୍କ ଠାରୁ ଜଣ ପିଛା ୧୩ ହଜାର ଟଙ୍କା ଲେଖାଏଁ ନେଇଥିଲା । ସେପ୍ଟେମ୍ବର ୨୫ ତାରିଖ ସ୍ଥାନ ଦେଖାଇ କାର୍ଯ୍ୟ ଆରମ୍ଭ କରିବାକୁ କହିଥିଲା କିନ୍ତୁ ଅକ୍ଟୋବର ୨୩ ତାରିଖ କାର୍ଯ୍ୟ ବନ୍ଦ ହୋଇଗଲା ବୋଲି ଶ୍ରବଣ ଜଣାଇଥିଲା । କାର୍ଯ୍ୟ ବନ୍ଦ ହେଲେ ସମସ୍ତ ଦେଇଥିବା ଟଙ୍କା ଫେରସ୍ତ ହେବ ବୋଲି ଶ୍ରବଣ କହିଥିଲା । କିନ୍ତୁ ଟଙ୍କାଟିଏ ଫେରସ୍ତ କଲା ନାହିଁ । ପରେ ଏହି ପାରି ଘଟଣା ବରଗଡ଼, ସମ୍ବଲପୁର ସହ ଝାରସୁଗୁଡ଼ା ଓ ପଶ୍ଚିମ ଓଡ଼ିଶାର ଅନେକ ସ୍ଥାନରେ ହୋଇଥିବା ଖବର ପଦାକୁ ଆସିଥିଲା । ଏହାପରେ ମହିଳା ମାନେ ଜିଲ୍ଲାପାଳ କାର୍ଯ୍ୟାଳୟରେ ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଭଟଲି ଥାନାରେ ଅଭିଯୋଗ ପରେ ଶ୍ରବଣକୁ ଭଟଲି ପୁଲିସ ଗିରଫ କରିଛି । ଘଟଣାର ମାଷ୍ଟରମାଇଣ୍ଡ ପଦ୍ମା ତାଣ୍ଡି ଓ ସହଯୋଗୀକୁ ସମ୍ବଲପୁର ପୁଲିସ ଗିରଫ କରିଛି । ଆଜି ନିରୀହ ମହିଳା ମାନଙ୍କ ଦାବିପତ୍ର ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ ଗ୍ରହଣ କରି ଏହା ଉପରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

**ତୁରନ୍ତ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଲେ ଜିଲ୍ଲାପାଳ**

# ଭେଡେନ ଅଞ୍ଚଳରୁ ୩ ଗିରଫ

ଭେଡେନ, ୨୫।୧୦(ସମିସ): ଭେଡେନ ଥାନା ଅଧୀନସ୍ଥ ଅନେକ ଗାଁର ହଜାର ହଜାର ଲୋକେ ଝାଡୁଦାର ଚାକିରି କରିବା ଆଶାରେ ଠକେଇର ଶିକାର ହୋଇଥିବା ଅଭିଯୋଗ ହୋଇଛି । ୧୩ ହଜାର ଟଙ୍କା ସିକ୍ୟୁରିଟି ଟଙ୍କା ବାବଦକୁ ଜମା କରିଥିଲେ । ମାତ୍ର ୧୦/୧୫ଦିନ କାମ କଲାପରେ କାମ ବନ୍ଦ ହୋଇଯାଇଥିଲା । ଏହାପରେ ହଜାର ହଜାର ଲୋକେ ଠକେଇର ଶିକାର ହୋଇଥିବା ଜାଣି ଭେଡେନ ଥାନାରେ ଅଭିଯୋଗ କରିଥିଲେ । ଥାନା ଅଧିକାରୀ ଶଶୀଭୂଷଣ ମିଶ୍ରଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ହୋଇ ଠକେଇରେ ସଂଶ୍ଳିଷ୍ଟ ଭେଡେନ ଯୁଗୀପାଲି ଗାଁର ସୁବଳୟା ଭୋଏନା, ମନୋରଞ୍ଜନ ଭୋଏନା ସହ ବୁର୍ଲା ସତୁପାଲି ଗାଁର କଷ୍ଟ ତାଣ୍ଡିକୁ ଗିରଫ କରାଯାଇଛି । ସେମାନଙ୍କ ଠାରୁ ନଗଦ ୫୩, ୭୫୦ ଟଙ୍କା, ଗୋଟିଏ ସ୍କୁଟି, ୨ଟି ମୋବାଇଲ ପୁଲିସ ଜବତ କରିଛି । ଏନେଇ ଭେଡେନ ଥାନାରେ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ବୁର୍ଲା ପୁଲିସ ଆଗରୁ ଏହି ଘଟଣାରେ ପଦ୍ମାକୁ ଗିରଫ କରିଥିଲା । କଷ୍ଟ ତାଣ୍ଡି ତାର ସ୍ୱାମୀ ହୋଇଥିବା ବେଳେ ସୁବଳୟା ପଦ୍ମାର ଭଉଣୀ ଅଟନ୍ତି । ଏବେ ମଧ୍ୟ ଘଟଣାରେ ଅଇଲାପାଲି ଗାଁର ତରଣୀ ମହାନନ୍ଦ, ଯୁଗୀପାଲିର ତରଣୀ ସୁରୁଜାଲ ଓ କାଳିଆ ଭୋଏନା, ବୁର୍ଲା ମରଙ୍ଗୁଳାର ମୁରଲୀ ତାଣ୍ଡି ନାମରେ ଅଭିଯୋଗ ରହିଛି । ଆଜି ମଣ୍ଡା ବୁଦେଲବାହାଲୀ, ଛନାପତି ଟିକ୍ରା, ଯୁଗୀପାଲି, କଣ୍ଟା ପାଲି, ଗୁରୁପାଲି, ସଂକ୍ରୀଡା ନାଗପାଲି, ମାନପୁର ଆଦି ଗାଁର ଅନେକ ମହିଳା ଥାନାରେ ଅଭିଯୋଗ କରିଛନ୍ତି । ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଭେଡେନ ଥାନାରେ ମହିଳାଙ୍କ ଭିଡ ଲାଗି ରହିଛି ।

**ରାତି ପର୍ଯ୍ୟନ୍ତ ଥାନାରେ ମହିଳାଙ୍କ ଭିଡ଼**



# ସ୍କ୍ରିନିଂ ଓ ସ୍ୱୟଂ ପରୀକ୍ଷା ସ୍ତନ କର୍କଟ ବିରୋଧରେ ସବୁଠୁ ଶକ୍ତିଶାଳୀ ଅସ୍ତ୍ର

ବରଗଡ଼, ୨୫।୧୦(ସମିସ): ଫାଇଟର୍ସ ଗ୍ରୁପ ପକ୍ଷରୁ ସ୍ତନ କର୍କଟ ସଚେତନତା ମାସ ତଥା ପିଙ୍କ୍ ଅକ୍ଟୋବର ପାଳନ କରାଯାଇଛି । ସ୍ତନ କର୍କଟ ସଚେତନତାର ପ୍ରତୀକ ଭାବେ ଅକ୍ଟୋବର ମାସକୁ 'ପିଙ୍କ ଅକ୍ଟୋବର' ବୋଲି କୁହାଯାଏ । 'ପିଙ୍କ ରିବନ' ଏହି ଅଭିଯାନର ପ୍ରତୀକ । ସ୍ତନ କର୍କଟ ସଚେତନତା କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ମେଡିକାଲ ସେସନରେ ମୁଖ୍ୟ ଅତିଥି ରୂପେ କ୍ୟାନ୍ସର ବିଶେଷଜ୍ଞ ଡ. ଭରତ ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ । କେବଳ ସ୍ତନ କର୍କଟ ପରୀକ୍ଷା କରାଇଲେ ଏହି ରୋଗର ମୃତ୍ୟୁହାର ପ୍ରାୟ ୨୫ ପ୍ରତିଶତ ପର୍ଯ୍ୟନ୍ତ କମିଥାଏ । ପ୍ରାରମ୍ଭିକ ଅବସ୍ଥାରେ ଚିକିତ୍ସା କରିବା ସହଜ ହେବା ସହ ଅତି ଜଟିଳ ଅସ୍ତ୍ରୋପଚାର ଦରକାର ହୁଏ ନାହିଁ ଓ ବ୍ରେଷ୍ଟ କନ୍ଜରଭେଟିଭ ସର୍ଜରୀ ଭଳି ସହଜ ଉପାୟରେ ଚିକିତ୍ସା ସମ୍ଭବ ହୁଏ ବୋଲି ସେ ମାର୍ଗଦର୍ଶନ କରିଥିଲେ । ସ୍ତନ କର୍କଟ ପ୍ରତିରୋଧ ଓ ପ୍ରାରମ୍ଭିକ ଚିହ୍ନଟ ପାଇଁ ସ୍ୱୟଂ ପରୀକ୍ଷା, ଡାକ୍ତରୀ ପରୀକ୍ଷା ଏବଂ ନିୟମିତ ସ୍କ୍ରିନିଂ ବହୁତ ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ । ଏଣୁ ବର୍ଷକୁ ଏକାଧିକଥର କ୍ଲିନିକାଲ ପରୀକ୍ଷା କରାଇବା ନିହାତି ଆବଶ୍ୟକ । କାର୍ଯ୍ୟକ୍ରମରେ ପ୍ରତିଭାଗୀଙ୍କୁ ସଚେତନ କରିବା ପାଇଁ ସ୍ତନ କର୍କଟ ସମ୍ପର୍କୀତ ଲିଖିତ ପ୍ରଶ୍ନ ଉତ୍ତର ପ୍ରତିଯୋଗିତା, କର୍କଟ ପୀଡିତା ଓ ଉପସ୍ଥିତ ପ୍ରତିଭାଗୀ ମହିଳାଙ୍କ ଦ୍ୱାରା 'ପିଙ୍କ ରାମ୍ପ ୱାକ୍' ପ୍ରତିଯୋଗିତା ଫାଇଟର୍ସ ଗ୍ରୁପର ସହଯୋଗୀ ସଦସ୍ୟା ପ୍ରତିଭା ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଇନରହୁଇଲ କ୍ଲବ୍ର ପୂର୍ବତନ ପିଡିସି ମମତା ପୁରୋହିତ, ଫ୍ୟାସନ ଡିଜାଇନର ରୀତୁ ପିପଲାନୀ ବିଚାରକ ରୂପେ ଯୋଗଦେଇ ବିଜୟୀନି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ଫାଇଟର୍ସ ଗ୍ରୁପ ସାଧାରଣ ସମ୍ପାଦିକା ଅସୀମା ବିଶୋଇ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ସୂର୍ଯ୍ୟକାନ୍ତୀ ସିକନ୍ଦର ଅଧ୍ୟକ୍ଷତା କରିବା ସହିତ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କର୍କଟରେ ପୀଡିତଙ୍କ ଯତ୍ନ ନେଉଥିବା ବ୍ୟକ୍ତି ବିଶେଷଙ୍କୁ ସାହସ ଓ ଉତ୍ସାହ ପ୍ରଦାନ ନିମନ୍ତେ ଚଳିତ ବର୍ଷ ଫାଇଟର୍ସ ଗ୍ରୁପ ପକ୍ଷରୁ ପ୍ରଥମ ଥର ପାଇଁ 'ସାହସୀ କ୍ୟାନ୍ସର କେୟାର ଗିଭର' ରୂପେ ଗ୍ରୁପର ପୂର୍ବତନ ସାଧାରଣ ସମ୍ପାଦକ ସ୍ୱର୍ଗତ ବିଶ୍ୱଜିତ ବାରିକଙ୍କ ଧର୍ମପତ୍ନୀ ପ୍ରତିଭା ବାରିକଙ୍କୁ ସମ୍ମାନିତ କରାଯାଇଥିଲା । ଫାଇଟର୍ସ ଗ୍ରୁପ ସହ ସମ୍ପାଦିକା ଜୟଶ୍ରୀ ପଣ୍ଡା, ପୁଷ୍ପାଞ୍ଜଳି ବେହେରା, ଡିଷ୍ଟ୍ରିକ୍ଟ ପ୍ରେସ କ୍ଲବ୍ ସଭାପତି ସତ୍ୟଜିତ ଦାଶ, ପ୍ରତାପ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅମୃତା ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




# ଗନ୍ଧମାର୍ଦ୍ଦନ ପର୍ବତ ପାଦଦେଶରେ ଦନ୍ତା ଆତଙ୍କ

ପାଇକମାଳ, ୨୫।୧୦(ସମିସ): ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ନୃସିଂହନାଥ ବନାଞ୍ଚଳ ଗନ୍ଧମାର୍ଦ୍ଦନ ପର୍ବତ ପାଦଦେଶ ଦେଇ ଆସିଥିବା ଏକ ଦନ୍ତା ହାତୀ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି । ହାତୀଟି ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ବେହେରାପାଣି ଜଙ୍ଗଲ ବାଟେ ସନ୍ଧ୍ୟାରେ ସୀମାନ୍ତ ଡୁଡୁକିଝରିଆ/ଆମ୍ବାହାଲି ଜଙ୍ଗଲ ମଧ୍ୟରେ ରହିଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି । ଏନେଇ ଗନ୍ଧମାର୍ଦ୍ଦନ ପାଦଦେଶରେ ଥିବା ମୋତିପାଲି, ବ୍ରାହ୍ମଣଟାଲ, ବରତୁଣ୍ଡା, ଭୂଇଁଖାର, ଖରାମାଲ, ଡୁଡୁକିଝରିଆ, ପତ୍ରାଗୁଡା, ଟେମ୍ରିମାଲ, ପତ୍ରାପାଲି ତଥା ଆଖପାଖ ଗାଁଗୁଡିକରେ ବନ ବିଭାଗ ତରଫରୁ ଏକ ଦଳ ଡାକବାଜି ଯନ୍ତ୍ର ସାହାଯ୍ୟରେ ପଦାକୁ ନ ବାହାରିବାକୁ ସଚେତନ କରୁଛି । ଜାମସେଠ ବିଟ ବନପାଳ ଦିବାକର ପ୍ରଧାନଙ୍କ ନେତୃତ୍ୱରେ ବନରକ୍ଷୀ କୁଞ୍ଜଲତା ଶତପଥୀ, ଦୀପକ ନାଏକ, ମୋହନ ସାହୁ, ପ୍ରମୋଦ ବରିହା, ମଳୟ ଗଏଁତା ପ୍ରମୁଖ ରହିଛନ୍ତି । ସେହିପରି ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ବିଟ ବନପାଳ ବିପିନ୍ ସାହୁ ନେତୃତ୍ୱରେ ବନରକ୍ଷୀ ସଞ୍ଜୀବ ପ୍ରଧାନ, ନୃପ ଠାକୁର, ଜନକ ବାରିକ, ଭକ୍ତ ଗଡ଼ତିଆ, ବିଶ୍ୱ ମାଝୀ, ସୁଦାମ ସେଲମା, ଉଭାକର ରଏତି ଏକ ଟିମ କରି ଜଙ୍ଗଲ ପାଦଦେଶରେ ଥିବା ଗାଁ ଗୁଡିକ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନତା ସୃଷ୍ଟି କରାଯାଉଛି । ଦୁଇ ବନପାଳ ଜଙ୍ଗଲ ଉଭୟ ପଟ ରାସ୍ତାକୁ ସନ୍ଧ୍ୟାରେ ବନ୍ଦ କରାଇ ଜଙ୍ଗଲ ଭିତରକୁ ନଯିବାକୁ ପରାମର୍ଶ ଦେଉଛନ୍ତି । ତେବେ ଏଯାଏଁ ହାତୀ କୌଣସି କ୍ଷୟକ୍ଷତି କରି ନ ଥିବା ସୂଚନା ମିଳିଛି ।



# ରାସ୍ତା ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବରଗଡ଼, ୨୫।୧୦(ସମିସ): ଭେଡେନ କେନାଲ ରୋଡରୁ ରେଲୱେ ଷ୍ଟେସନ ରୋଡ ବରଗଡ଼ କୃଷକ ବଜାର ପର୍ଯ୍ୟନ୍ତ ନୂତନ ରାସ୍ତା ତିଆରି ପାଇଁ ବ୍ରହ୍ମବିହାର ଉନ୍ନୟନ ପରିଷଦ ଦାବି କରିଛନ୍ତି । ଏହିରାସ୍ତା ଅତ୍ୟନ୍ତ ଖରାପ ଅବସ୍ଥାରେ ରହିଥିବା ବେଳେ ବାରମ୍ବାର ଦୁର୍ଘଟଣା ମଧ ଘଟୁଛି । ପ୍ରତିଦିନ ସ୍କୁଲ ଛାତ୍ରଛାତ୍ରୀଙ୍କ ସହ ଅନେକ ଲୋକ ଏହିରାସ୍ତା ଉପରେ ନିର୍ଭର କରନ୍ତି । କିନ୍ତୁ ଏହିରାସ୍ତାରେ ବହୁତ ବଡ ବଡ ଗାତ ରହିଥିବା ବେଳେ ମରାମତି କାର୍ଯ୍ୟ ମାସ ମାସ ଧରି ହେଉନାହିଁ । କୌଣସି ସମୟରେ ବଡ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।



# ବ୍ଲକ୍ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'





ଅତାବିରା, ୨୫।୧୦(ସମିସ): ଅତାବିରା ବ୍ଲକ୍ ଅଧୀନ ଟୋପ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାରଙ୍କ ସଭାପତିତ୍ୱରେ ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ମୁଖ୍ୟ ବକ୍ତା ଭାବେ ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ. ଶ୍ୟାମ ଭୋଇ, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ, ଟୋପ ସରପଞ୍ଚ ତୁଲେଶ୍ୱର ବୁଡା, ସମିତି ସଭ୍ୟ ଓକିଲ ଭାତପାହାର, ସ୍ଥାନୀୟ ବିଦ୍ୟାଳୟର ପରିଚାଳନା କମିଟିର ଚେୟାରମ୍ୟାନ ଭକ୍ତ ଭୁଏ, ପ୍ରଧାନଶିକ୍ଷକ ଦେବରାଜ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ସିଆରସିସି କେଶବ ଛନ୍ଦ ଓ ରଶ୍ମିରାଣୀ ନନ୍ଦ ମଞ୍ଚ ପରିଚାଳନା କରିଥିଲେ । ଏଥିରେ କୁଇଜ୍, ବିତର୍କ, ବକ୍ତୃତା, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ମଧ୍ୟାହ୍ନ ଭୋଜନ ଶିଳ୍ପକଳା, ଚିତ୍ରକଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ରିତେଶ୍ୱରି ଦୀପ, ବିଷ୍ଣୁପ୍ରିୟା ମିଶ୍ର, ସ୍ୱାତୀ ପ୍ରଧାନ, ଅନ୍ନପୂର୍ଣ୍ଣା କଠାର, ଇପସାରାନି କ୍ଷେତି, ଅର୍ଚ୍ଚିତା ମୁଦୁଲି, ସୁରଜ୍ ମେହେର, ସ୍ୱାଗତିକା ବାରିକ, ପ୍ରଗତି ପ୍ରଧାନ, ଆଦିତି ସିଂହ, ଶିବା ପ୍ରଧାନ, ମୌସୁମୀ ପର୍ଡ଼ିଆ, ସାୟଲ ମହାପାତ୍ର, ହିମାଂଶୀ ତାଣ୍ଡି, ଅର୍ପିତା ସାହୁ, ରୋଲି ପ୍ରଧାନ, ସମୃଦ୍ଧି ଗର୍ତିଆ, ତୃପ୍ତିମୟୀ ପଣ୍ଡା, ଅନନ୍ୟା ପ୍ରଧାନ, ସତ୍ୟ ମେହେର, ସମୁଆଲ ସାଗର, ସୁନିତା ସାହୁ, ଆକାଂକ୍ଷା ସେଠ୍, ଜସ୍ମିନ ଭୋଷାଗର ଆଦି ପ୍ରତିଯୋଗୀ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି । ପ୍ରତିଯୋଗିତା ଗୁଡିକୁ ପରିଚାଳନା କରିଥିଲେ ସିଆରସିସି କୃତାର୍ଥ ଚନ୍ଦ୍ର ଭୁଏ, ନନ୍ଦିଘୋଷ ଭୁଏ, ରାଜୀବ ବିଶ୍ୱାଳ, ଧରମ ନାଏକ, ସୁଦାମ ଭୁଏ, ନୃପ ଭୋଇ, ଆଶିଷ ନାଥ, ସୀତାପତି ପ୍ରଧାନ, ତ୍ରିଲୋଚନ ସେଠ୍, ବଳରାମ ମେହେର, ରଞ୍ଜନ ବାଗ ।

ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ସ୍ୱତନ୍ତ୍ର ଅତିଥିରୂପେ ପୂର୍ବତନ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ଓ ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ ବରଗଡ଼ର ଅଧ୍ୟକ୍ଷ ରଜନୀକାନ୍ତ ଦାଶ, ସମ୍ମାନିତ ଅତିଥିରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବରଗଡ଼ ବିନୟ ସଏ, ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ବନମାଳୀ ବରିହା, ସର୍ବଭାରତୀୟ କଳା ସଂସ୍କୃତି ମହାସଂଘର ସଭାପତି ଚୈତନ୍ୟ ପାଇକ ଯୋଗ ଦେଇଥିଲେ । ଅତିଥିବୃନ୍ଦ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସରଣ୍ଡା ଦଳ ପ୍ରଥମ ସ୍ଥାନ ଅଧିକାର କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ସୁଦୀପ ରଥ, ଗୋପବନ୍ଧୁ ମେହେର, ରବି ଗୁପ୍ତା, ଯତୀନ୍ଦ୍ର ମେହେର, ଲଳିତ ଭୋଇ, ସୁରେନ୍ଦ୍ର ମଲ୍ଲିକ, ମୋତିଲାଲ୍ ଦେବତା, ଯାଦବ ପ୍ରଧାନ, ରଶ୍ମିରଞ୍ଜନ ସାହୁ, ଗୋକୁଳାନନ୍ଦ ମଲ୍ଲିକ, ଶିକ୍ଷୟିତ୍ରୀ ସୁଶାନ୍ତି ମଲ୍ଲିକ, ଝରଣା ସେଠ୍, ଉଷାରାଣୀ ସାମନ୍ତ, ଅନୁସୟା ଦେବତା, ଟୋପ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା କମିଟିର ସଦସ୍ୟ ସଦସ୍ୟା, ଗ୍ରାମବାସୀ ସହଯୋଗ କରିଥିଲେ ।

**ଭେଡେନ:** ଭେଡେନ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଭେଡେନ ବ୍ଲକ ସ୍ତରୀୟ ସୁରଭି ୨୦୨୫ କାର୍ଯ୍ୟକ୍ରମ ମଛିନ୍ଦ୍ର ମଲ୍ଲିକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭେଡେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ତୋଷବନ୍ତ ସେଠ୍ ଓ ସମ୍ମାନିତ ଅତିଥି ଭାବେ ଭେଡେନ ଏବିଇଓ ହେମାବତୀ ମେହେର, ଫକୀର ମୋହନ ସାହୁ, ରଞ୍ଜନ ନାଏକ, ମୀନକେତନ ଭୋଇ, ନମିତା ସାହୁ, ପରିଚାଳନା କମିଟିର ସତ୍ୟନାରାୟଣ ରଥ, ଦେବାନନ୍ଦ ବେହେରା, ଦୈତନନ୍ଦ ମେହେର ପ୍ରମୁଖ ଯୋଗ ଦେଇଥିଲେ । ମଞ୍ଚାସୀନ ଅତିଥି ମାନଙ୍କୁ ଫୁଲତୋଡା ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଭେଡେନ ବିଡିଓ କର୍ଣ୍ଣ ସୁନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସୁରଭି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉଦବୋଧନ ଦେଇଥିଲେ । ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନାଗରିକ କମିଟି ସଭାପତି ସ୍ୱାଧୀନ ରଥ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କନିଷ୍ଠ, ବରିଷ୍ଠ ଓ ଉଚ୍ଚ ବର୍ଗର ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର, ପୁରସ୍କାର ଓ ଭେଡେନ ବ୍ଲକର ପ୍ରାଥମିକ ବୃତ୍ତି ପରୀକ୍ଷା ୨୦୨୪ର କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ନୃତ୍ୟ ବିଭାଗରେ ବିଚାରକ ଭାବେ ଜନକ ସେଠ୍, ବରୁଣ କୁମ୍ଭକାର, ଦୁର୍ଗାଶିସ ପଟ୍ଟନାୟକ, ଗୁରୁଦେବ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ଗୋବିନ୍ଦ ସେଠ୍, ଆଶିଷ ଦେଓ, ପଞ୍ଚାନନ ଭୋଇ, ସନ୍ତୋଷ ପ୍ରଧାନ, ମିହିର ପଣ୍ଡା, ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକଗଣ, ସମସ୍ତ ସିଆରସିସି ତଥା ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା ।

# ଜାମଡୋଲ ମହିଷାସୁର ରାଜ ଦରବାରରେ ଶୁମ୍ଭ ନିଶୁମ୍ଭ ବଧ



ଭେଡେନ, ୨୫।୧୦(ସମିସ): ଭେଡେନ ବ୍ଲକ ଅଧୀନ ଭେଡେନ ପଞ୍ଚାୟତ ସ୍ଥିତ ଜାମଡୋଲ ଗାଁରେ ମାଁ ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହେଉଛି । ଏହି ଅବସରରେ ମହିଷାସୁର ଦରବାରର ଚତୁର୍ଥ ସନ୍ଧ୍ୟା ଶେଷ ହୋଇଛି । ମାଁ ଦୁର୍ଗାଙ୍କ ହସ୍ତରେ ଚଣ୍ଡମୁଣ୍ଡ ନିହତ ଖବର ପାଇ ମହିଷାସୁର ମର୍ମାହତ ହୋଇଛି । କ୍ରୋଧରେ ଜର୍ଜରିତ ହୋଇ ସେନାପତି ଶୁମ୍ଭ ନିଶୁମ୍ଭଙ୍କୁ ରତ୍ନଗିରିକୁ ପ୍ରେରଣ କରିଛି । ଆଜି ମାଁ ଦୁର୍ଗାଙ୍କୁ ଆଣିବା ପାଇଁ ଯାଇଥିବା ଶୁମ୍ଭ ନିଶୁମ୍ଭଙ୍କ ମାଁଙ୍କ ହାତରେ ନିହତ ହେବା ଦୃଶ୍ୟ ଅଭିନୀତ ହୋଇଥିଲା । ସେପଟେ ମାଁ ଶ୍ୟାମାକାଳୀଙ୍କ ଠାରେ କାକରା ଓ ଜୁଗାର ଭୋଗ ଲାଗୁଛି । ପଣ୍ଡିତ ସମୀର ରଞ୍ଜନ ଶତପଥୀ, ସହଯୋଗୀ ରତ୍ନାକର ଶତପଥୀ, ସୁକାନ୍ତ ପଣ୍ଡା, ଦୁଷ୍ମନ୍ତ ଦେହେରି, ବିଷ୍ଣୁ ଦାଶ ପ୍ରମୁଖ ପୂଜାରେ ସହଯୋଗ କରୁଛନ୍ତି । ମହିଷାସୁର ରାଜ ଦରବାରରେ ବିଭିନ୍ନ ସାଂସ୍କୃତିକ ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି । ଆଜି ମହିଷାସୁର ରାଜ ଦରବାର ଅତିଥି ଭାବେ ଅଏଲାପାଲି ପଞ୍ଚାୟତ ସମିତି ସଭ୍ୟ ତୋଷବନ୍ତ ବେହେରା, ଭେଡେନ ସରପଞ୍ଚ ଅକ୍ଷୟ ନାଏକ, ବିଜେଡି ଯୁବ ନେତା ଠାକୁର ଦଲେଇ, ସାମ୍ବାଦିକ ସୁବ୍ରତ ବିଡତିଆ ପ୍ରମୁଖ ଯୋଗ ଦେଇଥିଲେ ।

# ତୃତୀୟ ଦିନରେ ଆନ୍ତଃ ମହାବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ



ଭେଡେନ, ୨୫।୧୦(ସମିସ): ଭେଡେନ ସ୍ଥିତ ରଣଜିତା ଖେଳ ପଡ଼ିଆରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ଭେଡେନ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ହେଉଥିବା ଆନ୍ତଃ ମହାବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନର ଖେଳ ଶେଷ ହୋଇଛି । ଟୁର୍ଣ୍ଣାମେଣ୍ଟରେ ୧୨ଟି ମହାବିଦ୍ୟାଳୟ ଖେଳାଳି ଅଂଶଗ୍ରହଣ କରିଛନ୍ତି । ଆଜି ୬ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ୍ ଅଞ୍ଚଳ କଲେଜ ପଦ୍ମପୁର ଓ ଏମଟିଡିସି ଧାମ ମଧ୍ୟରେ ହୋଇଥିଲା । ଏଥିରେ ୨-୧ ଗୋଲରେ ଅଞ୍ଚଳ କଲେଜ ପଦ୍ମପୁର ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ୍ ଏସଡି କଲେଜ ଗୋଡଭୋଗା ଓ ଭିଏସ୍ଏସ ବୁର୍ଲା ମଧ୍ୟରେ ହୋଇଥିଲା ଏବଂ ସୁଟଆଉଟ ଜରିଆରେ ୩-୧ ଗୋଲରେ ଗୋଡଭୋଗା କଲେଜ ବିଜୟୀ ହୋଇଛି । ତୃତୀୟ ମ୍ୟାଚ୍ରେ କୁଲୁଣ୍ଡି କଲେଜ ୩-୦ ଗୋଲରେ ବରପାଲି କଲେଜକୁ ପରାଜିତ କରିଛି । ଚତୁର୍ଥ ମ୍ୟାଚ୍ରେ ଡିଗ୍ରୀ କଲେଜ ତୋରା ୧-୦ ଗୋଲରେ ସୁରଜମଲ କଲେଜ ବିପକ୍ଷରେ ବିଜୟୀ ହୋଇଛି । ପଞ୍ଚମ ମ୍ୟାଚ୍ରେ ବଡଦ ପଞ୍ଚାୟତ କଲେଜ ୧-୦ ଗୋଲରେ ଏଡି କଲେଜ ପାହାଡସିଗିଡା ବିପକ୍ଷରେ ଏବଂ ଷଷ୍ଠ ମ୍ୟାଚ୍ରେ ଏସଡି କଲେଜ ଗୋଡଭୋଗା ୧-୦ ଗୋଲରେ ଅଞ୍ଚଳ କଲେଜ ପଦ୍ମପୁର ବିପକ୍ଷରେ ବିଜୟ ହାସଲ କରିଛି । ଅନୁଷ୍ଠିତ ସମସ୍ତ ଖେଳକୁ ସୁଧାଂଶୁ ସେଠ, ପ୍ରଦୀପ ବାଗ, ଗୋପୀନାଥ ପାଣ୍ଡେ, ନୀଳ ପଣ୍ଡା, ରାଜ ମଣ୍ଡଳ, ଅଜୟ ପଧାନ ପରିଚାଳନା କରିଥିବା ବେଳେ ସନ୍ତୋଷ ନାୟର, ସୁରେନ୍ଦ୍ର ମିଶ୍ର, ସୂର୍ଯ୍ୟ ଦେହେରି ଧାରାବିବରଣୀ ପ୍ରଦାନ କରିଥିଲେ । ମହା ବିଦ୍ୟାଳୟର କ୍ରୀଡା ଉପସଭାପତି ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ତୃତୀୟ ଦିନର ଖେଳ ଶେଷ ହୋଇଥିଲା । ଅତିଥିଭାବେ ଭେଡେନ ତହସିଲଦାର ରଶ୍ମିତା ସ୍ୱାଇଁ, ବିଡିଓ କର୍ଣ୍ଣ ସୁନା, ଭେଡେନ ଥାନା ଅଧିକାରୀ ଶଶୀଭୂଷଣ ମିଶ୍ର, ଜିଲ୍ଲା କ୍ରୀଡା ସଂସଦ ଉପସଭାପତି ଯୁଗଳ ପ୍ରସାଦ ସିଂ, ଫୁଟବଲ ଖେଳାଳି ଗଙ୍ଗାଧର ମଲ୍ଲିକ, ସନ୍ତୋଷ ପଣ୍ଡା, ପୁଷ୍ପ ମେହେର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଳା ସାହୁ ସମସ୍ତ ଅତିଥିଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ ।

**ଜିଲ୍ଲାସ୍ତରୀୟ ସ୍କୁଲ ଫୁଟବଲ ପ୍ରତିଯୋଗିତା**

# ବରପାଲି ଓ ବରଗଡ଼ ଶ୍ରେଷ୍ଠ ଦଳ

ବରପାଲି, ୨୫।୧୦(ସମିସ)

ବରପାଲି ବାଳକ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ବରଗଡ଼ ଜିଲ୍ଲାସ୍ତରୀୟ ସ୍କୁଲ ଫୁଟବଲ ପ୍ରତିଯୋଗିତା ଶନିବାର ଉଦ୍ଯାପିତ ହୋଇଯାଇଛି । ପ୍ରତିଯୋଗିତାରେ ବାଳକ ବିଭାଗରେ ବରଗଡ଼ ଦଳ ଟ୍ରାଇବ୍ରେକର ଜରିଆରେ ଭେଡେନ ଦଳକୁ ୫-୩ ଗୋଲ ଦେଇ ଅଗ୍ରଣୀ ହେବା ସହ ଶ୍ରେଷ୍ଠ ଦଳ ବିବେଚିତ ହୋଇଥିଲା । ବାଳିକା ବିଭାଗରୁ ବରପାଲି ଦଳ ଗାଇସିଲେଟ ଦଳକୁ ୭ ଗୋଲରେ ପରାସ୍ତ କରି ଶ୍ରେଷ୍ଠ ଦଳର ମାନ୍ୟତା ହାସଲ କରିଥିଲା । ଚାମ୍ପିଅନସିପରେ ବରଗଡ଼ ଜିଲ୍ଲାର ସମସ୍ତ ବ୍ଲକରୁ ୧୨ଟି ଲେଖାଏ ଦଳ ଉଭୟ ବିଭାଗରେ ଭାଗ ନେଇଥିଲେ । ବାଳକ ବିଭାଗରୁ ଅଙ୍କିତ ପଧାନ ଚାମ୍ପିଅନ ହୋଇଥିବା ବେଳେ ବାଳିକା ବିଭାଗରୁ ନିକିତା ଦୀପ ଚାମ୍ପିଅନ ଭାବେ ପୁରସ୍କୃତ ହୋଇଥିଲେ । ମୁଖ୍ୟ ଅତିଥି ଭାବେ ବରପାଲି ବ୍ଲକ ଚେୟାରମ୍ୟାନ ରୀନା ଥଇତ, ସମ୍ମାନିତ ଅତିଥି ଭାବେ ବରପାଲି ଏନଏସି ଚେୟାରମ୍ୟାନ ଦିନେଶ ଗହୀର ଓ ସମାଜସେବୀ ନରେନ୍ଦ୍ର ହୋତା, ସାଗରଲାଲ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ସଭାପତିତ୍ୱ କରିଥିବା ବେଳେ ବିଇଓ ମୁକୁନ୍ଦ ମହରା ଅତିଥି ପରିଚୟ ପ୍ରଦାନ କରିଥିଲେ । ନିମନ୍ତ୍ରିତ ଅତିଥି ଭାବେ ଲାଞ୍ଜିଗଡ଼ ବିଇଓ ରୁଷିଆ ମେହେର, ବିଜେପୁର ବିଇଓ ବଲ୍ଲଭ ମେହେର, ବରପାଲି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ଭୁଏ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଧାନଶିକ୍ଷକ ଅଶୋକ ପଣ୍ଡା ଓ ପିଇଟି କୌସ୍ତୁଭ ସାହୁଙ୍କ ଦ୍ୱାରା ମଞ୍ଚ ପରିଚାଳନା ହୋଇଥିଲା । ବରପାଲି ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନୋଜ ସେଠି ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଧାନଶିକ୍ଷକ ଭରତ ଗିରି, ମନୋଜ ବାରିକ, ଠାକୁର ପ୍ରସାଦ କୁମ୍ଭାର, ପୂର୍ଣ୍ଣ ଚନ୍ଦ୍ର ବଡ଼େଇ, ପ୍ରତିଭା ମିଶ୍ର, ନିବେଦିତା ସ୍ୱାଇଁ, କମଳାକାନ୍ତ ସିଂ, ଡୋଲମଣୀ ପଟେଲ ପ୍ରମୁଖଙ୍କ ସମେତ ବହୁ ସିଆରସିସି ଓ ଖେଳ ଶିକ୍ଷକ କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ ।



# ବାଘ ଗଣନାରେ ସାମିଲ ହେଲେ ଛାତ୍ରଛାତ୍ରୀ



**ବରଗଡ଼, ୨୫।୧୦(ସମିସ):** ୧୯୮୫ ମସିହାରୁ ବରପାହାଡ଼ ଜଙ୍ଗଲ, ଡେବ୍ରିଗଡ଼ ଅଞ୍ଚଳକୁ ଅଭୟାରଣ୍ୟ ଭାବେ ସରକାର ଘୋଷଣା କରିଛନ୍ତି। ଡେବ୍ରିଗଡ଼ ଅଭୟାରଣ୍ୟରେ ପ୍ରତିବର୍ଷ ବନ୍ୟଜନ୍ତୁ ଗଣନା ହୋଇଥାଏ। ଚଳିତ ବର୍ଷ ସରକାରଙ୍କ ତରଫରୁ ସାରା ଭାରତରେ ବ୍ୟାଘ୍ର ଜନଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ କମଗାଁ ମହାବିଦ୍ୟାଳୟର ୧୨ ଜଣ ଛାତ୍ର ଓ ୪ ଜଣ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ। ଆଜି ହୀରାକୁଦ ବନ୍ୟ ପ୍ରାଣୀ ବିଭାଗର ବନ ଅଧିକାରୀ ଅଂଶୁ ପ୍ରଜ୍ଞା ଦାସଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ୧୬ ଜଣ ଛାତ୍ରଛାତ୍ରୀ ଆମ୍ବାସାଡର ଭାବେ ମନୋନୀତ ହୋଇଛନ୍ତି। ସେମାନେ ବନ ଅଧିକାରୀଙ୍କ ସହିତ ମିଶି ବ୍ୟାଘ୍ର ଜନଗଣନା କାର୍ଯ୍ୟକ୍ରମରେ ସାମିଲ ହେବେ। ଆଜି କମଗାଁ ଫରେଷ୍ଟ ରେଞ୍ଜର ରାଜେଶ ମହାକୁଡ, ଫରେଷ୍ଟର ଏ.ଜେନା ଓ ଅନ୍ୟାନ୍ୟ ଜଙ୍ଗଲ ବିଭାଗର କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରାଧ୍ୟାପକ ରବି ନାରାୟଣ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ତ୍ରୁଟିପୂର୍ଣ୍ଣ ଡ୍ରେନ୍ ପ୍ଲାନିଂ

# ସ୍କୁଲ ଆଗରେ ଡ୍ରେନ୍ ପାଣି; ଶୁଣୁନି ପୌରପରିଷଦ

**ଝାରସୁଗୁଡ଼ା, ୨୫।୧୦(ସମିସ)**

ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌର ପରିଷଦ ଅଧୀନ ୱାର୍ଡ ନମ୍ବର ୧୩ ସାନଯୋବ ଗାଁରେ ଅନେକ ସମସ୍ୟା ରହିଛି। ବାରମ୍ବାର ଅଭିଯୋଗ ପରେ ମଧ ସମାଧାନ ହେଉନାହିଁ। ଗାଁଟି କୋଇଲା ଖଣି ପ୍ରଭାବିତ ଅଞ୍ଚଳ ଓ ବ୍ରଜରାଜନଗର ପୌରପରିଷଦ ଅନ୍ତର୍ଭୁକ୍ତ। ହେଲେ ଗାଁକୁ ପୌର ପରିଷଦ ଅଣଦେଖା କରିଆସୁଛି। ଗାଁ ମଝିରେ ରହିଥିବା ଏକ ମୁକୁଳା ଡ୍ରେନରେ ପାଣି ଜମି ରହୁଛି। ପୁଣି ଡ୍ରେନ୍‌ଟି ସାନଯୋବ ପ୍ରାଥମିକ ବିଦ୍ୟାଳୟର ସମ୍ମୁଖରେ ରହିଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଏହି ମୁକୁଳା ଡ୍ରେନ ଅସ୍ୱାସ୍ଥ୍ୟକର ଓ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିବା ସହ ସମ୍ଭାବ୍ୟ ବିପଦର ଭୟ ସୃଷ୍ଟି କରୁଛି। ଏନେଇ ବାରମ୍ବାର



ପୌରପରିଷଦ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ କେହି ଶୁଣୁନାହାନ୍ତି ବୋଲ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏପରିକି ଗାଁର ବିଭିନ୍ନ ଅଞ୍ଚଳରେ ନିର୍ମାଣ ହୋଇଥିବା ଡ୍ରେନରେ ଗୋରୁ ଗାଈ ପଡ଼ି ସେମାନଙ୍କର ମୃତ୍ୟୁ ହେଉଥିବା ଅନେକ ଦୃଷ୍ଟାନ୍ତ ରହିଛି। ପୌର ଯନ୍ତ୍ରୀଙ୍କ ତ୍ରୁଟିପୂର୍ଣ୍ଣ ପ୍ଲାନିଂ ଓ ଖାମଖିଆଲ ମନୋଭାବ ଯୋଗୁଁ ଏ ଭଳି ପରିସ୍ଥିତି ସୃଷ୍ଟି ହୋଇ ଥିବା କୁହାଯାଇଛି। ଏହାର ବିରୋଧରେ ଗାଁବାସୀ ଓ ଗାଁର ସାରଙ୍ଗ ଅଡ଼ା ବ୍ରଜରାଜନଗର ପୌରପରିଷଦ ଅଧିକାରୀଙ୍କୁ ଏକ ବର୍ଷ ହେବ ଲିଖିତ ଅଭିଯୋଗ କରିଥିଲେ। ସ୍ଥାନୀୟ କାଉନସିଲର ମଧ ପୌର ଅଧିକାରୀଙ୍କୁ ଅବଗତ କରାଇ ଥିଲେ। କିନ୍ତୁ ଏହାପରେ ମାସ ମାସ ବିତିଗଲେ ମଧ ପୌରପରିଷଦ ପକ୍ଷରୁ କୌଣସି କାର୍ଯ୍ୟ କରାଯାଉ ନାହିଁ। ଏପରିକି ପ୍ରତି ମାସରେ ପରିମଳ ବାବଦକୁ ପୌର ପରିଷଦ ପକ୍ଷରୁ ୩୦ ଟଙ୍କା ଘର ପିଛା ଆଦାୟ କରାଯାଉଛି। କିନ୍ତୁ ଏହି ଡ୍ରେନଟିର ସଫେଇ କରାଯାଉ ନାହିଁ ବୋଲି ଗାଁବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହାର ସମାଧାନ ନ ହେଲେ ଗ୍ରାମବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେବାକୁ ବାଧ ହେବା ସହ ଆବଶ୍ୟ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

# ବିକାଶ ଡିଗ୍ରୀ କଲେଜରେ ଦାସରୀ ବୀର୍‌ରାଜୁ ସ୍ମାରକୀ ବକ୍ତୃତା

**ବରଗଡ଼, ୨୫।୧୦(ସମିସ):** ସ୍ଥାନୀୟ ବିକାଶ ହାୟର ଏଜୁକେସ୍ନାଲ ଇନ୍‌ଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ଡିଗ୍ରୀ କଲେଜ ଇଂରାଜୀ ବିଭାଗ ଦ୍ୱାରା ସ୍ୱର୍ଗତ ଦାସରୀ ବୀରରାଜୁ ସ୍ମାରକୀ



ବକ୍ତୃତା ମାଳାର ପ୍ରଥମ ଅଧ୍ୟାୟ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ.କାଳିଦାସ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପାଇଁ 'ଆଇଟିଟି' ଶୀର୍ଷକ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷ ପ୍ର. ସତ୍ୟବ୍ରତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ୍ ଡି.ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରକଲ୍ୟାଣ ଡିନ୍ ଆର୍.ଏସ୍.ଭି କ୍ରିଷ୍ଣା ତାଙ୍କ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ର ଡ.କାଳିଦାସଙ୍କୁ 'ଭାବ ବେଳାଭୂମି' କବିତା ସଂକଳନ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଚେୟାରମ୍ୟାନ୍ ଡି.ନାଗେଶ୍ୱର ରାଓଙ୍କ ଦ୍ୱାରା ମୁଖ୍ୟବକ୍ତା ଡ.କାଳିଦାସ ମିଶ୍ରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କୋଅର୍ଡିନେଟର ସୁରଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରତୀକ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ପ୍ରଜ୍ଞା ପରିମିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ବର୍ଷା ପ୍ରିୟଦର୍ଶିନୀ ପ୍ରଧାନ ମଞ୍ଚ ସଞ୍ଚାଳନ କରିଥିଲେ।

# ପକ୍ସୋ ଆକ୍ଟ ଏବଂ ନିଶା ଅଭ୍ୟାସ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ୨୫।୧୦(ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ଶନିବାର ପକ୍ସୋ ଅଧିନିୟମ ଏବଂ ନିଶା ଅଭ୍ୟାସ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଜିଲ୍ଲା ଏବଂ ଦୌରାଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ କୋଲାବିରା ବ୍ଲକ ଅଧୀନ ସରକାରୀ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ଠାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ ନାୟକ, ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ ପ୍ରମୁଖ ବିଚାର ବିଭାଗୀୟ ଅଧିକାରୀ ମାନଙ୍କ ସହ




କିଶୋର ନ୍ୟାୟ ବୋର୍ଡର ସଦସ୍ୟା ମମତା ତ୍ରିପାଠୀ ଯୋଗ ଦେଇଥିଲେ। ପକ୍ସୋ ଅଧିନିୟମରେ ଥିବା ବିଭିନ୍ନ ନିୟମ ଏବଂ ଦଣ୍ଡବିଧାନ, ନିଶା ଗ୍ରହଣ କରିବାର ଅଭ୍ୟାସ ଓ ନିରାକରଣ ତଥା ଆଇନ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ବିଷୟରେ ବିଷଦ ଆଲୋଚନା ହୋଇଥିଲା। ଅତିଥି ମାନେ ଏସମସ୍ତ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ।

# ଯୁବତୀ ଦୁଷ୍କର୍ମର ଶିକାର, ଜଣେ କୋର୍ଟ ଚାଲାଣ

**ରିଆମାଳ, ୨୫।୧୦(ସମିସ):** ରିଆମାଳ ଥାନାଞ୍ଚଳରେ ଜଣେ ୨୦ ବର୍ଷିୟା ଯୁବତୀ ଦୁଷ୍କର୍ମର ଶିକାର ହୋଇଛନ୍ତି। ଏହି ମାମଲାରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଯୁବକ ଜଣକ ଦର୍ଜିମୁଣ୍ଡା ଗାଁର ବୋଲି ଜଣାପଡ଼ିଛି। ୧ ମାସ ପୂର୍ବରୁ ପୀଡ଼ିତା ଯୁବତୀଙ୍କୁ ଜଙ୍ଗଲରେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। କିଛି ଦିନ ପୂର୍ବରୁ ସେହି ଯୁବତୀଙ୍କୁ ଅସଦାଚରଣ କରିଥିଲା। ଶେଷରେ ପୀଡ଼ିତା ସେରିଆମାଳ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ କରି ସମସ୍ତ ତଥ୍ୟ ପ୍ରମାଣ ପାଇବା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ବରପାଲି ମହାବିଦ୍ୟାଳୟ ଇତିହାସ ବିଭାଗ ସମ୍ପାନ

**ବରପାଲି, ୨୫।୧୦(ସମିସ):** ବରପାଲି ମହାବିଦ୍ୟାଳୟ ପରିସରରେ ଇତିହାସ ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନେଇ ଆଲୋଚନା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅଶୋକ ପଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ଜୟନ୍ତୀ ଦାଶ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପାଠଚକ୍ରର ଆଲୋଚ୍ୟ ବିଷୟ 'କଳିଙ୍ଗର ଭୌଗଳିକ ଇତିହାସ' ସମ୍ପର୍କରେ ଆଲୋଚନା ହୋଇଥିଲା। ଜଗବନ୍ଧୁ ଦାସ ସ୍ନାତକ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଇତିହାସ ବିଭାଗ ଅଧ୍ୟାପକ ଡ.ଭଗବାନ ମହାନନ୍ଦ, ଡ.କାହ୍ନୁ ମେହେର, ଡ.ବାଳକୃଷ୍ଣ ପଟେଲ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ପାଠଚକ୍ରରେ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଛାନ୍ଦଲିସା ତାଣ୍ଡି, ମୁନା ମେହେର, ରାଜେଶ କର୍ମୀ, ତାରାକାନ୍ତ ପାତ୍ର, ରାଜା ବାରିକ, ଶ୍ରାବଣୀ ନଇ ପ୍ରମୁଖ ନିଜ ପ୍ରସ୍ତୁତ ପ୍ରବନ୍ଧ ମାନ ଉପସ୍ଥାପନ ସହ ଆଲୋଚନା କରିଥିଲେ। ଶେଷରେ ଛାତ୍ର ତାରାକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଣା ପ୍ରତାପ ସ୍କୁଲରେ ଚାରାଚୋପଣ

**ବରଗଡ଼, ୨୫।୧୦(ସମିସ):** ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟରେ 'ଏକ ପେଡ୍ ମାଁକେ ନାମ୍' କାର୍ଯ୍ୟକ୍ରମ ଉପଲକ୍ଷେ ଚାରାରୋପଣ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଘାସିରାମ ଭୋଇ, ଦିଲ୍ଲୀପ ମେହେର ପ୍ରମୁଖ ମୁଖ୍ୟ ଅତିଥି ଭାବେ ସ୍କୁଲ ପରିସରରେ ବଉଳ ଗଛରୋପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷା ପଦ୍ମିନୀ ଗଡ଼ତିଆ ଆଲୁମୁନି କମିଟି ଅଧ୍ୟକ୍ଷ ନନ୍ଦ କିଶୋର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଇକୋ କ୍ଲବ୍ ଭାରପ୍ରାପ୍ତ ଶିକ୍ଷକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ବୃନ୍ଦାବନ ବିହାରୀ ଦାଶଙ୍କ ଜୟନ୍ତୀ ପ୍ରସ୍ତୁତି

**ବରପାଲି, ୨୫।୧୦(ସମିସ):** ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ସାହିତ୍ୟ ବନ୍ଧୁ ବୃନ୍ଦାବନ ବିହାରୀ ଦାଶଙ୍କ ଜୟନ୍ତୀ ନିମନ୍ତେ ସ୍ମୃତି କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ହୋଇଯାଇଛି। ଗୁରୁବାର କାଳଜୟୀ ପ୍ରତିଭା ସାହିତ୍ୟ ବନ୍ଧୁଙ୍କ ୮୪ ତମ ଜନ୍ମ ଜୟନ୍ତୀ ଆୟୋଜନ ସମ୍ପର୍କିତ ବିସ୍ତୃତ ଆଲୋଚନା କରାଯାଇଥିଲା। କମିଟି ସମ୍ପାଦକ ଯତୀନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଉତ୍ସବରେ ପ୍ରସନ୍ନ ମିଶ୍ର ଭାଷା ସାହିତ୍ୟ ପ୍ରଚାରକ ଓ ସମାଜସେବୀ ଅନ୍ତର୍ଯ୍ୟାମୀ ପଣ୍ଡା ଦ୍ୱୟଙ୍କୁ 'ସାହିତ୍ୟ ବନ୍ଧୁ ବୃନ୍ଦାବନ ବିହାରୀ ଦାଶ ସ୍ମୃତି ସମ୍ମାନ ୨୦୨୫' ପ୍ରଦାନ ନିମନ୍ତେ ସିଦ୍ଧାନ୍ତ ନିଆଯାଇଛି। ସେହିପରି ବ୍ଲକ ସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ରାଜଶ୍ରୀ ସାହୁ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ଆଦ୍ୟାସା ଅଲିଭା ରାୟ, ସ୍ନାତକ ଶ୍ରେଣୀ ଛାତ୍ରୀ ଅର୍ଚ୍ଚନା ସାହୁଙ୍କୁ ପୁରସ୍କୃତ କରାବାକୁ ଧାର୍ଯ୍ୟ କରାଯାଇଥିଲା। ଏହି ପରିପ୍ରେକ୍ଷିରେ କମିଟି ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ସହ ରକ୍ତଦାନ ଶିବିର ଆୟୋଜନ କରିବାକୁ ସ୍ଥିରୀକୃତ ହୋଇଛି।

# ଅନୁଗୁଳରେ ଗାଁ ଦିବସ

**ଝାରବନ୍ଧ, ୨୫।୧୦(ସମିସ):** କଳାକ୍ଷେତ୍ର ଓଡ଼ିଶା ଅନୁଷ୍ଠାନର ଆହ୍ୱାନରେ ଝାରବନ୍ଧ ବ୍ଲକ ଅନଗୁଳ ଗାଁରେ 'ଗାଁ ଦିବସ' ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଗାଁର ସଂସ୍କୃତି ପରମ୍ପରା, ଚାଲିଚଳଣି, କଳା ସଂସ୍କୃତି ତଥା ଭାଇଚାରା ସମ୍ପର୍କରେ ଆଲୋଚନା ହୋଇଥିଲା। କାଳରତ୍ନ ଘନଶ୍ୟାମ ନାଗ ସଂଯୋଜନା କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଗାଁର ଗୌନ୍ତିଆ ପ୍ରଶାନ୍ତ ପ୍ରଧାନଙ୍କ ସହିତ ଦୟାନିଧି ଚାନ୍ଦ, ରୁଷବା ଭୋଇ, ସଞ୍ଜୟ ବରିହା, ସଞ୍ଜୟ ବରିହାଙ୍କ ସମେତ ଅନେକ ଜନସାଧାରଣ ସାମିଲ ଥିଲେ।

# ଇନ୍ଦ୍ର ଦରବାରରେ ସଂଘମିତ୍ରା ଗ୍ରୁପ୍ ସମ୍ମାନିତ

**ବରଗଡ଼, ୨୫।୧୦(ସମିସ):** ପଞ୍ଚାୟତ କଲେଜ ପରିସରରେ ଅନୁଷ୍ଠିତ ଗୋବର୍ଦ୍ଧନ ପୂଜା ଏବଂ ଇନ୍ଦ୍ର ଦରବାର କାର୍ଯ୍ୟକ୍ରମରେ ପ୍ରମୁଖ ସମାଜସେବୀ ସଂଗଠନ ସଂଘମିତ୍ରା ଗ୍ରୁପକୁ ସମ୍ମାନିତ କରାଯାଇଛି। ଗ୍ରୁପର ସଦସ୍ୟ ତରଣୀ ସାହୁ, ସନ୍ୟାସୀ ପ୍ରଧାନ, ସଞ୍ଜୀବ ମେହେର, ଅନୁପମା ଭୋଇ ଏବଂ ସଂଘମିତ୍ରା ଗ୍ରୁପର ପ୍ରଚାରକ ସାହୁ ମାଉସୀ ମଧ ଉପସ୍ଥିତ ଥିଲେ। ସଂଘମିତ୍ରା ଗ୍ରୁପର ସଦସ୍ୟମାନେ ବରଗଡ଼ର ଲୋକଙ୍କ ସେବା ପାଇଁ ସେମାନଙ୍କର ପ୍ରତିବଦ୍ଧତା ପ୍ରକାଶ କରିଥିଲେ।



# ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନରେ ନିଃଶୁଳ୍କ ଏକ୍ସରେ ପରୀକ୍ଷା

**ଅମ୍ବାଭୋନା, ୨୫।୧୦ (ସମିସ):** କେନ୍ଦ୍ର ସରକାରଙ୍କ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ତରଫରୁ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ଲେଥେର ଆୟୁଷ୍ମାନ ଆରୋଗ୍ୟ ଶିବିର ଠାରେ ଯକ୍ଷ୍ମା ରୋଗ ଚିହ୍ନଟ ପାଇଁ ମାଗଣାରେ ଏକ୍ସରେ ପରୀକ୍ଷା କରାଯାଇଛି। ରୋଗୀ ଚିହ୍ନଟ ପ୍ରକ୍ରିୟାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡ.ଆଞ୍ଚଳ ପ୍ରଧାନ ଯୋଗ ଦେଇଥିଲେ। ଭୁବନେଶ୍ୱର ସ୍ଥିତ ଜେନେକ୍ସ ଡିସଟ୍ରିବ୍ୟୁସନ ଲିମିଟେଡର କର୍ମଚାରୀ ଶୁଭମ ଜେନା ଏକ୍ସରେ ଫଟୋ ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ୧୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଏକ୍ସରେ କରାଯାଇଥିଲା। ଅମ୍ବାଭୋନା ବ୍ଲକର ସମସ୍ତ ପଞ୍ଚାୟତରେ



ଏହି ସୁବିଧା ଉପଲବ୍ଧ ଅଛି ଏବଂ ଯକ୍ଷ୍ମା ଆକ୍ରାନ୍ତ ହେବ ସନ୍ଦେହ ହେଲେ ରୋଗୀ ନିଜ ନିଜ ଅଞ୍ଚଳର ଆଶାକର୍ମୀ ବା ସ୍ୱାସ୍ଥ୍ୟକର୍ମୀଙ୍କୁ ଯୋଗାଯୋଗ କରିପାରିବେ। କାର୍ଯ୍ୟକ୍ରମରେ ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ପଲ୍ଲବୀ ସାହୁ, ସିଏଚଓ ଇନ୍ଦିରା ପ୍ରିୟଦର୍ଶିନୀ ସାମନ୍ତରାୟ, ଟିବି ଚାମ୍ପିଅନ ଶ୍ୟାମ ସୁନ୍ଦର ସେଠ, ଦୟାରାମ ଦାସ ଓ ଆଶାକର୍ମୀ ଗଣ ଉପସ୍ଥିତ ଥିଲେ। ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଯକ୍ଷ୍ମା ସୁପରଭାଇଜର ଶଙ୍କର ପ୍ରସାଦ ମେହେର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର

**ଝାରସୁଗୁଡ଼ା, ୨୫।୧୦(ସମିସ):** ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଆରୋମା ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ମାତୃଜ୍ୟୋତି ପରିସରରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଉପରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଭାରତ ସରକାରଙ୍କର ସ୍ୱଳ୍ପ ସଞ୍ଚୟ ଜମା ତଥା ସାଇବର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଆର୍ଥିକ ସାକ୍ଷରତା ପରାମର୍ଶଦାତା ମୁକୁନ୍ଦ ମାଝୀ ଚିଟଫଣ୍ଡ କମ୍ପାନୀରେ ପରିଶ୍ରମ ଅର୍ଜିତ ଧନକୁ ବିନିଯୋଗ ନକରିବା ପରାମର୍ଶ ଦେବା ସହ ଭାରତ ସରକାରଙ୍କ ବୀମା ଓ ପେନସନ ଯୋଜନା ବିଷୟରେ ଆଲୋଚନା କରିଥିଲେ।



କାର୍ଯ୍ୟକ୍ରମ ପରିଚାଳନାରେ ସଞ୍ଚୟ ଓ ଆର୍ଥିକ ସେବା ବିଭାଗର ହେମକାନ୍ତ ବାଗ, ଜଗନ୍ନାଥ ରାଉତ ପ୍ରମୁଖ ସହଯୋଗ କରିଥିଲେ।



**ଝାରସୁଗୁଡ଼ା:** ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଏକ ଜିଲ୍ଲା ସ୍ତରୀୟ ଆନ୍ତଃ ବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏଥିରେ ଭାଗ ନେଇଥିବା ଛାତ୍ରଛାତ୍ରୀ 'ନିୟମିତ ସଞ୍ଚୟର ଆବଶ୍ୟକତା ଓ ଅନଲାଇନ ଆର୍ଥିକ ଠକେଇ ସମ୍ପର୍କିତ ସଚେତନତା' ବିଷୟରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଚାରକ ରୂପେ ଜିଲ୍ଲା କ୍ରୀଡା ଅଧିକାରୀ ତୁଷାରକାନ୍ତି ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ସୁରକ୍ଷା ଅଧିକାରୀ ଚୂଡ଼ାମଣି ପଣ୍ଡା ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ରାଉତ ଯୋଗ ଦେଇଥିଲେ।

## ରାଷ୍ଟ୍ରୀୟ ପୋଷଣ ମାସ

# ତେଲ, ଲୁଣ ଓ କୃତ୍ରିମ ରଙ୍ଗର ବ୍ୟବହାର କମ୍ କରିବାକୁ ଆହ୍ୱାନ

**ଝାରସୁଗୁଡ଼ା, ୨୫।୧୦(ସମିସ)**

ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ୮ମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଛି। ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁନ୍ୟବତୀ ହେଲେନ୍ ଖେସ, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ମଧୁଲିତା ସାହୁ ଓ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ସେବାଷ୍ଟିନ ହୋରୋ, ଯୋଗ ଦେଇଥିଲେ। ମେଦ ବହୁଳତାର ହ୍ରାସ ପାଇଁ ଖାଦ୍ୟରେ ଲୁଣ, ଚିନି ଓ ତେଲର ବ୍ୟବହାରକୁ କମ୍ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଶୈଶବ ଅବସ୍ଥାରେ ଶିଶୁର ଯତ୍ନ ଓ ଶିକ୍ଷା ଜରିଆରେ ୬ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ବୌଦ୍ଧିକ ବିକାଶ ଉପରେ ପ୍ରାଧାନ୍ୟ, ଉତ୍ତମ ପୋଷଣ ଉପରେ ଗୁରୁତ୍ୱ ଜିଲ୍ଲାପାଳ କାର୍ଯ୍ୟାଳୟରୁ କିଷାନ ଛକ ପର୍ଯ୍ୟନ୍ତ ଜିଲ୍ଲାର ଶତାଧିକ ଅଙ୍ଗନବାଡି କର୍ମୀ, ବିଭାଗର ସମସ୍ତ କର୍ମଚାରୀ ଓ ପଞ୍ଚାୟତିରାଜ ସଦସ୍ୟ



ଦେଇ ଶିକ୍ଷା ପ୍ରଦାନ, ନବଜାତ ଓ ଶିଶୁଙ୍କ ଉତ୍ତମ ପୋଷଣ ପାଇଁ ସ୍ତନ୍ୟପାନ, ଗର୍ଭବତୀ ମହିଳା ଓ ଶିଶୁ ମାନଙ୍କ ସୁରକ୍ଷା ପାଇଁ ମହିଳା ମାନଙ୍କ ସହ ପୁରୁଷ ମାନଙ୍କ ସହଭାଗିତା ବିଷୟରେ ଆଲେଚନା କରାଯାଇଥିଲା। ମାନଙ୍କୁ ନେଇ ସଚେତନତା ରାଲି ଅନୁଷ୍ଠିତ କରାଯାଇଥିଲା। ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗର ସହଭାଗିତାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ଶିବିରରେ ରକ୍ତଚାପ, ରକ୍ତ ଶର୍କରା ଓ ରକ୍ତହୀନତାର ଯାଞ୍ଚ କରାଯାଇଥିଲା। ଜିଲ୍ଲାର ଅଙ୍ଗନବାଡି କର୍ମୀଙ୍କ ଦ୍ୱାରା ହାତ ତିଆରି ପୁଷ୍ଟିକର ରନ୍ଧାଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ପୁଷ୍ଟିକର ଖାଦ୍ୟକୁ ପ୍ରାଧାନ୍ୟ ଦେବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୋଷଣ ବିଷୟରେ ସଚେତନତା ପାଇଁ ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ଓ କୁଇଜ୍ ପ୍ରତିଯୋଗିତା କରି ୯ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେସ୍ ଓ ଜିଲ୍ଲା ସଂଯୋଜକ ରମାକାନ୍ତ ନାଏକ ମଞ୍ଚ ପରିଚାଳିନା କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଓ ମହିଳା ସଶକ୍ତିକରଣ ହବର ସମସ୍ତ କର୍ମଚାରୀଙ୍କ ସହଯୋଗିତାକୁ ପ୍ରଶଂସା କରି ଶେଷରେ ସବ୍ ଡିଭିଜନାଲ ସୁରକ୍ଷା ଅଧିକାରୀ ମିନାକ୍ଷୀ ରାଜ୍ ସମସ୍ତଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ।

# ମଦମୁକ୍ତ ଅଞ୍ଚଳ ପାଇଁ ସାଗରପାଲିରେ ବୈଠକ

**ଝାରସୁଗୁଡ଼ା, ୨୫।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଭଇଁରଖୋଲ ପଞ୍ଚାୟତ ଅଧୀନ ସାଗରପାଲି ଗାଁରେ ମଦ ବନ୍ଦ ପାଇଁ ବୈଠକ ଅନୁଷ୍ଠିତ ହୋଇଛି। ସାଗରପାଲି ଗାଁର ୧୦ ଏବଂ ଓ ୧୧ ନମ୍ବର ୱାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଗାଁର ବିଶିଷ୍ଟ ବ୍ୟକ୍ତି ମାନଙ୍କ ଉପସ୍ଥିତିରେ ମଦ ବିରୋଧୀ ସଚେତନତା ପାଇଁ ଆଜି ଏକ ସଭା କରିଛନ୍ତି। ଗତ ୧ ବର୍ଷ ଧରି ଏହି ମହିଳା ମାନେ ଅଞ୍ଚଳରେ ମଦ ବିରୋଧୀ ଅଭିଯାନ ଚଳାଇ ଆସୁଛନ୍ତି। ମଦ ମୁକ୍ତ ଅଞ୍ଚଳ ଗଠନ କରିବାରେ ଅନେକ ମାତ୍ରାରେ ସଫଳ ମଧ ହୋଇଛନ୍ତି। ତେବେ ଗାଁକୁ ସମ୍ପୂର୍ଣ୍ଣ ମଦ ମୁକ୍ତ କରିବା ସହ ଆଖପାଖ ଅଞ୍ଚଳରେ



କିପରି ମଦ ବିକ୍ରି ବନ୍ଦ ହେବ ସେନେଇ ସଭାରେ ଆଲୋଚନା କରାଯାଇଛି। ଏହାସହ ଲୋକଙ୍କ ମଧ୍ୟରେ ସଚେତନତା ଆଣି ସେମାନଙ୍କୁ ନିଶା ଦ୍ରବ୍ୟ ବର୍ଜନ ପାଇଁ ପ୍ରୋତ୍ସାହିତ କରିବାକୁ ମଧ ଆଲୋଚନା ହୋଇଥିଲା।

ସକାଳ THE SAKALA



# ନୂଆପଡ଼ାରେ କେବଳ ବିଜେଡି ହିଁ ଲୋକଙ୍କ ବିଶ୍ୱାସ ଅତୁଟ ରଖିପାରିବ








- ବିଶାଳ ଜନସଭାରେ ଶକ୍ତି ପ୍ରଦର୍ଶନ କଲା ବିଜେଡି
- ନବୀନଙ୍କ ପ୍ରତି ଆସ୍ଥା ପ୍ରକଟ କରି ଶଙ୍ଖ ଧରିଲେ ବିଜେପି ଓ କଂଗ୍ରେସ ନେତା
- ୪୭ ଜଣ ବିଜେପି, କଂଗ୍ରେସ ନେତା ସାମିଲ
- ସ୍ୱର୍ଗତ ଢୋଲକିଆଙ୍କ ଅଧୁରା କାର୍ଯ୍ୟ ଶେଷ ପାଇଁ ଅବିଶ୍ରାନ୍ତ ପରିଶ୍ରମ କରିବି: ସ୍ନେହାଙ୍ଗିନୀ

**ନୂଆପଡ଼ା, ୨୫ ।୧୦(ସମିସ)**

ବିଶାଳ ଜନଭାଗିଦାରୀକୁ ନେଇ ଆଜି ବିଜୁ ଜନତା ଦଳ ନୂଆପଡ଼ାରେ ଶକ୍ତି ପ୍ରଦର୍ଶନ କରିଛି। ନୂଆପଡ଼ାବାସୀଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଥିବା ଅତୁଟ ବିଶ୍ୱାସକୁ ବିଶାଳ ମିଶ୍ରଣ ପର୍ବ ମାଧ୍ୟମରେ ଆହୁରି ସୁଦୃଢ଼ କରିପାରିଛି। ବିଭିନ୍ନ ସ୍ଥାନରେ ଆୟୋଜିତ ଜନସଭା ମାଧ୍ୟମରେ ବିଜେଡି ନେତାମାନେ ନିଜ ଦଳର ସଶକ୍ତ ସଂଗଠନ ଓ ଲୋକମାନଙ୍କ ସହିତ ଅତୁଟ ସମ୍ପର୍କକୁ ଆହୁରି ସୁଦୃଢ଼ କରିବାର ପ୍ରତିବଦ୍ଧତା ଜାହିର କରିଥିଲେ। ଖରିଆରରୋଡ୍ ନଗରପାଳିକା (ଏନ୍ଏସି)ରେ ଆୟୋଜିତ ମିଶ୍ରଣ ପର୍ବ ଅବସରରେ ୪୭ ଜଣ ବିଜେପି ଓ କଂଗ୍ରେସ ନେତା ବିଜୁ ଜନତା ଦଳରେ ଯୋଗଦେଲେ। ଏହି ଯୋଗଦାନ ବିଜେଡିର ଲୋକାଭିମୁଖୀ ଶାସନ ଓ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ପ୍ରତି ଆସ୍ଥାକୁ ପ୍ରତିପାଦିତ କରିଥିଲା।ଏହି ଅବସରରେ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, କଳିକେଶ ନାରାୟଣ ସିଂହଦେଓ, ପ୍ରଶାନ୍ତ ମୁଦୁଲି, ଆୟୁବ ଖାନ ଓ ଅଳକା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଖରିଆରରୋଡ଼ ନଗରପାଳିକାର ୧୯ଟି ୱାର୍ଡରୁ ଆସିଥିବା ଶହ ଶହ ସଦସ୍ୟ ଓ ସମର୍ଥକମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍ସାହ ବଢ଼ାଇଥିଲେ।ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ଦିବଙ୍ଗତ ନେତା ରାଜେନ୍ଦ୍ର ଢୋଲକିଆଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣପୂର୍ବକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜେଶ ନିଗମଙ୍କ ସଂଯୋଜନାରେ ଆୟୋଜିତ ସଭାରେ ରାଜେଶ ଚୌହାନ, ନନ୍ଦଲାଲ ସିଂହ ଓ ରୀତା କାଶ୍ୟପ ଅଂଶଗ୍ରହଣ କରିଥିଲେ।

ନୂଆ କରି ଦଳରେ ଯୋଗ ଦେଇଥିବା ସଦସ୍ୟମାନେ ବିଜେଡିର ବ୍ୟାନର ତଳେ ଖରିଆର ଓ ନୂଆପଡ଼ା ଜିଲ୍ଲାର ଉନ୍ନତି ପାଇଁ ସଙ୍କଳ୍ପ ନେଇଥିଲେ। ବିଜେଡି ପକ୍ଷରୁ କୋମନା ବ୍ଲକର ଦେବଧରା ପଞ୍ଚାୟତରେ ଆୟୋଜିତ ବିଶାଳ ପଦଯାତ୍ରା ଓ ସଭାରେ ଯୋଗଦେଇ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଦେବଧରା ମନ୍ଦିରରେ ପୂଜାର୍ଚ୍ଚନା କରି ଗୁରୁଜନଙ୍କ ଆଶୀର୍ବାଦ ନେଇଥିଲେ। ଚାନ୍ଦବାଲିର ବିଧାୟକ ବ୍ୟୋମକେଶ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଛୁରିଆ କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଲୋକଙ୍କ ସେବାରେ ସମର୍ପିତ। ତାଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ସଦାସର୍ବଦା ଲୋକଙ୍କ ପାଇଁ ନିଃସ୍ୱାର୍ଥପର ଭାବେ କାମ କରି ଚାଲିଥିବ। ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ମୁଁ ଆଜି ଆପଣମାନଙ୍କ ଆଶୀର୍ବାଦ କାମନା କରୁଛି।ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ନୂଆପଡ଼ା ପାଇଁ ଯାହା ସବୁ ଅଧୁରା କାମ ଛାଡି ଯାଇଛନ୍ତି, ତାହା ପୂରଣ କରିବା ପାଇଁ ମୁଁ ଅବିଶ୍ରାନ୍ତ ଉଦ୍ୟମ କରିବି।ସଭାରେ ନୂଆପଡ଼ା ଜିଲ୍ଲାପରିଷଦ ଅଧ୍ୟକ୍ଷା ଡଲି ମହାନ୍ତି ଉଦ୍‌ବୋଧନ ଦେଇ କହିଥିଲେ ଯେ, କୋମନା ଓ ନୂଆପଡ଼ା ଜିଲ୍ଲାରେ ଯେପରି ଉନ୍ନତି ହୋଇଛି, ତାହା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱର ଫଳ।କିନ୍ତୁ ଗତ ୧୬ ମାସ ଧରି ବିଜେପି, ବିଜେଡି ସରକାର ଆରମ୍ଭ କରିଥିବା ଅନେକ ଉନ୍ନୟନ ପ୍ରକଳ୍ପକୁ ଅଟକାଇ ରଖିଛି।ଏହି ସଭାରେ ଜିଲ୍ଲାପରିଷଦ ସଦସ୍ୟ ମୁରଲି ଭୋଇଙ୍କ (କୋମନା ବ୍ଲକ, ବିଜେଡି ଜୋନ-୧) ସହିତ ଅନେକ ଗ୍ରାମ୍ୟସ୍ତରୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ ଓ ଦଳକୁ ତୃଣମୂଳ ସ୍ତରରେ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ କରିଥିଲେ। ଗତ ସନ୍ଧ୍ୟାରେ ନୂଆପଡ଼ା ନଗରପାଳିକାରେ ଆୟୋଜିତ ହୋଇଥିବା ବିଶାଳ ସାଧାରଣ ସଭାରେ ହଜାରେରୁ ଅଧିକ ସଦସ୍ୟ ଓ ସମର୍ଥକ ଯୋଗ ଦେଇଥିଲେ। ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକଙ୍କ ଅଧ୍ୟକ୍ଷତାରେସଭା ଆୟୋଜିତ ହୋଇଥିଲା। ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, କହିଥିଲେ ଯେ, ଓଡ଼ିଶାର ଉନ୍ନତି ଓ ଲୋକକଲ୍ୟାଣ ପାଇଁ କେବଳ ବିଜେଡି କାମ କରୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ନୂଆପଡ଼ା ଜିଲ୍ଲା ଏକ ସମୃଦ୍ଧି ଦେଖିବ।ସଭାରେ ବର୍ଷା ସିଂ ବରିହା, ଦୀପାଳି ଦାସ, ଦିନେଶ ଆଚାର୍ଯ୍ୟ, ଆୟୁବ ଖାନ ଓ ସ୍ୱରୂପ ଦାସ ଉପସ୍ଥିତ ରହି ମହିଳା ସଶକ୍ତିକରଣ, ପଞ୍ଚାୟତିରାଜ ଶାସନ ଓ ସାମଗ୍ରୀକ ଉନ୍ନତି ପାଇଁ ବିଜେଡିର ଦୃଢ଼ ସଂକଳ୍ପକୁ ଦୋହରାଇଥିଲେ। ସମସ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ବିଜୁ ଜନତା ଦଳ ନୂଆପଡ଼ା ଜିଲ୍ଲାରେ ଶାନ୍ତି, ଉନ୍ନତି ଓ ସମୃଦ୍ଧିର ବାର୍ତ୍ତା ପ୍ରେରଣ କରାଯାଇଥିଲା।




## ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପ୍ରଚାର



**ନୂଆପଡ଼ା, ୨୫ ।୧୦(ସମିସ):** ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ଉପନିର୍ବାଚନ ପାଇଁମାତ୍ର ଦୁଇ ସପ୍ତାହରୁ କମ୍ ଦିନ ବାକି ରହିଲା। ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ତରଫରୁ ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ ହୋଇ ଯାଇଛି। ଶନିବାର ବିଜେପି ତରଫରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନୂଆପଡ଼ା ଜିଲ୍ଲା ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ସ୍ଥାନୀୟ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ବର୍ତ୍ତମାନର ବିଜେପି ବିଧାୟକ ପ୍ରାର୍ଥୀ ଜୟ ଢୋଲକିଆ ପ୍ରମୁଖ ଯୋଗ ଦେଇଥିଲେ।ଏହି ଅବସରରେ ଦଳର ସଂଗଠନକୁ ମଜବୁତ କରିବା ସହ ଜୟଙ୍କୁ ଭୋଟଦେଇ ବିଜୟୀ କରିବାକୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଶେଷ କରି ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଦଳୀୟ ମହିଳା କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

### ନୂଆପଡ଼ା ବ୍ଲକ୍ ବିଜେଡିର କର୍ମକର୍ତ୍ତାଙ୍କ ବୈଠକ

## ଯୋଗଦାନ କଲେ ଶତାଧିକ ମତ୍ସ୍ୟଜୀବୀ

**ଭୁବନେଶ୍ୱର, ୨୫ ।୧୦(ସମିସ):** ବିଜୁ ଜନତା ଦଳ ପକ୍ଷରୁ ନୂଆପଡ଼ା ନିର୍ବାଚନ ମଣ୍ଡଳୀର ନୂଆପଡ଼ା ବ୍ଲକ ଜୋନ-୯ ଅନ୍ତର୍ଗତ ମୋଟାନୂଆପଡ଼ା ଓ ଖୁତବେନଭିରା ପଞ୍ଚାୟତର କର୍ମକର୍ତ୍ତାଙ୍କୁ ନେଇ ଉଭୟ ପଞ୍ଚାୟତରେ କର୍ମକର୍ତ୍ତା ବୈଠକ ଆୟୋଜିତ ହୋଇଯାଇଛି। ଉକ୍ତ ବୈଠକରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇ, ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି ବିଜୁ ଜନତା ଦଳକୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ଭୋଟରଙ୍କ ପାଖକୁ ଯାଇ ନୂଆପଡ଼ାର ବିକାଶ ପାଇଁ ଶଙ୍ଖ ଚିହ୍ନରେ ବିପୁଳ ବିଜୟ ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଶତାଧିକ ମତ୍ସ୍ୟଜୀବୀ ଯୋଗଦାନ କରିଥିଲେ। ନିର୍ବାଚନରେ ବିଜୁ ଜନତା ଦଳ କିପରି ନୂଆପଡ଼ାରେ ପୁନଃ ବିଜୟ ଲାଭ କରିବ, ସେ ନେଇ କର୍ମୀଙ୍କ ସହ ଆଲୋଚନା ପୂର୍ବକ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଉଭୟ ପଞ୍ଚାୟତର ଶତାଧିକ କର୍ମୀ, ସମର୍ଥକଙ୍କ ସମେତ ଯୁବ ବିଜେଡି ନେତା ମନୋଜ ସେନାପତି, ଶିବାନନ୍ଦ ପରିଛା, ରାକେଶ ପଣ୍ଡା, ଛାତ୍ରନେତା ଦେବଜ୍ୟୋତି ପଟ୍ଟନାୟକ, ଲିଲେଶ୍ୱର ରାଉତ, ବିଜୟ ଶଙ୍କର ମାଝୀ, ଉମେଶ ଉଜିର, ଦୀନେଶ ଉଜିର, ମହେଶରାମ ମାଝୀ, ତାତୁରାମ ପାଣ୍ଡେ, ବିଦ୍ୟାଚରଣ ଦାନୀ, ମଲ୍ଲିକ କୁମାର ବାଗ ପ୍ରମୁଖ ଉପସ୍ଥିତ ହୋଇ ଦଳ ପ୍ରତି ନିଜର ନିଷ୍ଠା ଓ ସମର୍ପଣ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଗ୍ରାମ୍ୟସ୍ତରରେ ଦଳକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ସମସ୍ତ କର୍ମୀ ଏକତ୍ର ଓ ସକ୍ରିୟ ଭାବେ ଅଭିଯାନ ଜାରି ରଖିବାକୁ ଆହ୍ୱାନ ଜଣାଯାଇଥିଲା।



### ଅବକାରୀ ବିଭାଗର ତଲାସୀ ଅଭିଯାନ

## ୫ ବାଇକ୍ ଚାରିଚକିଆ ଯାନ ସହ ବିପୁଳ ଅବକାରୀ ସାମଗ୍ରୀ ଜବତ

**ନୂଆପଡ଼ା, ୨୫ ।୧୦(ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ଅବକାରୀ ବିଭାଗ ତରଫରୁ ତତ୍ପରତା ସହିତ ତଲାସୀ ଅଭିଯାନ ଚାଲିଛି। ଗତ ୨୪ତାରିଖରେ ବିଭାଗୀୟ ଅଧିକାରୀ ଯାଞ୍ଚ କରି ୧୭୦ ଲିଟର ହାତ ରନ୍ଧା ମଦ, ୮ ଲିଟର ବାହାର ଭାଟି ମଦ, ୪୧୦୦ କେଜି ମହୁଲ ପୋଚ ଏବଂ ୧୪.୫୦୦ ଲିଟର କଫ ସିରପ୍ ଜବତ କରିଛନ୍ତି। ଏସବୁର ଆନୁମାନିକ ମୂଲ୍ୟ ୨ଲକ୍ଷ ୪୭ ହଜାର ୫୦୦ ଟଙ୍କା ହେବ।ଅଦ୍ୟାବଧି ଅବକାରୀ ବିଭାଗ ୬୯ଲି ବିଅର, ୩୮ଲି ବିଦେଶୀ ମଦ, ୪୧୭୦ ଲିଟର ହାତ ରନ୍ଧା ମଦ, ୧୦୬୨ଲି ବାହାର ଭାଟି ମଦ, ୪କେଜି ଗଞ୍ଜେଇ, ୧୪.୫୦୦ଲି କଫ ସିରପ୍ ଏବଂ ୯୮.୪୦୦କେଜି ମହୁଲ ପୋଚ ଜବତ କରିଛନ୍ତି। ଏସବୁର ଆନୁମାନିକ ମୂଲ୍ୟ ୬୯ ଲକ୍ଷ ୭୦ ହଜାର ୧୪୨ ଟଙ୍କା ହେବ। ଏହା ସହିତ ୫ଟି ବାଇକ୍ ଏବଂ ଏକ ଚାରିଚକିଆ ଯାନ ମଧ୍ୟ ଅବକାରୀ ବିଭାଗ ଜବତ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୩୧ ଟି ଅବକାରୀ କେଶ୍ ରୁଜୁ ହୋଇଛି ଓ ୭୯ ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ଅଧିକ୍ଷକ ଜଣାଇଛନ୍ତି। ନିର୍ବାଚନ ସମୟରେ ବେଆଇନ ଅବକାରୀ ସାମଗ୍ରୀ ଚାଲାଣ ଓ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ନିୟୋଜିତ ସମସ୍ତ ଟିମ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କ ନୂଆପଡ଼ା ଗସ୍ତ

## ମାଓ ଉପଦ୍ରୁତ ଅଞ୍ଚଳ ଗସ୍ତ କରି ସମୀକ୍ଷା

**ନୂଆପଡ଼ା, ୨୫ ।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପରିପେକ୍ଷୀରେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନୂଆପଡ଼ା ମାଓ ଉପଦ୍ରୁତ ଅଞ୍ଚଳ ଗସ୍ତ କରିଛନ୍ତି। ଶ୍ରୀ ଖୁରାନିଆ ଜିଲ୍ଲା ପୁଲିସ ପ୍ରଶାସନର ସମୀକ୍ଷା ବୈଠକରେ ଯୋଗଦାନ କରି ନିର୍ବାଚନକୁ ମୁକ୍ତ ଏବଂ ଅବାଧ କରିବା ନେଇ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରିବାକୁ ଯୋଜନା କରିଥିଲେ। ସାମ୍ବାଦିକଙ୍କୁ ସୂଚନା ଦେଇ କହିଥିଲେ ଯେ ଆମ ପାଖରେ ଆବଶ୍ୟକ ପରିମାଣରେ ସୁରକ୍ଷା ବାହିନୀ ରହିଛନ୍ତି। ଛତିଶଗଡ଼ ଓ ଓଡ଼ିଶା ସୀମାକୁ ସିଲ କରିଥିବା ପ୍ରକାଶ କରିଛନ୍ତି।ସେହିପରି ମାଓଦମନ ଅପରେସନସ୍ଥିତି ସମୀକ୍ଷା କରିଥିବା ବେଳେ ମାଓ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଗସ୍ତ ବେଳେ ନୂଆପଡ଼ା ଏସ୍‌ପି ଅମୃତ ପାଲ ସିଂଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ପୁଲିସ ଉଚ୍ଚସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।




## ମାଷ୍ଟରଟ୍ରେନରଙ୍କ ତାଲିମ ଅଧିବେଶନ

**ନୂଆପଡ଼ା, ୨୫ ।୧୦(ସମିସ)**

ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରସ୍ତୁତିର ଏକ ଅଂଶ ସ୍ୱରୂପ ଜିଲ୍ଲାର ସେକ୍ଟର ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ଏବଂ ବିଧାନସଭାସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କ ପାଇଁ ପ୍ରିଜାଇଡିଂ ଅଫିସର ପିଆରଓ ମଡ୍ୟୁଲ ଉପରେ ତାଲିମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ତାଲିମପ୍ରାପ୍ତ ଅଧିକାରୀମାନେ ଆଗାମୀ ଦ୍ୱିତୀୟ ପର୍ଯ୍ୟାୟ ତାଲିମରେ ପ୍ରିଜାଇଡିଂ ଅଧିକାରୀମାନଙ୍କୁ ଏସବୁ ବିଷୟରେ ତାଲିମ ପ୍ରଦାନ କରିବେ।ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ମଧୁସୂଦନ ଦାଶ ଅଧିବେଶନର ଅଂଶଗ୍ରହଣକାରୀ ଅଧିକାରୀଙ୍କୁ ସମ୍ବୋଧିତ କରି ସୁଗମ ଏବଂ ସ୍ୱଚ୍ଛ ନିର୍ବାଚନ ପରିଚାଳନାର ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ବିଭିନ୍ନ ବ୍ୟବହାରିକ ସମସ୍ୟା ଉପରେ ଆଲୋଚନା କରିଥିଲେ ଏବଂ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ସେମାନଙ୍କର ପ୍ରଶ୍ନର ସ୍ପଷ୍ଟୀକରଣ ଦେଇଥିଲେ। ବୈଷୟିକ ଅଧିବେଶନରେ ଏନଆଇସି ଡିଆଇଓ ବିନୟ ତିୱାରୀ ଇସିଆଇ ନେଟ୍ ପ୍ରୋଗ୍ରାମ ଆପ ବିଷୟରେ ବୁଝାଇଥିଲେ। ପିଆରଓ ମଡ୍ୟୁଲର ବିଭିନ୍ନ ବୈଶିଷ୍ଟ୍ୟ ଏବଂ କାର୍ଯ୍ୟକାରିତା ଉପରେ ବିସ୍ତୃତ ମାର୍ଗଦର୍ଶନ ଏବଂ ବ୍ୟବହାରିକ ତାଲିମ ପ୍ରଦାନ କରିଥିଲେ। ସମସ୍ତ ପ୍ରିଜାଇଡିଂ ଅଫିସର ମତଦାନର ଗୋଟିଏ ଦିନ ପୂର୍ବରୁ ଇସିଆଇ ନେଟ ଆପରେ ଲଗ ଇନ କରି ସେମାନଙ୍କ ପୋଲିଂ ଷ୍ଟେସନ୍ ବିବରଣୀ ଯାଞ୍ଚ କରିବେ। ପୋଲିଂ ଷ୍ଟେସନରେ ପହଞ୍ଚିବା ପରେ ପୋଲିଂ ପାର୍ଟିର ଆଗମନ ସ୍ଥିତି ମାର୍କ କରିବେ। ଆପ୍ରେ ପୋଲିଂ ଏଜେଣ୍ଟଙ୍କ ସଂଖ୍ୟା ଏବଂ ମକ ପୋଲ ସମାପ୍ତି ଅପଡେଟ୍ କରିବେ।ସକାଳ ୯ଟା, ୧୧ଟା, ଅପରାହ୍ନ ୧ଟା, ୩ଟା, ଏବଂ ୫ ଟା ସମୟରେ ପ୍ରତି ଦୁଇ ଘଣ୍ଟାରେ ଥରେ ମତଦାନର ସ୍ଥିତି ତଥ୍ୟ ଦେବେ। ପୋଲିଂ ଷ୍ଟେସନ ଛାଡିବା ପୂର୍ବରୁ ଫର୍ମ ୧୭-ସି ଅନୁଯାୟୀ ମତଦାନ ସମାପ୍ତି ତଥ୍ୟ ଦେବେ। ମୋବାଇଲ ବ୍ୟାଟେରୀ ଶେଷ ନ ହେବା ପାଇଁ ଏବଂ ଆପ କାମ ଜାରୀ ରଖିବା ନିମନ୍ତେ ଏକ ପାୱାର ବ୍ୟାଙ୍କ ନିଜ ସହିତ ରଖିବେ।ସିଷ୍ଟମରେ ସମସ୍ତ ତଥ୍ୟ ସଫଳତାର ସହ ଅପଡେଟ୍ ହେବା ପରେ ଆପରୁ ଲଗ ଆଉଟ କରିବେ। ଏହାପରେ ନିର୍ବାଚନ କମିଶନ୍ ନିଯୁକ୍ତ ଯନ୍ତ୍ରୀ ଆଲବର୍ଟ ଆଶିର୍ବାଦ ପାତ୍ର ଓ ଡେପୁଟୀ କଲେକ୍ଟର ଶେଖ୍ ନସିମ୍ ଅଧିକାରୀମାନଙ୍କୁ ଇଭିଏମ୍ ଓ ଭି ଭି ପାଟ ପରିଚାଳନା କରିବା ପାଇଁ ଭୋଟିଂ ମେସିନ୍‌ରେ ପ୍ରାକ୍ଟିକାଲ୍ ଟ୍ରେନିଂ ଦେଇ ସେମାନଙ୍କ ସମସ୍ତ ପ୍ରଶ୍ନର ଉତ୍ତର ରଖିଥିଲେ। ବୈଠକରେ ଜିଲ୍ଲାପାଳଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ପ୍ରଫୁଲ୍ଲ କୁଜୁର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।ନିର୍ବାଚନ ପରିଚାଳନା ବ୍ୟବସ୍ଥାର ପ୍ରଭାବଶାଳୀ କାର୍ଯ୍ୟାନୟନ ଏବଂ ତଦାରଖ ସୁନିଶ୍ଚିତ କରିବା କ୍ଷେତ୍ରରେ ସେକ୍ଟର ଅଧିକାରୀ ଏବଂ ମାଷ୍ଟର ଟ୍ରେନର ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ଜିଲ୍ଲାପାଳ ସେମାନଙ୍କୁ ଅତ୍ୟନ୍ତ ସାବଧାନତାର ସହ ଦାୟୀତ୍ୱ ନିର୍ବାହ କରିବା ପାଇଁ ଆହ୍ୱାନ ଦେଇଥିଲେ।



## ଟେଲିଭିଜନ ପ୍ରିମିୟର




# 'ଅନନ୍ତା'

ଜୀ ସାର୍ଥକରେ ଅକ୍ଟୋବର ୨୬ ତାରିଖ ସନ୍ଧ୍ୟା ୬ଟା ୩୦ରେ ଟେଲିଭିଜନ ପ୍ରିମିୟର ହେବ ଓଡ଼ିଆ ବ୍ଲକବଷ୍ଟର ଫିଲ୍ମ 'ଅନନ୍ତା'। ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ସୃଷ୍ଟି 'ରାଣ୍ଡିପୁଅ ଅନନ୍ତା' ଅବଲମ୍ବନରେ ତିଆରି ଏହି ଫିଲ୍ମ 'ଅନନ୍ତା'ର ମୌଳିକ କାହାଣୀଟି ଭଳରେ ଦର୍ଶକଙ୍କୁ ହଲକୁ ଟାଣିଥିଲା। ଅନେକ ଦର୍ଶକ ଏହି ଚଳଚ୍ଚିତ୍ର 'ଅନନ୍ତା'କୁ ଦେଖି ଭାବୁକ ହୋଇଥିଲେ ଓ କିଛି ଫିଲ୍ମ ହଲରେ ମଧ୍ୟ କାନ୍ଦି ପକାଇଥିଲେ । ତେବେ ଅନନ୍ତା ଚଳଚ୍ଚିତ୍ର ବଡ଼ ପରଦାରେ ଅପୂର୍ବ ସଫଳତା ପରେ ପ୍ରଥମ ଥର ଫିଲ୍ମ ୱାର୍ଲ୍ଡ ଟିଭି ପ୍ରିମିୟର ଆଜି ହେବ। ଏହି ଫିଲ୍ମରେ ସବ୍ୟସାଚୀଙ୍କ ବିପକ୍ଷରେ ଅଛନ୍ତି ସୂର୍ଯ୍ୟମୟୀ ମହାପାତ୍ର। ଏମାନଙ୍କ ବ୍ୟତୀତ କୁନା ତ୍ରିପାଠୀ, ଜ୍ୟୋତିର୍ମୟୀ ପଣ୍ଡା, ପୃଥ୍ୱୀରାଜ ନାୟକ ଓ ତାପସ ସରଘରିଆ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ସବ୍ୟସାଚୀ ମହାପାତ୍ର ଓ କୁମାର ସି.ଦେବ ମହାପାତ୍ର।

# ନଭେମ୍ବରରେ ନାଟ୍ୟାଭିନୟ 'ବାଲିଯାତ୍ରା'



ପ୍ରାଚୀନ କଳିଙ୍ଗର ସୁପ୍ରସିଦ୍ଧ ସାଧବମାନଙ୍କର ସ୍ୱର୍ଣ୍ଣିମ ଇତିହାସର ଏକ ଧାର୍ମିକ ନାଟ୍ୟାଭିନୟ ହେଉଛି 'ବାଲିଯାତ୍ରା'। ସାଧବମାନଙ୍କର ଅସାଧାରଣ ଅନୁଭୂତିକୁ ମୂର୍ତ୍ତିମନ୍ତ କରିବାର ଏକ ଅଭିନବ ପ୍ରୟାସ। ପୂଜ୍ୟ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ କାବ୍ୟାତ୍ମକ ଅନୁସୃଜନ ଉପରେ ଆଧାରିତ ଗୌରବୋଜ୍ଜ୍ୱଳ ନାଟ୍ୟରୂପାୟନ ହେଉଛି 'ବାଲିଯାତ୍ରା'। ଯାହାର ପରିକଳ୍ପନା ଓ ଗୀତ ରଚନା ସାଙ୍ଗକୁ ସଙ୍ଗୀତ ନିର୍ଦ୍ଦେଶନାର ଗୁରୁ ଦାୟିତ୍ୱ ବହନ କରିଛନ୍ତି ନିଜେ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ଏବଂ ନିର୍ଦ୍ଦେଶନା ଦେଉଛନ୍ତି ବିନି ସାମଲ। ସାଇଶ୍ରଦ୍ଧା ପ୍ରଡକ୍ସନ ଦ୍ୱାରା ପ୍ରସ୍ତୁତ ଏହି ନାଟ୍ୟାଭିନୟକୁ ଦେଶବିଦେଶରେ ପହଞ୍ଚାଇବା ତଥା ଅତୀତର ଗୌରବ ଗାଥାକୁ ପୁନର୍ଜୀବିତ କରିବା ଲାଗି ବିନି ସାମଲଙ୍କର ଏହା ଅନନ୍ୟ ପ୍ରୟାସ। ଏଥିରେ ଅଶ୍ରୁମୋଚନ ମହାନ୍ତି, ଶ୍ରୀତମ ଦାସ, ସୁକାନ୍ତ ରଥ, ଅଖିଳ ପଟ୍ଟନାୟକ, ସାହେବ ସିଂ, ସୋହମ, ଶୁଭାଶିଷ, ଶକ୍ତି ବରାଳ, ଶମ୍ଭୁ ଖୁଣ୍ଟିଆ, ମିଲୁ, ହିତୈଶା ବାଗ, ଲଭରିନ ଖାନ, ସୌମ୍ୟା ସୁଚରିତା ସାହୁ, ସୁଶ୍ରୀ ସଙ୍ଗୀତା ବେହେରା, ମାମାଲି ସାହୁ, ଲିପ୍ସା ମହାରଣା ଓ ପ୍ରିୟଙ୍କା ସାହୁ ପ୍ରମୁଖ ଅଭିନୟ କରିଛନ୍ତି। ସେହିପରି ପାରିକୁଦ ଓ ଭିଙ୍ଗାରପୁର ଠାରେ ଏହାର ସୁଟିଂ ଚାଲିଥିବା ବେଳେ କୋରିଓଗ୍ରାଫି ଦାୟିତ୍ୱ ନିର୍ବାହ କରୁଛନ୍ତି ବବି ଇସଲାମ୍। ତେବେ ଆସନ୍ତା ନଭେମ୍ବର ୫ ତାରିଖରେ ଉତ୍କଳ ମଣ୍ଡପରେ ଏହା ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ ହେବ। ଗୁରୁ ଚନ୍ଦ୍ରଭାନୁ ଶତପଥୀଙ୍କ ମାର୍ଗଦର୍ଶନ ଓ ବିନି ସାମଲଙ୍କ ପ୍ରଚେଷ୍ଟାରେ 'ଶ୍ରୀଜଗନ୍ନାଥଙ୍କ ନବକଳେବର'ର ସଫଳତା ପରେ ଏଥର 'ବାଲିଯାତ୍ରା'ର ନାଟ୍ୟାଭିନୟ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି 'ବାଲିଯାତ୍ରା'ର ଟିମ୍ ଆଶାବ୍ୟକ୍ତ କରିଛନ୍ତି।

# ଆଓ ନେକ୍ସଟ୍‌ରେ 'କର୍ମ'




ପୂର୍ବ ଭାରତର ଲୋକପ୍ରିୟ ଓ ପ୍ରିମିୟମ୍ ଓଟିଟି ଷ୍ଟ୍ରିମିଂ ପ୍ଲାଟଫର୍ମ ଆଓ ନେକ୍ସଟ୍‌ରେ ଅକ୍ଟୋବର ୨୧ରୁ ଉପଲବ୍ଧ ହୋଇସାରିଛି ସୁପରହିଟ୍ ଫିଲ୍ମ 'କର୍ମ'। ୨୦୨୪ ଦଶହରାରେ ସୁନାମୀ ଆଣିଥିଲା ଏହି ଫିଲ୍ମ। ଧରାପୃଷ୍ଠରେ ଜନ୍ମ ନେଇ ଈଶ୍ୱର ମଧ୍ୟ ନିଜ କର୍ମର ଫଳ ନିଜେ ଭୋଗିଛନ୍ତି। ଯେଉଁଠି ଈଶ୍ୱର କର୍ମଫଳ ଭୋଗୁଛନ୍ତି, ସେଠି ମଣିଷ ବା ବର୍ତ୍ତିଯିବ କେମିତି? ଯିଏ ଯେମିତି କର୍ମ କରିବ, ସେ ତା'ର ଫଳ ନିଶ୍ଚୟ ପାଇବ। ଏଭଳି ଏକ ବାର୍ତ୍ତା ନେଇ ନିର୍ମିତ 'କର୍ମ'। ଫିଲ୍ମରେ ସୁପରଷ୍ଟାର୍ ଅନୁଭବ ମହାନ୍ତି ମୁଖ୍ୟ ଚରିତ୍ରରେ ନଜର ଆସିଥିବା ବେଳେ ତାଙ୍କ ବିପକ୍ଷରେ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ନଜର ଆସିଛନ୍ତି । ଏହି ଫିଲ୍ମରେ ପ୍ରଥମ ଥର ପାଇଁ ଅନୁଭବ ଓ ସୂର୍ଯ୍ୟମୟୀଙ୍କ ଯୋଡ଼ିକୁ ଦେଖିବାକୁ ମିଳିଛି । ଅନ୍ୟ ଭୂମିକାରେ ଅଭିନେତ୍ରୀ ଦିବ୍ୟା ଚୌଧୁରୀ, ଜୟ ପ୍ରକାଶ, ନିଶାନ୍ତ ମଜିଠିଆ, ଉଦିତ ଗୁରୁ ରହିଥିବା ବେଳେ ସନୋଜ ଓ ମନ୍ମୟ ଦେ ଏହି ଫିଲ୍ମ ସହ ଡେବ୍ୟୁ କରିଛନ୍ତି।

# 'ଶମ୍ଭୁ'ର ଅଡିଓ ରିଲିଜ୍



ନିକଟରେ ଇମେଜ୍ କ୍ୟାମ୍ପସରେ ଓଡ଼ିଆ ସିନେମା 'ଶମ୍ଭୁ'ର ଅଡିଓ ଏବଂ ଟ୍ରେଲର ରିଲିଜ୍ ହୋଇଯାଇଛି। ଏଥିରେ ନିର୍ଦ୍ଦେଶକ ଦିଲୀପ ପଣ୍ଡା, ପ୍ରଯୋଜକ ବିଭୂତି ଭୂଷଣ ଜେନା, ସହ ପ୍ରଯୋଜକ ଅଭିଷେକ୍ ଜେନା, ସଂଳାପକାର ଡଃ ରଜନୀ ରଞ୍ଜନ, ସଂଗୀତ ନିର୍ଦ୍ଦେଶକ ଦୀପକକୁମାର ଏବଂ ଶୁଭମ୍, ହରିହର ମହାପାତ୍ର, ଡିସ୍କୋ ରେଡ୍ଡି , ସୁଧାକର ବସନ୍ତ , ଜୀବନ ପଣ୍ଡା ପ୍ରମୁଖ କଳାକାରମାନେ ଉପସ୍ଥିତ ଥିଲେ। ଏହି ସିନେମାରେ ଶୁଭମଙ୍କ ସହ ତମନ୍ନା ବ୍ୟାସ ଏବଂ ଯାତ୍ରା ଜଗତର ସୁପର୍ ଷ୍ଟାର ପୀୟୂଷ ତ୍ରିପାଠୀ ବି ନଜର ଆସିବେ। ଏହାର ମ୍ୟୁଜିକ୍ ରାଇଟସ୍ ଆମର ମ୍ୟାଜିକ୍ ନେଇଛି। ଫିଲ୍ମଟି ଅକ୍ଟୋବର ୩୧ ତାରିଖରେ ପ୍ରେକ୍ଷାଳୟରେ ରିଲିଜ୍ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।

## ପରଦା ପଛର କାହାଣୀ

# ଗୋଟିଏ ଟାଇଟଲ୍‌ରେ ଦୁଇଟି ଫିଲ୍ମ



ବଲିଉଡ୍‌ରେ ଗୋଟିଏ ଟାଇଟଲ୍‌କୁ ନେଇ ଏକାଧିକ ଫିଲ୍ମ ସୁଟିଂ ହୋଇଛି। ଏହି କ୍ରମରେ ଅମିତାଭ ବଚ୍ଚନ ଓ ମିଥୁନ ଚକ୍ରବର୍ତ୍ତୀଙ୍କ ଅଭିନୀତ ଗୋଟିଏ ଟାଇଟଲ୍‌କୁ ନେଇ ଦୁଇଟି ଫିଲ୍ମ ତିଆରି ହୋଇଥିଲା। ସେଥିମଧ୍ୟରୁ ଗୋଟିଏ ଫିଲ୍ମ ସୁପରହିଟ୍ ହୋଇଥିବାବେଳେ ଅନ୍ୟଟି ଫ୍ଲପ୍ ହୋଇଥିଲା। ଏହି ଫିଲ୍ମଟି ଥିଲା 'ମର୍ଦ୍ଦ'। ଗୋଟିଏ ଫିଲ୍ମରେ ବିଗ୍ ବି ଓ ଅନ୍ୟଟିରେ ମିଥୁନ ଚକ୍ରବର୍ତ୍ତୀ ଅଭିନୟ କରିଥିଲେ। ଦୁଇଜଣ ନିଜ ନିଜ ସମୟର ସୁପର୍‌ଷ୍ଟାର। କିନ୍ତୁ 'ମର୍ଦ୍ଦ' ଟାଇଟଲ୍ ଜଣଙ୍କ ପାଇଁ ଲକି ହୋଇଥିବାବେଳେ, ଆଉ ଜଣଙ୍କ ପାଇଁ ଅନ୍‌ଲକି ସାବ୍ୟସ୍ତ ହୋଇଥିଲା। ଫିଲ୍ମ 'ମର୍ଦ୍ଦ'ରେ ୧୬ ବର୍ଷ ସାନ ଡିମ୍ପଲ କପାଡିଆଙ୍କ ସହ ଅମିତାଭ ରୋମାନ୍ସ କରିଥିଲେ। ବିଗ୍ ବିଙ୍କ ପାଇଁ ଏହି ଫିଲ୍ମଟି ଥିଲା ଖୁବ୍ ଲକି। ବକ୍ସ ଅଫିସ୍‌ରେ ଏହା ରେକର୍ଡ ସଂଖ୍ୟକ ଆୟ କରିଥିଲା। ଅମିତାଭ ବଚ୍ଚନଙ୍କ ସୁପରହିଟ୍ ଫିଲ୍ମ 'ମର୍ଦ୍ଦ' ୧୯୮୫ରେ ରିଲିଜ ହୋଇଥିଲା। ମନମୋହନ ଦେଶାଇ ଏହାର ନିର୍ଦ୍ଦେଶନା ଦେଇଥିଲେ। ଦୀପାବଳି ଅବସରରେ ଏହା ମୁକ୍ତିଲାଭ କରିଥିଲା। ଏଥିରେ ଅମିତାଭ ବଚ୍ଚନ, ଦାରା ସିଂ, ଅମୃତା ସିଂ, ଗୋଗା କପୁରଙ୍କ ଭଳି କଳାକାରମାନେ ଅଭିନୟ କରିଥିଲେ। ଏହି ଫିଲ୍ମରେ ମ୍ୟୁଜିକ୍ ଦେଇଥିଲେ ଅନୁ ମଲ୍ଲିକ୍। ଫିଲ୍ମର କାହାଣୀ ଦର୍ଶକଙ୍କୁ ଏତେ ପସନ୍ଦ ଆସିଥିଲା ଯେ, ଏହି ସିନେମାଟି ସେତେବେଳେ ରେକର୍ଡ ସଂଖ୍ୟକ ଆୟ କରିଥିଲା, ଯାହାର ବର୍ତ୍ତମାନର ମୂଲ୍ୟ ୪୫୦ କୋଟି ଟଙ୍କା ହେବ। ସେପଟେ ମିଥୁନ ଚକ୍ରବର୍ତ୍ତୀଙ୍କ 'ମର୍ଦ୍ଦ' ଫିଲ୍ମ ତାଙ୍କ ପାଇଁ କାଳ ସାଜିଥିଲା। ମିଥୁନ ଚକ୍ରବର୍ତ୍ତୀଙ୍କ ଅଭିନୀତ ଫିଲ୍ମ 'ମର୍ଦ୍ଦ' ୧୯୯୮ ମସିହାରେ ମୁକ୍ତିଲାଭ କରିଥିଲା। ଏଥିରେ କାଦର ଖାନ୍, ଗୁଲ୍‌ସନ୍ ଗ୍ରୋବର, ରଜା ମୁରଦ୍‌ଙ୍କ ସମେତ ଜନି ଲିବରଙ୍କ ଭଳି କଳାକାର ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ। ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ଗଣପତି ବୋହରା। ଫିଲ୍ମରେ ଆକ୍ସନ ସିନ୍ ଭରି ରହିଥିଲା। ତେବେ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ଏଥିରେ ମିଥୁନ୍ ଚକ୍ରବର୍ତ୍ତୀ ଏସିପି ଅର୍ଜୁନ ଭୂମିକା ନିର୍ବାହ କରିଥିଲେ। ଏଥିରେ ସେ ଜଣେ ସଚ୍ଚୋଟ ପୁଲିସ ଅଫିସର ଥିଲେ। ଗୋଟିଏ ଟାଇଟଲ୍‌ରେ ଦୁଇଟି ଫିଲ୍ମ ନିର୍ମିତ ହୋଇଥିଲା, ତେବେ ଅମିତାଭଙ୍କ ଅଭିନୀତ 'ମର୍ଦ୍ଦ'କୁ ଦର୍ଶକେ ଗ୍ରହଣ କରିଥିଲେ, କିନ୍ତୁ ମିଥୁନଙ୍କ 'ମର୍ଦ୍ଦ'କୁ ସଫଳତା ମିଳି ପାରି ନଥିଲା।




## ସାକ୍ଷାତକାର

# ଜଣେ କଳାକାର ପାଇଁ ପ୍ରତିଟି ଚରିତ୍ର ବେଶ୍ ଗୁରୁତ୍ୱପୂର୍ଣ୍ଣ

**ସୌମ୍ୟା ସୁମନ ମହାନ୍ତି, ଅଭିନେତ୍ରୀ**

ଅଭିନେତ୍ରୀ ହେବାକୁ ସେ ପିଲାବେଳୁ ଭାବିଥିଲେ। 'ଶତାବ୍ଦୀର କଳାକର' ଥିଏଟରରେ ତାଲିମ ନେଲେ। ସେ ୫ରୁ ୬ଟି ଲୋକପ୍ରିୟ ନାଟକରେ ଅଭିନୟ କରିଛନ୍ତି। ୨୦୨୪ ମସିହାରେ ରିଆଲିଟି ଶୋ' 'ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂ'ରେ ଫାଷ୍ଟ ରନର୍ସଅପ୍ ହୋଇଥିଲେ। ନୃତ୍ୟ ଓ ଅଭିନୟରେ ରୁଚି ରଖୁଥିବା ଏଭଳି ଜଣେ କଳାକାର ହେଉଛନ୍ତି କଟକ ନିଆଳିର ସୌମ୍ୟା ସୁମନ ମହାନ୍ତି। 'ସୁନୟନା' ଧାରାବାହିକରେ ସେ ପ୍ରୀତି ଭୂମିକାରେ ହୃଦୟସ୍ପର୍ଶୀ ଅଭିନୟ କରିଛନ୍ତି। କେବଳ ସେତିକି ନୁହେଁ, ଏକାଧିକ ମ୍ୟୁଜିକ୍ ଭିଡିଓରେ ତାଙ୍କ ଚମତ୍କାର ଅଭିନୟ ଦେଖିବାକୁ ମିଳିଛି। ଏବେ 'ଚକ୍ରାନ୍ତ' ସିନେମାରେ ଡେବ୍ୟୁ କରୁଛନ୍ତି ସୌମ୍ୟା। ତେବେ ରିଆଲିଟି ଶୋ'ରୁ ନାୟିକା ହେବାର ଯାତ୍ରା କେମିତି ଥିଲା ଜାଣିବା ତାଙ୍କ ମୁହଁରୁ।



**ଅଭିନେତ୍ରୀ ହେବାକୁ କାହିଁକି ଆଗ୍ରହ ପ୍ରକାଶ କଲେ ?**

- ପିଲାଦିନୁ ଅଭିନେତ୍ରୀ ହେବାକୁ ଲକ୍ଷ୍ୟ ରଖିଥିଲି। ତେଣୁ 'ଶତାବ୍ଦୀ କଳାକାର' ଥିଏଟରରେ ତାଲିମ ନେଉଥିଲି। 'କାନ୍ତ କାନ୍ତା', 'ଆପଣ ମାନେ ଖୁସି ତ', 'ଅନେକ ରଙ୍ଗର ଢେଉ', 'ଇନ୍ଦ୍ରଜାଲ' ଆଦି ମଞ୍ଚ ନାଟକରେ ଅଭିନୟ କରିଛି। ମ୍ୟୁଜିକ୍ ଭିଡିଓ 'ନାଁ'ରେ ଜୀବନ', 'ଛାତିକୁ ହାଣି ଦେଉଛ', 'ଦୀନବନ୍ଧୁ' ଭଜନ ଆଦିରେ କାମ କରିଛି। 'ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂ' ରିଆଲିଟି ଶୋ'ରେ ଫାଷ୍ଟ ରନର୍ସଅପ୍ ହେଲି। ଜି ସାର୍ଥକର 'ସୁନୟନା'ରେ ପ୍ରୀତି ଚରିତ୍ରରେ କାମ କରିଛି। ତେଣୁ ଅଭିନୟ ଜଗତକୁ ଏବେ ଆପଣେଇ ନେଇଛି।

**ରିଲିଜ୍ ଅପେକ୍ଷାରେ ଥିବା 'ଚକ୍ରାନ୍ତ' ଆପଣଙ୍କ ଡେବ୍ୟୁ ସିନେମା, ଏଥିରେ କିପରି ସୁଯୋଗ ପାଇଲେ ?**

- ପିନୁ ସାର୍ 'ସୁନୟନା'ରେ ମୋର ଅଭିନୟ ଦେଖିଥିଲେ। ସେ 'ଚକ୍ରାନ୍ତ'ରେ କାମ କରିବାକୁ ପ୍ରସ୍ତାବ ଦେଇଥିଲେ। 'ଚକ୍ରାନ୍ତ'ର କାହାଣୀ ମୋତେ ବହୁତ ଭଲ ଲାଗିଥିଲା। ଏଥିରେ ମୁଁ ପୁଲିସ ଅଫିସର ରୁଦ୍ରା ସିଂ ଭୂମିକାରେ ଅଭିନୟ କରୁଛି। ଏହି ସିନେମାଟି ସାମାଜିକ ବାର୍ତ୍ତା ଦେଉଛି। ଗ୍ରାମାଞ୍ଚଳରୁ ଆସି ଜଣେ ଝିଅ ସହରାଞ୍ଚଳରେ କିପରି କୁସଙ୍ଗରେ ପଡୁଛି ତାହା ଦେଖିବାକୁ ମିଳୁଛି। ଟିମ୍ ମେମ୍ବରଙ୍କ ସହ କାମ କରି ବହୁତ ଭଲ ଲାଗିଛି। ଯେହେତୁ ଚରିତ୍ରଟି ମୋ ପାଇଁ ନୂଆ ଥିଲା ଭଲ ଅଭିନୟ କରିବାକୁ ପରିଶ୍ରମ କରିଛି।

**'ଚକ୍ରାନ୍ତ' ସିନେମା ପାଇଁ କେମିତି ପ୍ରସ୍ତୁତ ହୋଇଥିଲେ?**

- ମୁଁ ପ୍ରକୃତରେ ଚୁପ୍‌ଚାପ। ହେଲେ ପୁଲିସ ଅଫିସର ଭାବେ କାମ କରିବାକୁ ମୋ ବ୍ୟବହାରରେ ଟିକେ ପରିବର୍ତ୍ତନ ଆଣିବାକୁ ପଡ଼ିଥିଲା। ଏହି ଚରିତ୍ରକୁ ଦମଦାର୍ କରିବାକୁ ଶତ ପ୍ରତିଶତ ଚେଷ୍ଟା କରିଛି।

**ପ୍ରଥମେ ଥର ପାଇଁ କ୍ୟାମେରାକୁ ସାମ୍ନା କରିବାରେ ଭୟ ଲାଗିଥିଲା?**

- ଯେହେତୁ ଥିଏଟରରେ କାମ କରିଥିଲି, ତେଣୁ କାମକୁ ନେଇ ଭୟ ନଥିଲା। କିନ୍ତୁ ହଁ ଟିକେ ନର୍ଭସ ଥିଲି।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ପାଆନ୍ତି?**

- ପେଣ୍ଟିଂ କରେ। ନାଚେ, ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହୁଏ।

**ଡ୍ରିମ୍ ରୋଲ୍?**

- ପ୍ରତ୍ୟେକଟି ଚରିତ୍ରରେ ମୋତେ କାମ କରିବାର ଇଚ୍ଛା ରହିଛି। କାରଣ ଜଣେ କଳାକାର ପାଇଁ ପ୍ରତିଟି ଚରିତ୍ର ବେଶ୍ ଗୁରୁତ୍ୱପୂର୍ଣ୍ଣ।

**ରିଆଲିଟି ଶୋ'କୁ ଆସୁଥିବା ପିଲାମାନେ କିଭଳି ପ୍ରସ୍ତୁତ ହେବା ଦରକାର?**

- ଆଜିକାଲି ଅନ୍‌ଲାଇନ୍‌ରେ ସବୁକିଛି କାମ ସହଜ ହେଉଛି। ତେଣୁ ଗୋଟିଏ କଥା କହିବି ଏହି ଲାଇନ୍‌କୁ ଯେଉଁମାନେ ଆସୁଛନ୍ତି ସିରିୟସ୍ ହୋଇ ଆସିବା ଦରକାର। ସିରିୟସ୍ ହୋଇ ଆସିବା ଜରୁରି। କାହା ଜରିଆରେ ନ ଆସି ନିଜ ପ୍ରତିଭା ବଳରେ ଆସିବା ସର୍ବୋତ୍ତମ। ଏହାଦ୍ୱାରା ଜଣେ ନିଜର ଅନ୍ତର୍ନିହିତ ପ୍ରତିଭାର ପ୍ରଦର୍ଶନ କରିବାର ସୁଯୋଗ ପାଇବ।

**ଆଗାମୀ ଯୋଜନା?**

- ଭଲ କାହାଣୀ, ଭଲ ନିର୍ଦ୍ଦେଶକ ଏବଂ ଟିମ୍ ମିଳିଲେ କାମ କରିବାକୁ ଚାହିଁବି।

## ଭାରତର ସାନ୍ତ୍ୱନାମୂଳକ ବିଜୟ, ଅଷ୍ଟ୍ରେଲିଆ ୨-୧ରେ ଜିତିଲା ସିରିଜ୍

# ଶେଷରେ ଚମକିଲେ ରୋହିତ-କୋହଲି




ସିଡ୍‌ନୀ,୨୫।୧୦(ଏଜେନ୍ସି): ଭାରତର ଦୁଇ କିଂବଦନ୍ତୀ ଖେଳାଳି ରୋହିତ ଶର୍ମାଙ୍କ ୩୩ତମ ଶତକ ଓ ବିରାଟ କୋହଲି (ଅପରାଜିତ ୭୪ରନ୍)ଙ୍କ ୭୫ତମ ଅର୍ଦ୍ଧଶତକ ବଳରେ ଏଠାରେ ଶନିବାର ଅନୁଷ୍ଠିତ ତୃତୀୟ ତଥା ଶେଷ ଦିନିକିଆରେ ଭାରତ ୯ ୱିକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହି ବିଜୟ ସତ୍ତ୍ୱେ ଅଷ୍ଟ୍ରେଲିଆ ୨-୧ରେ ଏହି ସିରିଜ୍‌କୁ ଜିତିନେଇଛି। ଏଠାରେ ଦିନିକିଆ ଜୀବନର ୩୩ତମ ଶତକ ସହ ଅପରାଜିତ ୧୨୧ ରନ୍ ଓ ୨ଟି କ୍ୟାଚ୍ ନେଇଥିବା ରୋହିତଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ଦୁଇଟି ମ୍ୟାଚ୍‌ରେ ଗୋଟିଏ ଶତକ ଓ ଗୋଟିଏ ଅର୍ଦ୍ଧଶତକ ସହ ୨୦୨ ରନ୍ କରିଥିବା ରୋହିତଙ୍କୁ ମଧ୍ୟ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

### ● କ୍ରମାଗତ ୧୮ ଥର ଟସ୍‌ରେ ପରାଜୟ

ଏହି ମ୍ୟାଚ୍‌ରେ ଭାରତ କ୍ରମାଗତ ୧୮ ଥର ଲାଗି ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୨୩୬ ରନ୍ କରିଥିଲା। ଜବାବରେ ୩୮.୩ ଓଭର ଏବଂ ୯ଟି ୱିକେଟ ବାକିଥାଇ ଭାରତ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଭାରତ ପକ୍ଷରୁ ରୋହିତ ଶର୍ମା ୧୨୧ ଓ ବିରାଟ କୋହଲି ୭୪ ରନ୍‌ରେ ଅପରାଜିତ ରହିଥିଲେ। ୨୩୭ ରନ୍‌ର ଟାର୍ଗେଟ୍‌କୁ ପିଛା କରିବା ପରେ ରୋହିତଙ୍କ ସହ ପ୍ରଥମ ୱିକେଟରୁ ୬୯ ରନ୍ ଉଠାଇବା ପରେ ଅଧିନାୟକ ଗିଲ ଆଉଟ ହୋଇଥିଲେ। ଗିଲଙ୍କ ବ୍ୟାଟରୁ ଚଳିତ ସିରିଜରେ ସର୍ବାଧିକ ୨୪ ରନ୍ ମିଳିଥିଲା। ଏହାପରେ ଦୁଇ କିଂବଦନ୍ତୀ ଖେଳାଳି ରୋହିତ ଓ କୋହଲି ମାଷ୍ଟରକ୍ଲାସ୍ ଖେଳ ପ୍ରଦର୍ଶନ କରି ଅବିଭକ୍ତ ଦ୍ୱିତୀୟ ୱିକେଟରୁ ୧୬୮ ରନ୍ ଉଠାଇ ଭାରତକୁ ସହଜ ବିଜୟ ପ୍ରଦାନ କରିଥିଲେ। ଉଭୟ ଖେଳାଳି ଏଠାରେ କେବଳ ଆଉଟ ହେବାର ଗୋଟିଏ ସୁଯୋଗ ଦେଇଥିଲେ। ଉଭୟ ଖେଳାଳି ଏହି ମ୍ୟାଚ୍‌ରେ ଏକାଧିକ ରେକର୍ଡ କରିବା ସହ ସ୍ମରଣୀୟ ବିଜୟ ହାସଲ କରି ଅଷ୍ଟ୍ରେଲିଆକୁ ଅଲବିଦା କହିଥିଲେ।

### ● ହର୍ଷିତ ରାଣାଙ୍କ ଦବ୍‌ଦବା

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ପରେ ଅଷ୍ଟ୍ରେଲିଆ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ପ୍ରଥମ ୱିକେଟରୁ ୯.୨ ଓଭରରେ ୬୧ ରନ୍ ହୋଇଥିଲାବେଳେ ଟ୍ରାଭିସ୍ ହେଡ୍‌ଙ୍କ ୨୯ ରନ୍‌ରେ ଆଉଟ କରି ମହମ୍ମଦ ସିରାଜ ଭାରତକୁ ବ୍ରେକ୍‌ଥ୍ରୁ ଦେଇଥିଲେ। ଏହା ପରେ ସମସ୍ତ ଟପ୍ ଅର୍ଡର ବ୍ୟାଟର ଭଲ ଆରମ୍ଭ କରିଥିଲେ କିନ୍ତୁ ନିୟମିତ ୱିକେଟ ହରାଇଥିଲା। ମିଚେଲ ମାର୍ଶ ୪୧, ମାଥ୍ୟୁ ସର୍ଟ ୩୦, ମ୍ୟାଟ ରେନସା ଜୀବନର ପ୍ରଥମ ଅର୍ଦ୍ଧଶତକ ସହ ୫୬ ରନ୍ କରିଥିଲେ। ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦରଙ୍କ ଟାଇଟ ବୋଲିଂ ଯୋଗୁଁ ରନ୍ ସଂଗ୍ରହ କଷ୍ଟକର ହୋଇଥିଲା। ଭାରତର ମିଡିୟମ୍ ପେସ୍‌ର ହର୍ଷିତ ରାଣା ପ୍ରତିପକ୍ଷ ୱିକେଟ ରକ୍ଷକ ଆଲେକ୍ସ କ୍ୟାରୀଙ୍କୁ ଆଉଟ କରି ଖେଳର ଗତିପଥ ବଦଳାଇଦେଇଥିଲେ। କ୍ୟାରୀଙ୍କୁ ଆଉଟ କରିବାକୁ ଶ୍ରେୟସ ଆୟରର ଏକ ଚମତ୍କାର କ୍ୟାଚ୍ ଧରିଥିଲେ ଓ ଆହତ ହୋଇ ପଡ଼ିଆ ଛାଡିଥିଲେ। ଏହି ସମୟରେ ହର୍ଷିତ ରାଣା ଆଉ ୩ଟି ୱିକେଟ ନେଇ ଅଷ୍ଟ୍ରେଲିଆକୁ ୨୩୬ ରନ୍‌ରେ ସୀମିତ ରଖିଥିଲେ। ୩୯ ରନ୍‌ରେ ତାଙ୍କୁ ସର୍ବାଧିକ ୪ଟି ଓ ସୁନ୍ଦରଙ୍କୁ ୨ଟି ୱିକେଟ ମିଳିଥିଲା। ଅନ୍ୟ ସମସ୍ତେ ଜଣେ ଲେଖାଏଁ ଖେଳାଳିଙ୍କୁ ପଡ଼ିଆରୁ ବିଦା କରିଥିଲେ।

### ● ରୋହିତଙ୍କ ୫୦ତମ ଶତକ

ପୂର୍ବତନ ଅଧିନାୟକ ରୋହିତ ଶର୍ମା ଏଠାରେ ୧୦୫ ବଲ୍‌ରୁ ୩୩ତମ ଦିନିକିଆ ଏବଂ ୫୦ତମ ଅନ୍ତର୍ଜାତୀୟ ଶତକ ପୂରଣ କରିଥିଲେ। ସେ ମଧ୍ୟ ଟେଷ୍ଟରେ ୧୨ଟି ଓ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ୫ଟି ଶତକ ହାସଲ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ଏହା ତାଙ୍କର ୯ମ ଓ ଅଷ୍ଟ୍ରେଲିଆରେ ୬ଷ୍ଠ ଶତକ ଥିଲା। ଏହି ମ୍ୟାଚ୍‌ରେ ସେ ଦ୍ୱିତୀୟ ୱିକେଟରେ ବିରାଟ କୋହଲିଙ୍କ ସହ ୧୬୮ ରନ୍ ଉଠାଇଥିଲେ। ଏହା ଫଳରେ ଦିନିକିଆରେ ସେ ଓ କୋହଲି ୧୨ଥର ୧୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିବାରେ ତେନ୍ଦୁଲକର-ଗାଙ୍ଗୁଲିଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଅଷ୍ଟ୍ରେଲିଆରେ ଭାରତ ଏହାକୁ ମିଶାଇ ୩ଥର ବିଜୟୀ ହୋଇଛି। ଏହି ୩ଟି ମ୍ୟାଚରେ ରୋହିତ ବଡ଼ ସ୍କୋର କରିଛନ୍ତି। ସେ ୨୦୦୮ରେ ଅପରାଜିତ ୬୬, ୨୦୧୬ରେ ୯୯ ଓ ୨୦୨୫ରେ ଅପରାଜିତ ୧୨୧ ରନ୍ କରିଥିଲେ।

### ● ଦିନିକିଆରେ କୋହଲି ଦ୍ୱିତୀୟ ସର୍ବାଧିକ ସ୍କୋରର୍

ଏହି ମ୍ୟାଚ୍‌ରେ ଅନ୍ୟତମ କିଂବଦନ୍ତୀ ଖେଳାଳି ବିରାଟ କୋହଲି ୭୪ ରନ୍ କରି ଅପରାଜିତ ରହିଛନ୍ତି। ଏହା ହେଉଛି ତାଙ୍କ ଦିନିକିଆ କ୍ୟାରିୟରର ୭୫ତମ ଅର୍ଦ୍ଧଶତକ। ଏହା ସହ ସେ ମଧ୍ୟ ସଚିନ ତେନ୍ଦୁଲକରଙ୍କ ପଛକୁ ଦିନିକିଆ କ୍ରିକେଟରେ ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ବିବେଚିତ ହୋଇଛନ୍ତି। ୪୬୩ ମ୍ୟାଚ୍ ଖେଳି ତେନ୍ଦୁଲକର ୧୮,୪୨୬ ରନ୍ ସଂଗ୍ରହ କରିଛନ୍ତି। ଏଠାରେ କୋହଲି ୩୦୫ ତମ ମ୍ୟାଚ୍ ଖେଳି ୧୪,୨୫୫ ରନ୍ କରି ଶ୍ରୀଲଙ୍କାର କୁମାର ସାଙ୍ଗାକାରାଙ୍କୁ ପଛରେ ପକାଇ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ସାଙ୍ଗାକାରା ୪୦୪ ମ୍ୟାଚ୍‌ରୁ ୧୪,୨୩୪ ରନ୍ କରିଥିଲେ।

**ଦିନିକିଆ+ ଟି-୨୦ରେ ସର୍ବାଧିକ:** ଉଭୟ ଦିନିକିଆ ଓ ଟି-୨୦ କ୍ରିକେଟର ସ୍କୋରକୁ ମିଶାଇଲେ କୋହଲି ସର୍ବାଧିକ ୧୮,୪୩୭ ରନ୍ କରିଛନ୍ତି। ତାଙ୍କ ପଛକୁ ସଚିନ ତେନ୍ଦୁଲକର ୧୮,୪୩୬ ରନ୍ କରି ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସୂଚନାଯୋଗ୍ୟ ସଚିନ ମାତ୍ର ଗୋଟିଏ ଟି-୨୦ ମ୍ୟାଚ୍ ଖେଳି ୧୦ ରନ୍ କରିଥିଲାବେଳେ କୋହଲି ୧୨୫ଟି ମ୍ୟାଚ୍‌ରୁ ୪,୧୮୮ ରନ୍ କରିଛନ୍ତି।

### ● ଅଲ୍‌ବିଦା ଅଷ୍ଟ୍ରେଲିଆ

ରୋହିତ ଶର୍ମା ଓ ବିରାଟ କୋହଲି ଏବେ କେବଳ ଦିନିକିଆ ଫର୍ମାଟରେ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଛନ୍ତି। ଦକ୍ଷିଣ ଆଫ୍ରିକାରେ ୨୦୨୭ରେ ହେବାକୁ ଥିବା ଦିନିକିଆ ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆରେ ଭାରତ ଆଉ କୌଣସି ସିରିଜ୍ କିମ୍ବା ଟୁର୍ଣ୍ଣାମେଣ୍ଟ ଖେଳିବ ନାହିଁ। ଏଣୁ ଏହା ଉଭୟଙ୍କ ଲାଗି ଅଷ୍ଟ୍ରେଲିଆରେ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍। ଏଣୁ ରୋହିତ ଶର୍ମା ତାଙ୍କ ପ୍ରତିକ୍ରିୟାରେ ଅଷ୍ଟ୍ରେଲିଆରେ ଖେଳିବାକୁ ଭଲ ପାଆନ୍ତି ବୋଲି କହିଥିଲେ। ଶେଷରେ ସେ ଅଲ୍‌ବିଦା ଅଷ୍ଟ୍ରେଲିଆ କହି ତାଙ୍କ ପ୍ରତିକ୍ରିୟା ଶେଷ କରିଥିଲେ। ଅଷ୍ଟ୍ରେଲିଆରେ ଉଭୟ ଖେଳାଳି ବେଶ ସଫଳ ହୋଇଥିଲେ। ଆଜି ସିଡ୍‌ନୀରେ ମଧ୍ୟ ଉଭୟ ଖେଳାଳିଙ୍କୁ ଦର୍ଶକମାନେ ଅଭିବାଦନ ଜଣାଇ ବିଦାୟ ଦେଇଥିଲେ। ଏହି ସିରିଜ୍ ପରେ ଉଭୟ ଭାରତ ପକ୍ଷରୁ ନଭେମ୍ବର ୩୦ରୁ ଆରମ୍ଭ ହେଉଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍‌ରେ ଖେଳିପାରନ୍ତି। ଘରୋଇ ମାଟିରେ ଏହି ସିରିଜ୍ ରାଞ୍ଚି, ରାୟପୁର ଓ ବିଶାଖାପାଟଣାରେ ଖେଳାଯିବ।

## ୨୯ରୁ ଭାରତ-ଅଷ୍ଟ୍ରେଲିଆ ଟି-୨୦ ସିରିଜ୍

ସିଡନୀ,୨୫।୧୦(ଏଜେନ୍ସି): ଦିନିକିଆ ସିରିଜ୍ ପରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ କାନବେରାରେ ଅକ୍ଟୋବର ୨୯ରୁ ଆରମ୍ଭ ହେବ। ଏଥିଲାଗି ଉଭୟ ଦଳ ସେମାନଙ୍କ ଖେଳାଳି ତାଲିକା ଘୋଷଣା କରିସାରିଛନ୍ତି। ସୂର୍ଯ୍ୟକୁମାର ଯାଦବ ଭାରତର ଓ ମିଚେଲ ମାର୍ଶ ଅଷ୍ଟ୍ରେଲିଆର ନେତୃତ୍ୱ ନେବେ। ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ କାନବେରାରେ ଅକ୍ଟୋବର ୨୯, ଦ୍ୱିତୀୟ ମ୍ୟାଚ୍ ମେଲବୋର୍ଣ୍ଣରେ ୩୧, ତୃତୀୟ ମ୍ୟାଚ୍ ହୋବାର୍ଟରେ ନଭେମ୍ବର ୨, ଗୋଲ୍ଡ କୋଷ୍ଟରେ ଚତୁର୍ଥ ମ୍ୟାଚ୍ ନଭେମ୍ବର ୬ ଓ ବ୍ରିସ୍‌ବେନ୍‌ରେ ପଞ୍ଚମ ତଥା ଶେଷ ମ୍ୟାଚ୍ ନଭେମ୍ବର ୮ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

**ଖେଳ ସୂଚୀ- ଟି-୨୦ ଅନ୍ତର୍ଜାତୀୟ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୨୯।୧୦ | ପ୍ରଥମ ଟି-୨୦ | କାନବେରା |
| ୩୧।୧୦ | ଦ୍ୱିତୀୟ ଟି-୨୦ | ମେଲବୋର୍ଣ୍ଣ |
| ୨।୧୧ | ତୃତୀୟ ଟି-୨୦ | ହୋବାର୍ଟ |
| ୬।୧୧ | ଚତୁର୍ଥ ଟି-୨୦ | ଗୋଲ୍ଡ କୋଷ୍ଟ |
| ୮।୧୧ | ପଞ୍ଚମ ଟି-୨୦ | ବ୍ରିସ୍‌ବେନ୍ |

**ଖେଳ ଆରମ୍ଭ:** ଅପରାହ୍ଣ ୧ଟା ୪୫ ମିନିଟ୍, ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓ ହ

**ଭାରତୀୟ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ୍ (ଉପଅଧିନାୟକ), ଅଭିଷେକ ଶର୍ମା, ତିଳକ ବର୍ମା, ସଞ୍ଜୁ ସାମସନ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ଶିବମ ଦୁବେ, ରିଙ୍କୁ ସିଂ, ଜିତେଶ ଶର୍ମା (ୱିକେଟରକ୍ଷକ), ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

**ଅଷ୍ଟ୍ରେଲିଆ ଦଳ:** ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ଜାଭିୟର ବାର୍ଟଲେଟ୍, ନାଥାନ ଏଲିସ୍, ଟିମ୍ ଡେଭିଡ୍, ଜୋଶ ଇଂଲିଶ ଓ ଜୋଶ ଫିଲିପ୍ (ଉଭୟେ ୱିକେଟରକ୍ଷକ), ଜୋଶ ହାଜ୍‌ଲେଉଡ୍, ସିନ୍ ଆବଟ, ମିଚେଲ ଓଏନ, ମାଥ୍ୟୁ ସର୍ଟ, ମାର୍କସ ଷ୍ଟୋଇନିସ୍, ଆଦାମ ଜାମ୍ପା। (ପ୍ରଥମ ଦୁଇଟି ମ୍ୟାଚ୍)

## ଏସିଆନ୍ ୟୁଥ୍ ଗେମ୍ସ: ଟିଙ୍କି, ପ୍ରୀତି ଓ ସାର୍ଥକ ଭାଗନେବେ





ଭୁବନେଶ୍ୱର, ୨୫ ।୧୦ (ସମିସ): ବାହାରିନରେ ଚାଲିଥିବା ଏସିଆନ ୟୁଥ୍ ଗେମ୍ସରେ ଓଡ଼ିଶାର ୩ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଭାରତୀୟ ଭାରୋତ୍ତୋଳନ ଦଳରୁ ଖେଳିବା ଲାଗି ଟିଙ୍କି ମୋହନୀ ମଲ୍ଲିକ ଓ ପ୍ରୀତିସ୍ମିତା ଭୋଇ ମନୋନୀତ ହୋଇଛନ୍ତି। ସେହିଭଳି ଓଡ଼ିଶାର ସାର୍ଥକ ଆର୍ଯ୍ୟା ଭାରତୀୟ ଟେବଲ୍ ଟେନିସ ଦଳରେ ସ୍ଥାନ ପାଇଛନ୍ତି। ବାଳିକା ୬୩ କିଗ୍ରାରୁ କମ୍ ଓଜନବର୍ଗରେ ଅଂଶଗ୍ରହଣ କରିବାକୁ ଥିବା ଟିଙ୍କି ବର୍ତ୍ତମାନ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ (କିସ୍)ରେ ଅଧ୍ୟୟନ କରୁଛନ୍ତି। ଏହି ଅବସରରେ କିଟ୍ ଓ କିସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ସମେତ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଛି।

## ବିନୁ ମଙ୍କଡ଼ ଟ୍ରଫି: ଓଡ଼ିଶାର ବିଦାୟ

ଭୁବନେଶ୍ୱର, ୨୫ ।୧୦ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିନୁ ମଙ୍କଡ଼ ଟ୍ରଫିରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ଶନିବାର ରାଜକୋଟରେ ଖେଳାଯାଇଥିବା ପ୍ରି-କ୍ୱାର୍ଟରଫାଇନାଲ ମୁକାବିଲାରେ ତାମିଲନାଡୁ ୧୩୪ ରନରେ ଓଡ଼ିଶାକୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। ଭିକେ ଭିନୀତ (୧୩୯ ରନ) ଓ ଅଭିନବ କାନନ (୧୦୧)ଙ୍କ ଶତକୀୟ ପାଳି ବଳରେ ପ୍ରଥମେ ବ୍ୟାଟିଂ କରିଥିବା କର୍ଣ୍ଣାଟକ ୫୦ ଓଭରରେ ୫ ୱିକେଟ୍ ହରାଇ ୩୬୬ ରନର ବିଶାଳ ସ୍କୋର କରିଥିଲା। ଓଡ଼ିଶାର ସମ୍ବିତ ବେଜ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଓଡ଼ିଶା ୪୭ ଓଭରରେ ୨୫୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଆଦିତ୍ୟ ଆନନ୍ଦ ଅପରାଜିତ ୮୯ ଓ ବିଶ୍ୱଜିତ୍ ପ୍ରଧାନ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ।

### ଅଷ୍ଟ୍ରେଲିଆ ପାରା ବ୍ୟାଡ୍‌ମିଣ୍ଟନ

## ପ୍ରମୋଦଙ୍କୁ ୨ ସ୍ୱର୍ଣ୍ଣ, ଦୀପ୍‌ଙ୍କୁ କାଂସ୍ୟ

ଭୁବନେଶ୍ୱର, ୨୫ ।୧୦ (ସମିସ): ପାରାଅଲିମ୍ପିକ ଚାମ୍ପିଅନ ପ୍ରମୋଦ ଭଗତ ଶେଷ ହୋଇଥିବା ଅଷ୍ଟ୍ରେଲିଆ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ ଟୁର୍ଣ୍ଣାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ଡବଲ୍ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍ ୩ ଇଭେଣ୍ଟର ଫାଇନାଲରେ ପ୍ରମୋଦ ୨୧-୧୫, ୨୧-୧୭ ସିଧାସଳଖ ଗେମରେ ନିଜ ଦେଶର ମନୋଜ ସରକାରଙ୍କୁ ପରାସ୍ତ କରିଥିଲେ। ସେହିଭଳି ପୁରୁଷ ଡବଲ୍ସରେ ମଧ୍ୟ ସେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସୁକାନ୍ତ କଦମଙ୍କୁ ସାଥୀ କରି ଖେଳିଥିବା ପ୍ରମୋଦ ଫାଇନାଲରେ ୨୧-୧୧, ୧୯-୨୧, ୨୧-୧୮ ଗେମରେ ଅନ୍ୟତମ ଭାରତୀୟ ଯୋଡ଼ି ଉମେଶ ବିକ୍ରମ କୁମାର ଓ ସୂର୍ଯ୍ୟକାନ୍ତ ଯାଦବଙ୍କୁ ହରାଇଥିଲେ। ପ୍ରମୋଦଙ୍କ ସହ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଆ ଖେଳାଳି ଦୀପରଞ୍ଜନ ବିଶୋୟୀ ମଧ୍ୟ କାଂସ୍ୟ ପଦକ ଜିତିଛନ୍ତି। ସେ ପୁରୁଷ ଡବଲ୍ସରେ ଏହି ପଦକ ବିଜୟୀ ହୋଇଥିଲେ।




## ଫାଇନାଲ ସହ କଳିଙ୍ଗରେ ୧୪ ମ୍ୟାଚ୍


ଭୁବନେଶ୍ୱର, ୨୫ ।୧୦ (ସମିସ): ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଆଗାମୀ ୨୦୨୫-୨୬ ସିଜନ ଏଥର ମହିଳା ଇଭେଣ୍ଟରୁ ଆରମ୍ଭ ହେବ। ଡିସେମ୍ବର ୨୮ରୁ ଜାନୁଆରୀ ୧୦ ତାରିଖ ପର୍ଯ୍ୟନ୍ତ ଏହା ରାଞ୍ଚିର ମାରାଙ୍ଗ ଗୋମକେ ଜୟପାଲ୍ ସିଂ ମୁଣ୍ଡା ଷ୍ଟାଡିୟମରେ ଖେଳାଯିବ। ଡିସେମ୍ବର ୨୮ରେ ରାଞ୍ଚି ରୟାଲ୍ସ ଓ ଏସ୍‌ଜି ପାଇପର୍ସ ମଧ୍ୟରେ ମହିଳା ଲିଗ୍‌ର ଉଦ୍‌ଘାଟନୀ ମୁକାବିଲା ଅନୁଷ୍ଠିତ ହେବ। ମହିଳା ଲିଗ୍‌ରେ ଅନ୍ୟ ଦୁଇ ଦଳ ଭାବେ ବେଙ୍ଗଲ ଟାଇଗର୍ସ ଓ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ ଅଂଶଗ୍ରହଣ କରିବେ। ଅପରପକ୍ଷରେ ହକି ଇଣ୍ଡିଆ ଲିଗ୍‌ର ପୁରୁଷ ଇଭେଣ୍ଟ ଏଥର ୩ଟି ପ୍ରମୁଖ ଭେନ୍ୟୁ ଚେନ୍ନାଇ, ରାଞ୍ଚି ଓ ଭୁବନେଶ୍ୱରରେ ଆୟୋଜିତ ହେବ। ଜାନୁଆରୀ ୩ରେ ଚେନ୍ନାଇର ମେୟର ରାଧାକ୍ରିଷ୍ଣ ହକି ଷ୍ଟାଡିୟମରେ ଘରୋଇ ତାମିଲନାଡୁ ଡ୍ରାଗନ୍ସ ଓ ହାଇଦରାବାଦ୍ ତୁଫାନ୍ସ ମ୍ୟାଚ୍ ସହ ଲିଗ୍ ଆରମ୍ଭ ହେବ। ଜାନୁଆରୀ ୯ ତାରିଖ ପର୍ଯ୍ୟନ୍ତ ଏଠାରେ ମ୍ୟାଚ୍ ଖେଳାଯିବ। ଏହାପରେ ଜାନୁଆରୀ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ରାଞ୍ଚିରେ ଅନୁଷ୍ଠିତ ହେବ। ଶେଷରେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଜାନୁଆରୀ ୧୭ରୁ ଚୂଡ଼ାନ୍ତ ପର୍ଯ୍ୟାୟ ଖେଳାଯିବ। କଳିଙ୍ଗରେ ଏଥର ମୋଟ୍ ୧୪ଟି ମ୍ୟାଚ୍ ଖେଳାଯିବ। ଯେଉଁଥିରେ ଜାନୁଆରୀ ୨୬ର ଫାଇନାଲ ମ୍ୟାଚ୍ ସହ କ୍ୱାଲିଫାୟର ୧ ଓ ୨, ଏଲିମିନେଟର୍ ଓ କାଂସ୍ୟ ପଦକ ମ୍ୟାଚ୍ ସାମିଲ ରହିଛି। ପୁରୁଷ ଲିଗ୍‌ରେ ଅଂଶଗ୍ରହଣ କରୁଥିବା ଓଡ଼ିଶାଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଜାନୁଆରୀ ୪ରେ ରାଞ୍ଚି ରୟାଲ୍ସ ସହ ଖେଳି ଅଭିଯାନ ଆରମ୍ଭ କରିବ।

**ହକି ଇଣ୍ଡିଆ ଲିଗ୍**

### ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

## କିଙ୍ଗ୍‌ଙ୍କୁ ୭ ୱିକେଟ୍; ଅଷ୍ଟ୍ରେଲିଆର ବିଜୟ ଛକା

ଇନ୍ଦୋର, ୨୫।୧୦ (ଏଜେନ୍ସି): ସ୍ଥାନୀୟ ହୋଲକର୍ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଏକ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଏକପାଖିଆ ଭାବେ ୭ ୱିକେଟ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୯୮ ରନର ଛୋଟିଆ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ୧୬.୫ ଓଭରରେ ୩ ୱିକେଟ୍ ହରାଇ ହାସଲ କରିନେଇଥିଲା। ଜର୍ଜିଆ ଭଲ୍ ୩୮ ଓ ବେଥ ମୁନି ୪୨ ରନ କରିଥିଲେ। ପୂର୍ବରୁ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ପ୍ରତିପକ୍ଷ ଲେଗ୍-ସ୍ପିନର ଆଲାନ କିଙ୍ଗ୍‌ଙ୍କୁ ସାମ୍ନା କରି ନ ପାରି ୨୪ ଓଭରରେ ମାତ୍ର ୯୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଅଧିନାୟିକା ଲୌରା ୱୋଲଭର୍ଡ୍ଟ (୩୧ ରନ), ସିନାଲୋ ଜାଫତା (୨୯) ଓ ନାଦିନେ ଡି କ୍ଲାର୍କ (୧୪) କେବଳ ଦୁଇଅଙ୍କ ବିଶିଷ୍ଟ ସ୍କୋର କରିପାରିଥିଲେ। ଆଲାନ କିଙ୍ଗ୍ ୭ ଓଭର ବୋଲିଂ କରି ୨ ମେଡେନ ସହ ୧୮ ରନ ବ୍ୟୟରେ ୭ଜଣ ଆଫ୍ରିକା ବ୍ୟାଟର୍‌ଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଏଥିସହ ସେ ମହିଳା ଦିନିକିଆ ବିଶ୍ୱକପ୍ ଇତିହାସରେ ପ୍ରଥମ ବୋଲର ଭାବେ ୭ ୱିକେଟ୍ ସଫଳତା ପାଇଛନ୍ତି। ପୂର୍ବରୁ ବିଶ୍ୱକପ୍‌ରେ ଶ୍ରେଷ୍ଠ ବୋଲିଂ ସ୍ପେଲ ନ୍ୟୁଜିଲାଣ୍ଡର ଜାକଲିନ ଲର୍ଡଙ୍କ ନାମରେ ରହିଥିଲା। ଜାକଲିନ ୪୩ ବର୍ଷ ତଳେ ୧୯୮୨ ବିଶ୍ୱକପ୍‌ରେ ଭାରତ ବିପକ୍ଷରେ ୧୦ ରନରେ ୬ଟି ୱିକେଟ୍ ନେଇଥିଲେ।




ଅଷ୍ଟ୍ରେଲିଆ ଦଳ ଏଥିସହ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦିନିକିଆ ବିଶ୍ୱକପ ଇତିହାସରେ ୯ ମ୍ୟାଚ୍ ଖେଳି ସବୁଥିରେ ବିଜୟୀ ହୋଇଛି। ସେହିଭଳି ୨୦୨୨ ବିଶ୍ୱକପ୍‌ରୁ ଅଷ୍ଟ୍ରେଲିଆ କ୍ରମାଗତ ୧୫ତମ ବିଜୟ ହାସଲ କରିଛି। ଚଳିତ ବିଶ୍ୱକପ୍‌ରେ ୭ ମ୍ୟାଚ୍ ଖେଳି ୬ ବିଜୟ ଓ ଗୋଟିଏ ବାତିଲ ସହ ଅଷ୍ଟ୍ରେଲିଆ ଶୀର୍ଷରେ ରହି ସେମିଫାଇନାଲକୁ ପ୍ରବେଶ କରିଛି। ଅକ୍ଟୋବର ୩୦ରେ ଦ୍ୱିତୀୟ ସେମିଫାଇନାଲରେ ଆୟୋଜକ ଭାରତ ସହ ଅଷ୍ଟ୍ରେଲିଆ ସେମିଫାଇନାଲ ଖେଳିବ। ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ ସେମିଫାଇନାଲ ୨୯ରେ ଖେଳାଯିବ।

**ସେମି କାର୍ଯ୍ୟସୂଚୀ**

ପ୍ରଥମ- ଅକ୍ଟୋବର ୨୯
ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା, ଗୌହାଟୀ

ଦ୍ୱିତୀୟ- ଅକ୍ଟୋବର ୩୦:
ଅଷ୍ଟ୍ରେଲିଆ-ଭାରତ, ନଭି ମୁମ୍ବଇ

**ବିଶ୍ୱକପ୍‌ରେ ଆଜି**

ଇଂଲଣ୍ଡ-ନ୍ୟୁଜିଲାଣ୍ଡ
ଖେଳ ଆରମ୍ଭ: ପୂର୍ବାହ୍ଣ ୧୧ଟା
ଭାରତ-ବାଂଲାଦେଶ
ଖେଳ ଆରମ୍ଭ: ଅପରାହ୍ଣ- ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

### ଉତ୍ତର ପ୍ରଦେଶ ବିପକ୍ଷ ରଣଜୀ ଲଢ଼େଇ

## ପଦାର୍ପଣରେ ସମ୍ବିତଙ୍କ ଅର୍ଦ୍ଧଶତକ; ଓଡ଼ିଶା ୨୪୩

ଭୁବନେଶ୍ୱର, ୨୫।୧୦ (ସମିସ): କାନପୁରର ଗ୍ରୀନପାର୍କ ଷ୍ଟାଡିୟମରେ ଘରୋଇ ଉତ୍ତର ପ୍ରଦେଶ ବିପକ୍ଷରେ ଶନିବାରଠାରୁ ଆରମ୍ଭ ହୋଇଥିବା ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ପ୍ରଥମ ପାଳିରେ ୨୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତିବା ପରେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। କିନ୍ତୁ ୩୬ ରନ ମଧ୍ୟରେ ଦୁଇ ଓପନର୍ ସ୍ୱସ୍ତିକ ସାମଲ (୪ ରନ) ଓ ଆଶୀର୍ବାଦ ସ୍ୱାଇଁ (୪ ରନ)ଙ୍କ ସହ ଅଧିନାୟକ ସେନାପତି (୩)ଙ୍କ ୱିକେଟ୍ ହରାଇ ଓଡ଼ିଶା ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ତେବେ ମଧ୍ୟକ୍ରମରେ ଦୁଇ ଅଭିଜ୍ଞ ଖେଳାଳି ସନ୍ଦୀପ ପଟ୍ଟନାୟକ ଓ ଗୋବିନ୍ଦ ପୋଦ୍ଦାର ଉପଯୋଗୀ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ପ୍ରାରମ୍ଭିକ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ୪ର୍ଥ ୱିକେଟ୍ ଭାଗୀଦାରିରେ ଉଭୟ ୯୨ ରନ ସଂଗ୍ରହ କରିଥିଲେ। ଏହାପରେ ୩ ରନ ବ୍ୟବଧାନରେ ସନ୍ଦୀପ (୫୩ ରନ), ରାଜେଶ ଧୁପର (୦) ଓ ଗୋବିନ୍ଦ (୬୪ ରନ) ଆଉଟ୍ ହେବା ଫଳରେ ଓଡ଼ିଶା ପୁଣିଥରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ନିମ୍ନକ୍ରମରେ ପଦାର୍ପଣକାରୀ ସମ୍ବିତ ବରାଳଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ଓ ବୋଲିଂ ଅଲ୍‌ରାଉଣ୍ଡର ରାଜେଶ ମହାନ୍ତିଙ୍କ ଦ୍ରୁତ ବ୍ୟାଟିଂ ଯୋଗୁ ଓଡ଼ିଶା ୭୭.୧ ଓଭରରେ ୨୪୩ ରନ୍‌ର ସମ୍ମାନଜନକ ସ୍କୋର କରିଥିଲା।



ଏଠାରେ ପ୍ରଥମ ଶ୍ରେଣୀ କ୍ୟାରିୟର୍ ଆରମ୍ଭ କରିଥିବା ସମ୍ବିତ ୭ଟି ଚୌକା ଓ ୩ ଛକା ବଳରେ ୫୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିଭଳି ରାଜେଶ ୫୭ ବଲରେ ୪୮ କରିଥିଲେ। ଓଡ଼ିଶାର ଏହି ୪ଜଣ ଖେଳାଳି ମିଳିତ ଭାବେ ୨୨୪ ରନ ସଂଗ୍ରହ କରିଥିବାବେଳେ ଅନ୍ୟ ୭ଜଣ ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ଉତ୍ତରପ୍ରଦେଶ ପକ୍ଷରୁ ଶିଭମ ଶର୍ମା ୩ଟି ଏବଂ ଶିଭମ ମାଭି, ବିପ୍ରରାଜ ନିଗମ ଓ ପ୍ରଶାନ୍ତ ବୀର ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ଉତ୍ତରପ୍ରଦେଶ ଷ୍ଟମ୍ପ ସୁଦ୍ଧା ୭ ଓଭର ଖେଳି କୌଣସି ୱିକେଟ୍ ନ ହରାଇ ୧୭ ରନ ସଂଗ୍ରହ କରିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ବରୋଦା ନିକଟରୁ ୭ ୱିକେଟରେ ହାରିଥିଲା।

### ● ରଣଜୀ ଟ୍ରଫିରେ ବିରଳ ଘଟଣା

## ଗୋଟିଏ ଇନିଂସରେ ସର୍ଭିସେସର ଦୁଇ ବୋଲରଙ୍କ ହ୍ୟାଟ୍ରିକ

ଗୌହାଟୀ, ୨୫ ।୧୦ (ସମିସ): ରଣଜୀ ଟ୍ରଫିର ଦ୍ୱିତୀୟ ରାଉଣ୍ଡ ଖେଳ ଶନିବାରଠାରୁ ଆରମ୍ଭ ହୋଇଛି। ଏହିକ୍ରମରେ ଘରୋଇ ଆସାମ ଓ ସର୍ଭିସେସ ମଧ୍ୟରେ ଏଠାରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ସି'ର ଏକ ମ୍ୟାଚରେ ବିରଳ ଘଟଣା ଦେଖିବାକୁ ମିଳିଛି। ସର୍ଭିସେସର ଦୁଇ ବାମହାତୀ ବୋଲର ଅର୍ଜୁନ ଶର୍ମା ଓ ମୋହିତ ଜାଙ୍ଗରା ଆସାମ ପାଳିରେ ହ୍ୟାଟ୍ରିକ ୱିକେଟ୍ ଅକ୍ତିଆର କରିଥିଲେ। ବାମହାତୀ ସ୍ପିନର ଅର୍ଜୁନ କ୍ରମାଗତ ୩ଟି ବଲରେ ରିୟାନ ପରାଗ, ସୁମିତ ଘାଡିଗାଁଓକର ଓ ଶିବଶଙ୍କର ରୟଙ୍କୁ ଆଉଟ୍ କରି ହ୍ୟାଟ୍ରିକ ଅର୍ଜନ କରିଥିଲେ। ଏହାପରେ ପ୍ରଦ୍ୟୁମ୍ନ ସାଇକିଆ, ମୁଖତାର ହୁସେନ ଓ ଭାର୍ଗବ ଲାହକରଙ୍କୁ ଆଉଟ୍ କରି ବାମହାତୀ ଦ୍ରୁତ ବୋଲର ମୋହିତ ହ୍ୟାଟ୍ରିକ ସଫଳତା ପାଇଥିଲେ। ଫଳରେ ଆସାମ ପ୍ରଥମ ଇନିଂସ ମାତ୍ର ୧୦୩ ରନରେ ସୀମିତ ରହିଥିଲା। ରଣଜୀ ଟ୍ରଫିରେ ଗୋଟିଏ ଇନିଂସରେ ଦୁଇଜଣ ବୋଲର ହ୍ୟାଟ୍ରିକ ୱିକେଟ୍ ନେବା ଏହା ପ୍ରଥମ ଘଟଣା। କିନ୍ତୁ ୧୯୬୨ ରଣଜୀ ଟ୍ରଫିରେ ସର୍ଭିସେସ ପକ୍ଷରୁ ଖେଳି ଯୋଗିନ୍ଦର ସିଂ ରାଓ ନର୍ଦନ ପଞ୍ଜାବର ଦ୍ୱିତୀୟ ଇନିଂସରେ ଦୁଇଥର ହ୍ୟାଟ୍ରିକ ସଫଳତା ସହ ମୋଟ୍ ୬ଟି ୱିକେଟ୍ ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS